78th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୧୧ ● କଟକ ● ସୋମବାର ● ୧୬ ଜୁନ୍-୨୦୨୫ ● ମିଥୁନ-୦୪ ● ସାଲ୍-୧୪୩୧
CUTTACK ● MONDAY ● 16 JUNE-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ଇରାନ୍‌କୁ ଚେତାବନୀ ଦେଲା ଇସ୍ରାଏଲ

# ସାମରିକ ଘାଟୀ ଖାଲି କର

**ନୂଆଦିଲ୍ଲୀ , ତେଲ୍‌ଅଭିଭ୍,(ପିପିଏସ୍):** ଇରାନ ଓ ଇସ୍ରାଏଲ୍ ଶନିବାର ବିଳମ୍ବିତ ରାତିରେ ପୁଣି ପରସ୍ପରକୁ ମିଜାଇଲ୍ ମାଡ଼ କରିଛନ୍ତି। ଉଭୟ ଦେଶ ମଧ୍ୟରେ ୩ଦିନ ଧରି ସଂଘର୍ଷ ଜାରିରହିଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ ଇରାନ୍ ମିଲିଟ୍ରି ଅସ୍ତ୍ରଶସ୍ତ୍ର ଫ୍ୟାକ୍ଟ୍ରି ଓ ଆଖପାଖରେ ରହୁଥିବା ନାଗରିକଙ୍କୁ ତୁରନ୍ତ ଅଞ୍ଚଳ ଖାଲି କରିବାକୁ ଚେତାବନୀ ଦେଇଛି। ଗତ ୩ ଦିନରେ ଇସ୍ରାଏଲ ଆକ୍ରମଣରେ ଇରାନ୍‌ରେ ୧୩୮ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୯ ନ୍ୟୁକ୍ଲିୟର ବୈଜ୍ଞାନିକ ଓ ୨୦ରୁ ଅଧିକ କମାଣ୍ଡର ସାମିଲ। ତେବେ ୩୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଇରାନ୍‌ର ରାଜଧାନୀ ତେହରାନ ସମେତ ୭ ରାଜ୍ୟରେ ଏୟାର ଡିଫେନ୍ସ ସିଷ୍ଟମ ଆକ୍ଟିଭ୍ କରିଦିଆଯାଇଛି। ଇରାନ୍‌ର ପାଲଟା ଆକ୍ରମଣରେ ଇସ୍ରାଏଲର ୧୫୦ ସ୍ଥାନରେ ମିସାଇଲ ମାଡ଼ ହୋଇଛି। ଏଥିରେ ୧୩ ଇସ୍ରାଏଲ ପ୍ରାଣ ହରାଇଥିବା ସମୟରେ ୩୦୦ରୁ ଅଧିକ ଆହତ ହୋଇଛନ୍ତି। ଇସ୍ରାଏଲର ହାଇଫା ସହରର ବାଜାତ ତେଲ ରିଫାଇନାରୀ ସେଣ୍ଟରକୁ ମଧ୍ୟ କ୍ଷତି ପହଞ୍ଚିଛି। ଇରାନ୍ କହିଛି କି ଯଦି ଇସ୍ରାଏଲ ଆକ୍ରମଣ ରୋକିଦେବ ତେବେ ଇରାନ୍ ମଧ୍ୟ ରୋକିଦେବ। ତେବେ ଏଥିରେ ଇସ୍ରାଏଲ ତରଫରୁ ଏପର୍ଯ୍ୟନ୍ତ କୌଣସି ବୟାନ ଆସିନି।



# ପୋଲ ଭୁଶୁଡ଼ି ନଦୀରେ ଭାସିଗଲେ ୩୦ରୁ ଊର୍ଦ୍ଧ୍ୱ

## ବଡ଼ ଅଘଟଣ

**ପୁଣେ,(ଏଜେନ୍ସି):** ମହାରାଷ୍ଟ୍ର ପୁଣେରେ ଘଟିଛି ବଡ଼ ଅଘଟଣ। ତଲେଗାଓଁର କୁଣ୍ଡମାଳରେ ଥିବା ଇନ୍ଦ୍ରାୟଣୀ ନଦୀ ଉପରେ ଥିବା ଏକ ପୋଲ ଭୁଶୁଡ଼ିଯିବାରୁ ୨୫-୩୦ ଲୋକ ଭାସି ଯାଇଛନ୍ତି। ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୫-୬ ଜଣଙ୍କୁ ଉଦ୍ଧାର କରିଥିବା ବେଳେ, ୬ ଜଣଙ୍କ ମୃତଦେହ ମିଳିଥିବା ଜଣାପଡ଼ିଛି। ଏବେ ବି ସର୍ଚ୍ଚ ଅପରେସନ ଜାରିରହିଛି। ଏମାନେ ସମସ୍ତେ ନଦୀରେ ବନ୍ୟାଜଳ ଦେଖିବାକୁ ପୋଲ ଉପରେ ଛିଡ଼ା ହୋଇଥିଲେ। ସୂଚନା ଅନୁଯାୟୀ, ରବିବାର ପ୍ରବଳ ବର୍ଷା କାରଣରୁ ଇନ୍ଦ୍ରାୟଣୀ ନଦୀରେ ଜଳସ୍ତର ବୃଦ୍ଧିପାଇଥିଲା। ଏମିତିରେ ନଦୀରେ ଜଳସ୍ତର ବୃଦ୍ଧିପାଉଥିବା ଦେଖିବାକୁ ବ୍ରିଜ ଉପରେ ଲୋକେ ଭିଡ଼ ଜମାଇଥିଲେ। ଆଉ ଏହି ସମୟରେ ବ୍ରିଜ୍‌ଟି ଭୁଶୁଡ଼ି ପଡ଼ିଥିଲା। ସୂଚନା ମିଳିଛି, ପୋଲଟି ପୂର୍ବରୁ ହିଁ ଖରାପ ଅବସ୍ଥାରେ ଥିଲା। ପ୍ରାୟ ୨-୩ ମାସ ତଳୁ ଏହା ଉପରେ ଗାଡ଼ି ଚଳାଚଳ କରିବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। କିନ୍ତୁ ରବିବାର ନଦୀରେ ବନ୍ୟାଜଳ ଦେଖିବାକୁ ଆସି ଲୋକେ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେପଟେ ସୂଚନା ପାଇ ସ୍ଥାନୀୟ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ନଦୀରେ ସର୍ଚ୍ଚ ଅପରେସନ ଜାରି ରହିଛି। ଏପର୍ଯ୍ୟନ୍ତ ୬ ଜଣଙ୍କ ମୃତ୍ୟୁହୋଇଥିବା ଜଣାପଡ଼ିଥିବାବେଳେ, ୫-୬ ଜଣଙ୍କୁ ନଦୀରୁ ଉଦ୍ଧାର କରିଛନ୍ତି ଉଦ୍ଧାରକାରୀଦଳ। ଘଟଣାସ୍ଥଳରେ ଭିଡ଼ ହୋଇଥିବା ବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଛି। ପ୍ରଶାସନ ଲୋକଙ୍କୁ ନଦୀ ପାଖରେ ଅଯଥା ଭିଡ଼ ନ ଜମାଇବାକୁ ଅପିଲ କରିବା ସହ ସ୍ଥିତି ଉପରେ କଡ଼ା ନଜର ରଖିଛି।




## ରଥଯାତ୍ରା ପାଇଁ ସୁରକ୍ଷା ମନ୍ଥନ

# ଏଆଇ କ୍ୟାମେରା ଜଗିବ ଶ୍ରୀକ୍ଷେତ୍ର

### ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଆପ୍

**ଭୁବନେଶ୍ୱର,(ପିପିଏସ୍):** ଶୃଙ୍ଖଳିତ ଓ ସୁରକ୍ଷିତ ଘୋଷଯାତ୍ରା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ବଡ଼ ଆକ୍ସନ ପ୍ଲାନ୍। ଏଥର ରଥ ଉପରେ ଅଣସେବକ ଚଢ଼ିଲେ ଗିରଫ ହେବେ ବୋଲି ଚେତାଇ ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତା' ସହ ପହଣ୍ଡିରେ ନିୟୋଜିତ ସେବକଙ୍କର ବି ଆଗୁଆ ତାଲିକା ପ୍ରସ୍ତୁତ ହେବ। ସେପଟେ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଏଥର ପୁରୀ ସହରକୁ ଏଆଇ ଜଗିବା ସହ ଭୁବନେଶ୍ୱର ଓ କୋଣାର୍କ ପଟୁ ପୁରୀ ରାସ୍ତାକୁ ସି ସି ଟି ଭି ସର୍ଭିଲାନ୍ସରେ ରଖାଯିବ ବୋଲି ସୂଚନା ଦେଇଛନ୍ତି ଡିଜିପି। ଏଥିସହ ଯାତ୍ରୀ ଭିଡ଼ ରାସ୍ତାରୁ ବର୍ତ୍ତିବା ସହ ପୁରୀରେ ଗାଡ଼ି ପାର୍କିଂସ୍ଥଳ ସମ୍ପର୍କରେ ସୂଚନା ପାଇଁ ଏକ ନୂଆ ଆପ୍ ପ୍ରସ୍ତୁତ ହେଉଥିବା ବି କହିଛନ୍ତି ପୁଲିସ ମହାନିର୍ଦ୍ଦେଶକ। ରଥଯାତ୍ରା ସୁରକ୍ଷା ପାଇଁ ପ୍ରଥମ ଥର ଲାଗିବ ଏଆଇ କ୍ୟାମେରା।



ରଥଯାତ୍ରା ନେଇ ପୁଲିସ ସୁରକ୍ଷା ଚୂଡ଼ାନ୍ତ ହୋଇଛି। ଏ ନେଇ ଭୁବନେଶ୍ୱର ଡିଜିପି କ୍ୟାମ୍ପ ଅଫିସ୍‌ରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ରଥଯାତ୍ରା ସୁରକ୍ଷା ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ବ୍ୟବସ୍ଥା ରହିବ। ଡ୍ରୋନ୍ ଏବଂ ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ହୋଇଛି। ଉତ୍ତରା ଛକରୁ ପୁରୀ, ପୁରୀ ସହର ଏବଂ ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ସିସିଟିଭି ସର୍ଭେଲାନ୍ସରେ ରଖାଯିବ। ରଥଯାତ୍ରା ପାଇଁ ଆପ୍ କରାଯିବ। ଆପ୍ ଜରିଆରେ ପାର୍କିଂ, ବଡ଼ଦାଣ୍ଡକୁ ରାସ୍ତା, ଭିଡ଼ ବିଷୟରେ ସମସ୍ତ ତଥ୍ୟ ପାଇପାରିବେ ଭକ୍ତ। ସେହିଭଳି ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଆପ୍ କରାଯିବ। ଭିଡ଼ ନିୟନ୍ତ୍ରଣ ଏବଂ ଦଳାଚକଟା ଅଘଟଣ ରୋକିବାକୁ ଏହି ଆପ୍ ସାହାଯ୍ୟ କରିବ। ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ନିଷ୍ପତ୍ତି ହୋଇଥିବା ଡିଜିପି ସୂଚନା ଦେଇଛନ୍ତି। ସେପଟେ ରଥଯାତ୍ରା ସମୟରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ମକ୍‌ଡ୍ରିଲ ଓ କଡ଼ା ସୁରକ୍ଷା ବଳୟ ଭିତରେ କିପରି ପୁରୀକୁ ରଖାଯିବ ସେନେଇ ଆଲୋଚନା ହୋଇଛି।

# ଯାଜପୁରରେ ଝାଡ଼ାବାନ୍ତି ବେକାବୁ

## ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ହାଇଆଲର୍ଟ ମୋଡ୍‌ରେ ରଖିବାକୁ ନିର୍ଦ୍ଦେଶ

**ଯାଜପୁର,ଭୁବନେଶ୍ୱର, କେନ୍ଦୁଝର,(ପିପିଏସ୍):** ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଡ଼ୁଛି ଝାଡ଼ାବାନ୍ତି। ଯାଜପୁର ପରେ କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଜିଲ୍ଲାକୁ ବ୍ୟାପିଲାଣି। ହଇଜା ସ୍ଥିତି ସମୀକ୍ଷା ପାଇଁ ରବିବାର ଯାଜପୁରରେ ପହଞ୍ଚିଛି କେନ୍ଦ୍ରୀୟ ଟିମ୍। ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଆଲୋଚନା କରିଛନ୍ତି ୧୪ଜଣିଆ କେନ୍ଦ୍ରୀୟ ଟିମ୍। ଜିଲ୍ଲାପାଳ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବି ଆଲୋଚନା କରିଛନ୍ତି। ଯାଜପୁର ଜିଲ୍ଲାରେ କିଛି ଆକ୍ରାନ୍ତଙ୍କ ପାଖରେ କଲେରା ବ୍ୟାକ୍ଟେରିଆ ଚିହ୍ନଟ ପରେ ଚିନ୍ତା ବଢ଼ିଛି। ଏହାର ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ଟିମ୍ ପହଞ୍ଚିଛି। ଡାଇରିଆ ନିୟନ୍ତ୍ରଣକୁ ନେଇ ମୁଖ୍ୟତଃ ୩ଟି ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି। ପାନୀୟଜଳ ସଂଶୋଧନ ସହ ଜନ ସଚେତନତା କରାଯିବ। ଡାଇରିଆ ଚେନ୍‌କୁ ଅଟକାଇବା ପାଇଁ ଆକ୍ରାନ୍ତଙ୍କ ପରିବାରକୁ ଇଞ୍ଜେକସନ୍ ଦେବା ସହ କଣ୍ଟାକ୍ଟ ଟ୍ରେସିଂ ସହ ମନିଟରିଂ କରାଯିବ। ଡାଇରିଆ ବ୍ୟାପିବାର କାରଣ ପାଣି କି ଖାଦ୍ୟ ତର୍ଜମା ଚାଲିଥିବା କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ତେଣେ ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିବା ପରେ ତତ୍ପରତା ଦେଖାଇଛନ୍ତି ରାଜ୍ୟ ସରକାର। ଜିଲ୍ଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହାଇଆଲର୍ଟ ମୋଡ୍‌ରେ ରଖିବାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ବରିଷ୍ଠ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲ୍ଲାର ପାନୀୟଜଳ ଉତ୍ସକୁ ବିଶୋଧନ କରିବାକୁ ପଦକ୍ଷେପ ନିଆଯାଇଛି। ଅନ୍ୟାଦେଶ ଆସିବା ପର୍ଯ୍ୟନ୍ତ ରାସ୍ତାକଡ଼ ଖାଦ୍ୟ ଉପରେ କଟକଣା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ପଡ଼ୋଶୀ ଜିଲ୍ଲାକୁ ଯେପରି ଝାଡ଼ାବାନ୍ତି ନ ବ୍ୟାପିବ ଏଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସ୍ଥିତି ଉପରେ ଏସ୍‌ସିବି ଡାକ୍ତରୀ ଦଳ ନଜର ରଖିଛନ୍ତି। ଅନ୍ୟପଟେ ଯାଜପୁର ଜିଲ୍ଲାରେ ବଢ଼ୁଛି ହଇଜା ମୃତ୍ୟୁସଂଖ୍ୟା। ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କର ଜୀବନଗଲାଣି। ଜିଲ୍ଲାରେ ୨୫୮ଜଣ ଝାଡ଼ାବାନ୍ତିରେ ଚିକିତ୍ସିତ ହେଉଥିବା ବେଳେ ୧୧ଜଣ କଲେରା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ କଲେରା ଝାଡ଼ାବାନ୍ତି ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହେବାକୁ ରବିବାର ଯାଜପୁର ଜିଲ୍ଲା ଗସ୍ତରେ ଆସିଥିଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଜିଲ୍ଲାର ବଡ଼ଚଣା, ଧର୍ମଶାଳା, ମଧୁବନ ଆଦି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଯାଜପୁର ରୋଡ୍ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗସ୍ତ କରିଥିଲେ। ଏ ସବୁ ସ୍ଥାନରେ ସେ ରୋଗୀ ଓ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ସ୍ଥିତି ପରଖିଥିଲେ। ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲା ମୁଖ୍ୟ ଚିକିତ୍ସକଙ୍କ ସହ ସ୍ଥିତିର ସମୀକ୍ଷା କରିଥିଲେ। ମୁଖ୍ୟତଃ ଉପଯୁକ୍ତ ଚିକିତ୍ସା, ଜଳ ବିଶୋଧନ, ରୋଗର ନିରାକରଣ ଓ ନିୟନ୍ତ୍ରଣ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ଜିଲ୍ଲାରେ ଏବେ ଗମ୍ଭୀର ସ୍ଥିତିରେ ଥିବା ବେଳେ ୧୪ ଜଣିଆ କେନ୍ଦ୍ରୀୟ ଟିମ୍ ମଧ୍ୟ ଯାଜପୁର ଗସ୍ତରେ ଆସି ବିଭିନ୍ନ ଦିଗ ଉପରେ ତର୍ଜମା କରିବା ସହିତ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୭୫୦ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିଲେ ହେଁ ଜିଲ୍ଲାର ଏବେ ବି ୧୩ ଗୋଟି ସରକାରୀ ଡାକ୍ତରଖାନାରେ ୨୫୮ରୋଗୀ ଚିକିତ୍ସିତ ହେଉଛନ୍ତି। ଯେଉଁଥିରେ ରବିବାର ଗୋଟିଏ ଦିନରେ ୩୩ଜଣ ଚିକିତ୍ସାପାଇଁ ଭର୍ତ୍ତି ହୋଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ରେଫର କେସ୍ କଟକ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଟିମ୍ ଜିଲ୍ଲାର ବିଭିନ୍ନ ମେଡିକାଲ୍‌କୁ ବୁଲି ଦେଖିବା ସହ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସେପଟେ ରୋଗୀଙ୍କୁ ସଠିକ୍ ଚିକିତ୍ସା ଦିଆଯାଉଛି କି ନାହିଁ ସେ ନେଇ ରୋଗୀ ମାନଙ୍କୁ ପଚାରି ବୁଝିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ। ମନ୍ତ୍ରୀ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରି ଏଥିରେ ରୋଗ ନିୟନ୍ତ୍ରଣ, ନିରାକରଣ ଓ ସଂକ୍ରମଣ ରୋକିବାକୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ଲୋକମାନେ ଭୟଭୀତ ନ ହୋଇ ସତର୍କ ଓ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ କଲେରା ପାଇଁ ବ୍ୟସ୍ତ ହେବାର ନାହିଁ। ସରକାରଙ୍କ ପକ୍ଷରୁ ଏଥିପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଯେଉଁମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି, ସେମାନେ ତୁରନ୍ତ ମେଡିକାଲ ଆସି ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସିତ ହୁଅନ୍ତୁ। ନିଜେ ଘରେ ରହି ମନଇଚ୍ଛା ଔଷଧ ସେବନ କରନ୍ତୁନାହିଁ। ପରେ କେଉଁ କାରଣରୁ ଡାଇରିଆ ବା କଲେରା ରୋଗ ବ୍ୟାପୁଛି, ତାର ପକୃତ କାରଣ ଜଣାପଡ଼ିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ବଡ଼କଥା ହେଲା ଏବେ ବି ନୂଆ ରୋଗୀ ଆସୁଛନ୍ତି। ଯେତେବେଳେ ରୋଗୀ ଆସିବା ସମ୍ପୂର୍ଣ୍ଣ ବନ୍ଦ ହେବ, ସେତେବେଳେ ଯାଇ ଏହା ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧିନ ଅବସ୍ଥାକୁ ଆସିବ ବୋଲି କୁହାଯାଇଛି। ସ୍ଥିତି ଉପରେ ନଜର ରହିଛି। ଖୁବ୍‌ଶୀଘ୍ର ଏଥିରେ ସୁଧାର ଆସିବ ବୋଲି ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ପ୍ରତ୍ୟେକ ଲୋକ ରୋଗର ଭୟାବହତାକୁ ଦୃଷ୍ଟିରେ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି ବୋଲି ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ପ୍ରକାଶ କରିଛନ୍ତି।




### ଯାଜପୁର ପରେ କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳକୁ ବ୍ୟାପିଲା

- ❑ ସ୍ଥିତି ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ
- ❑ ୧୪ଜଣିଆ କେନ୍ଦ୍ରୀୟ ଟିମ୍ ପକ୍ଷରୁ ତନାଘନା
- ❑ ରାସ୍ତାକଡ଼ ଖାଦ୍ୟ ଉପରେ କଟକଣା ଜାରୀ

## ସମ୍ପାଦକୀୟ

### ବିରଳ ବିମାନ ଦୁର୍ଘଟଣା

## ବାଟେଘାଟେ



ଝାଡ଼ାବାନ୍ତି ରୋଗ ଓଡ଼ିଶା ଭିତରେ
ଡେଉଁଛି ଜିଲ୍ଲାକୁ ଜିଲ୍ଲା
ଯାଜପୁର ପରେ କେନ୍ଦୁଝର ଯାଇ
ରାଜଧାନୀକୁ ଡେଇଁଲା
ବାଙ୍କୀରେ ଶୁଭଇ ହଲ୍ଲା
ଦୂଷିତ ପାନୀୟ ଜଳ ଦାୟୀ ବୋଲି
ସ୍ୱାସ୍ଥ୍ୟ ବିଭାଗ କହିଲା
ଗାଆଁ କୂଅ ଜଳ ସିଟି ଫଟା ନଳ
ତାହାଯୋଗୁଁ ଏତେ ପାଲା
ମଣିଷ ଜୀବନଗଲା
ହେ ମୋହନବାବୁ ଡେରି ନ କରିଣ
କରି ଦ୍ୟନ୍ତୁ ଫଇସଲା

-ରାହୀ

### ୧ ବର୍ଷପୂର୍ତ୍ତି

## ଆସୁଛନ୍ତି ପ୍ରଧାନମନ୍ତ୍ରୀ

# ୨୦କୁ ଅପେକ୍ଷା

**ଭୁବନେଶ୍ୱର,(ପିପିଏସ୍):** ବିଜେପି ସରକାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବରେ ପ୍ରଧାନମନ୍ତ୍ରୀ କରିବେ ବଡ଼ ଘୋଷଣା। ଭିଜନ୍ ଓଡ଼ିଶା ଡକ୍ୟୁମେଣ୍ଟ ଲଞ୍ଚ୍ ସହିତ ଆଗାମୀ ୧୧ବର୍ଷ ପାଇଁ ସରକାରଙ୍କ ରଣନୀତି ଉପରେ ନେତା, କର୍ମୀ ଓ ଜନତାଙ୍କୁ କରିବେ ସମ୍ବୋଧନ। ମୋଦୀଙ୍କ ଗସ୍ତ ପାଇଁ ରାଜ୍ୟ ବିଜେପି ଶିବିର ପୂରା ସକ୍ରିୟ ଥିବାବେଳେ ବିକଶିତ ଓଡ଼ିଶା ପାଇଁ ମୋଦୀଙ୍କ ମେଗା ପ୍ଲାନ୍ ଉପରେ ରହିଛି ସମସ୍ତଙ୍କ ନଜର। ଜୁନ୍ ୨୦ରେ ରାଜଧାନୀରେ ମୋଦୀ କରିବେ ରୋଡ୍ ଶୋ'। ବିକଶିତ ଓଡ଼ିଶା ପାଇଁ ପକାଇବେ ନିଅଁ। ମୋହନ ସରକାରଙ୍କ ପ୍ରଥମବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାବାସୀଙ୍କୁ କରିବେ ସମ୍ବୋଧନ। ଏନେଇ ଚଳଚଞ୍ଚଳ ବିଜେପି ଶିବିର। କାର୍ଯ୍ୟସୂଚୀ ଅନୁଯାୟୀ ଦିନ ସାଢ଼େ ଦୁଇଟାରେ ପ୍ରଧାନମନ୍ତ୍ରୀ ମୋଦୀ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ବିଜେପି ସରକାରର ବର୍ଷ ପୂର୍ତ୍ତି ଉତ୍ସବସ୍ଥଳ ଜନତା ମଇଦାନକୁ ଯିବେ। ବିମାନ ବନ୍ଦରରୁ ଜନତା ମଇଦାନ ଯାଏଁ ମୋଦୀ ରୋଡ୍ ସୋ ସହିତ ତ୍ରିରଙ୍ଗା ଯାତ୍ରା କରିବେ। ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଜିଲ୍ଲାରୁ କର୍ମୀ, ମହିଳା, ଯୁବ ତଥା ଛାମୁଆ ସଂଗଠନ କର୍ମୀ ଉପସ୍ଥିତ ରହିବେ। ଏଥିପାଇଁ ଜିଲ୍ଲା ସଭାପତି ଓ ଲୋକ ପ୍ରତିନିଧିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ରୋଡ୍ ସୋ' ପରେ ଜନତା ମଇଦାନ ସଭାରେ 'ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ-୨୦୩୬'ର କରିବେ ଲୋକାର୍ପଣ। ୨୦୪୭ ବିକଶିତ ଭାରତପାଇଁ ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପକୁ ବି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ। ଏହାସହିତ ଅନ୍ତ୍ୟୋଦୟ ଯୋଜନାରେ ନୂଆ ୫୦ହଜାର ଘର ପାଇଁ କାର୍ଯ୍ୟାଦେଶ ବାଣ୍ଟିବେ। ଆଗାମୀ ଭବିଷ୍ୟତ ପାଇଁ ରାଜ୍ୟ ସରକାରଙ୍କ ଅନେକ ନୂଆ ଯୋଜନା ମଧ୍ୟ ଘୋଷଣା ହେବ। ମୋଦୀଙ୍କ ଫୋକସ୍‌ରେ ରହିଛି ଓଡ଼ିଶା। ପ୍ରାକ୍ ନିର୍ବାଚନୀ ପ୍ରଚାରଠାରୁ ଆରମ୍ଭ କରି ମୋହନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ଯାଏ, ତା ପରବର୍ତ୍ତୀ ପର୍ଯ୍ୟାୟରେ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ଓ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ। ଆଉ ଏବେ ମୋହନ ସରକାରର ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେଇ ଓଡ଼ିଶାବାସୀଙ୍କୁ ସରକାରର ଆଗାମୀ ଯୋଜନା ଉପରେ ଲୋକଙ୍କୁ କହିବେ। ବିକଶିତ ଓଡ଼ିଶା ଗଠନ ଦିଗରେ ଆଗାମୀ ୧୧ ବର୍ଷ ଅର୍ଥାତ ୨୦୩୬ ଯାଏ ବିକଶିତ ଓଡ଼ିଶା ଗଠନ ପାଇଁ ଯେଉଁ ଲକ୍ଷ୍ୟରହିଛି ତାକୁ ଲୋକଙ୍କ ପାଖରେ ପହଞ୍ଚାଇବେ। ଯେଉଁଥିପାଇଁ ପ୍ରସ୍ତୁତ ହୋଇଛି ଭିଜନ୍ ଓଡ଼ିଶା ଡକ୍ୟୁମେଣ୍ଟ। ଯାହାର ମନିଟରିଂ କରିବ ସିଏମ୍‌ଓ। ଏବେ ଦେଖିବାର କଥା ଭିଜନ୍ ଓଡିଶା ଡକ୍ୟୁମେଣ୍ଟରେ କେଉଁ ସବୁ ବଡ଼ ଯୋଜନା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

- ❑ 'ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ-୨୦୩୬'ର କରିବେ ଲୋକାର୍ପଣ
- ❑ ଆଗାମୀ ୧୧ବର୍ଷ ପାଇଁ ସରକାରଙ୍କ ରଣନୀତି ଉପରେ ଦେବେ ଗୁରୁମନ୍ତ୍ର

# ପୁଣି ହେଲିକପ୍ଟର ଦୁର୍ଘଟଣା

- ❑ ଚାଲିଗଲା ୭ ଜୀବନ
- ❑ ୬ଭକ୍ତଙ୍କୁ ନେଇ ଗୁପ୍ତକାଶୀ ଯାଉଥିଲା

**ନୂଆଦିଲ୍ଲୀ,(ପିପିଏସ୍):** ପୁଣି କେଦାରନାଥ ନିକଟରେ ଘଟିଛି ହେଲିକପ୍ଟର୍ ଦୁର୍ଘଟଣା। ଗୌରୀକୁଣ୍ଡ ଜଙ୍ଗଲରେ ଆରୟନ୍ ଏଭିଏସନ୍‌ର ହେଲିକପ୍ଟର ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣାସ୍ଥଳରେ ରେସ୍‌କ୍ୟୁ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରିରହିଛି। ହେଲିକପ୍ଟର୍‌ରେ ପାଇଲଟ୍ ସମେତ ମୋଟ୍ ୬ ଜଣ ଥିଲେ। ଯାନ୍ତ୍ରିକ ସମସ୍ୟା କିମ୍ବା ଖରାପ ପାଗ ଯୋଗୁଁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଗୌରୀକୁଣ୍ଡ ଉପରେ ଘାସ କାଟୁଥିବା ନେପାଳୀ ବଂଶୋଦ୍ଭବ ମହିଳାମାନେ ହେଲିକପ୍ଟର ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରରେ ୬ଜଣ ଯାତ୍ରୀ ଥିଲେ। ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି। ସୂଚନା ଅନୁଯାୟୀ, ସକାଳ ୫:୧୭ରେ ଆର୍ଯନ କମ୍ପାନୀର ହେଲିକପ୍ଟର ୬ଭକ୍ତଙ୍କୁ ନେଇ କେଦାରନାଥ ହେଲିପ୍ୟାଡ୍‌ରୁ ଗୁପ୍ତକାଶୀ ହେଲିପ୍ୟାଡ୍‌କୁ ଉଡ଼ାଣ ଭରିଥିଲା। ମୃତ ଯାତ୍ରୀ ଉତ୍ତରାଖଣ୍ଡ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶର ବୋଲି ପରିଚୟ ମିଳିଛି। ହେଲିକପ୍ଟର ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ରାଜକୁମାର ଜୟସୱାଲ, ଶ୍ରଦ୍ଧା ଜୟସୱାଲ, କାଶୀ ଜୟସୱାଲ, ତୁଷ୍ଟି ସିଂହ, ବିନୋଦ, ବିକ୍ରମ ସିଂହ ଏବଂ କ୍ୟାପ୍‌ଟେନ୍ ରାଜୀବ ଅଛନ୍ତି। ଜଣେ ଦମ୍ପତି ଏବଂ ସେମାନଙ୍କର ୨୩ ମାସର ଶିଶୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଜୟସୱାଲ ପରିବାର ମହାରାଷ୍ଟ୍ରର ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମଧ୍ୟ ଏହି ଦୁର୍ଘଟଣାରେ ଦୁଃଖପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରୁଦ୍ରପ୍ରୟାଗ ଜିଲ୍ଲାରେ ହେଲିକପ୍ଟର ଦୁର୍ଘଟଣା ସମ୍ପର୍କରେ ଅତ୍ୟନ୍ତ ଦୁଃଖଦ ଖବର ମିଳିଛି। ଏସ୍‌ଡିଆରଏଫ, ସ୍ଥାନୀୟ ପ୍ରଶାସନ ଏବଂ ଅନ୍ୟାନ୍ୟ ଉଦ୍ଧାର ଦଳ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି।





ଟି ଟାଇମ୍
ପ୍ରଜାତନ୍ତ୍ର



୧୬.୬.୨୦୨୫

# ରଜ ଉତ୍ସବର ଅନ୍ତିମ ଦିନ



ରଜ ଉତ୍ସବର ଆଜି ଅନ୍ତିମ ଦିନ । ଆଜି ଭୂମି ଦହନ । ଆସନ୍ତାକାଲି ହେବ ବସୁମତୀ ସ୍ନାନ । ଶେଷ ରଜକୁ ଖୁବ୍ ଧୁମଧାମରେ ପାଳନ କରୁଛନ୍ତି ରାଜ୍ୟବାସୀ । ତିନି ଦିନ ଧରି ପାଳନ ହେଉଥିବା ଏହି ଗଣପର୍ବକୁ ଆହୁରି ସ୍ମରଣୀୟ କରିବା ପାଇଁ ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି । ସଜେଇ ହୋଇ ଦୋଳି ଖେଳରେ ମାତିଛନ୍ତି କୁଆଁରୀ ଝିଅଠାରୁ ଆରମ୍ଭ କରି ବିବାହିତା ନାରୀ । ପିଲାଠୁ ବୁଢା ସମସ୍ତେ ରଜପର୍ବରେ ନିଜକୁ ସାମିଲ କରି ମଜା ଉଠାଉଛନ୍ତି । ସୁସ୍ୱାଦୁ ପିଠାପଣାର ମଜା ଉଠାଉଛନ୍ତି ସମସ୍ତେ । ବିଶେଷ କରି ଉପକୂଳ ଜିଲ୍ଲା ଗୁଡ଼ିକରେ ପିଠା, ମିଠା, ପାନ ଓ ଦୋଳିର ଆସର ସାଙ୍ଗକୁ ପାରଂପରିକ ନାଚଗୀତର ପ୍ରତିଯୋଗିତା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ମାହୋଲକୁ ଆହୁରି ରଙ୍ଗୀନ କରିଛି । ସେହିପରି ଗତକାଲି ରଜ ସଂକ୍ରାନ୍ତି ଥିଲା । ଦ୍ୱିତୀୟ ରଜରେ ମଧ୍ୟ ବେଶ୍ ଜମିଥିଲା ଆସର । ପିଠା, ମିଠା, ପାନର ବାସ୍ନାରେ ଗାଁଠୁ ସହର ମହକି ଉଠିଥିବା ବେଳେ ଦୋଳି ଖେଳ ଓ ପାରମ୍ପରିକ ନାଚଗୀତରେ କମ୍ପିଥିଲା ପରିବେଶ । ରାଜ୍ୟର କିଛି ସ୍ଥାନରେ ଆୟୋଜିତ ହୋଇଛି ୟୁନିକ୍ ରଜ ସେଲିବ୍ରେସନ୍ । ସେହି ସମାନ ଉତ୍ସାହ, ସେଇ ସମାନ ସରାଗ । କାଲି ଭଳି ଆଜି ବି ସକାଳୁ ନୂଆ ପୋଷାକ ଆଉ ନୂଆ ପରିଧାନ ସହ ଗାଁ ଆମ୍ବତୋଟା ନିକଟରେ ଜମିଛି କୁଆଁରୀ ଝିଅଙ୍କ ଭିଡ଼ । ଗାଁ ଗାଁ ରଜ ମହୋତ୍ସବ ଲାଗି ବିଶେଷ ଆୟୋଜନ ହୋଇଥିବାରୁ ଶେଷ ରଜକୁ ବେଶ ଆନନ୍ଦ ଉଲ୍ଲାସର ପାଳିବା ପାଇଁ ଆଶା ରଖିଛନ୍ତି ଝିଅବୋହୁ। ଘରେ ଘରେ ଜମୁଛି କିସମ କିସମର ପିଠା, ମିଠା ଆଉ ସୁଆଦିଆ ଖାଦ୍ୟ ସମ୍ଭାରର ପର୍ବ। ପୋଡ଼ପିଠାର ବାସ୍ନାରେ ମହକୁଛି ଥିଲା ଚତୁର୍ଦ୍ଦିଗ। ଗାଁ ମୁଣ୍ଡ ବରଗଛଠୁ ସହରର ପାର୍କରୁ ଯାଏଁ ସବୁଠି ଦେଖିବାକୁ ମିଳିଥିଲା ଦୋଳିର ଆସର। ରଜଦୋଳିର ପାରମ୍ପାରିକ ଗୀତ

# ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବିଟ୍



ବିଟ୍ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ବିଟ୍କୁ ଅନେକ ଉପାୟରେ ଖାଦ୍ୟରେ ସାମିଲ କରାଯାଇପାରିବ। ଯେଉଁମାନଙ୍କର ଆଇରନ ସମସ୍ୟା ଅଛି ସେମାନଙ୍କ ପାଇଁ ବିଟ୍ ଖାଇବା ଲାଭଦାୟକ। କାରଣ ଏଥିରେ ମାଙ୍ଗାନିଜ, ପୋଟାସିୟମ, ଆଇରନ, ଫୋଲେଟ୍, ଭିଟାମିନ୍ ବି-୬ ଏବଂ ଭିଟାମିନ ସି' ଭଳି ଅନେକ ଗୁଣ ରହିଛି, ଯାହା ଶରୀରକୁ ଅନେକ ଲାଭ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଆସନ୍ତୁ ଜାଣିବା କେଉଁ ଲୋକମାନେ ଏହାକୁ ସେବନ କରିବା ଉଚିତ୍।

ଉଚ୍ଚ ରକ୍ତଚାପ:
ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ବିଟ୍ ଜୁସ୍ ବହୁତ ଲାଭଦାୟକ। ଯଦି ଆପଣ ଉଚ୍ଚ ରକ୍ତଚାପରେ ପୀଡ଼ିତ ତେବେ ଆପଣ ବିଟ୍ ରୁଟ୍ ରସ ସେବନ କରିପାରିବେ।

ହିମୋଗ୍ଲୋବିନ୍:
ବିଟ୍କୁ ଆଇରନର ଏକ ଭଲ ଉତ୍ସ ଭାବରେ ବିବେଚନା କରାଯାଏ।
ଏହାର ଜୁସ୍ ପିଇବା ଦ୍ୱାରା ହିମୋଗ୍ଲୋବିନର ଅଭାବ ଦୂର ହୋଇପାରିବ।

କୋଲେଷ୍ଟରଲ:
ବିଟ୍ ଜୁସ୍ରେ ଫାଇଟୋନ୍ୟୁଟ୍ରିଏଣ୍ଟ ମିଳିଥାଏ, ଯାହା କୋଲେଷ୍ଟରଲ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

ଲିଭର:
ବିଟ୍ ରସ ଲିଭରକୁ ଅକ୍ସିଡେଟିଭ କ୍ଷତିରୁ ରକ୍ଷା କରେ, ଯାହା ପ୍ରଦାହ କମ୍ କରିବାରେ ସାହାଯ୍ୟ କରିପାରେ।

ତ୍ୱଚା ଉଜ୍ଜ୍ୱଳ କରେ: ବିଟ୍ରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ ସି' ଥାଏ, ଯାହା ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିପାରେ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ: ବିଟ୍ରେ ଏପରି ଅନେକ ଗୁଣ ମିଳିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା ପାଇଁ, ଆପଣ ବିଟ୍ ଜୁସ୍ ସେବନ କରିପାରିବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି।

# ମୁଖ୍ୟ ଦ୍ୱାରରେ ଶୁଭ କଳସ ରଖୁଛନ୍ତି କି ?



କୁହାଯାଏ, ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକି ଗଲେ କାର୍ଯ୍ୟସିଦ୍ଧି ହୋଇଥାଏ। ସେଥିପାଇଁ ଅନେକେ ଘରର ମୁଖ୍ୟଦ୍ୱାର ନିକଟରେ ଶୁଭ କଳସ ରଖିଥାନ୍ତି। ତେବେ ଏହି ଶୁଭ କଳସ ରଖିବାକୁ ନେଇ ମଧ୍ୟ କିଛିଟା ନିୟମ ରହିଛି, ଯେମିତିକି:

ଞ୍ଜମୁଖ୍ୟ ଦ୍ୱାରର ବାମପଟେ ଶୁଭ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ। ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ୍ୟ ରଖିପାରିବେ। କିନ୍ତୁ ସମ୍ମୁଖରେ ରଖିଲେ ଭୁଲ୍ରେ କାହାର ଗୋଡ ବାଜିଯିବାର ସମ୍ଭାବନା ଥାଏ। ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ ସେଠି ରଖିପାରିବେ। କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡିପାରୁଥିବ।

ଞ୍ଜଯଦି ଆପଣଙ୍କ ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଚଉରା ରହିଛି, ତା'ହେଲେ ଉକ୍ତ ଚଉରାର ମଣ୍ଡପ ଉପରେ ଆପଣ ଏହି ଶୁଭ କଳସକୁ ମଧ୍ୟ ରଖିପାରିବେ।

ଞ୍ଜପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ। ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

ଞ୍ଜଯଦି ସୂର୍ଯ୍ୟୋଦୟ ପୂର୍ବରୁ ଶୁଭ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଅର୍ଥାତ୍ ସକାଳ ୯ଟା ଭିତରେ ଶୁଭ କଳସ ବସାଇବା ନିହାତି ଆବଶ୍ୟକ।

ଞ୍ଜଶୁଭ କଳସର ପାଣି ବାସି ହେବା ଠିକ୍ ନୁହେଁ ଅର୍ଥାତ୍ ସକାଳେ ଯେଉଁ ଶୁଭ କଳସ ବସାଇଥିବେ ସୂର୍ଯ୍ୟାସ୍ତ ପୂର୍ବରୁ ସେହି କଳସର ପାଣିକୁ କୌଣସି ଗଛ ମୂଳରେ ଢାଳିଦେବେ। ପୂର୍ନଃବାର ତା'ପରଦିନ ଶୁଦ୍ଧ ଜଳରେ ପୁଣି ଶୁଭ କଳସ ବସାଇବେ।

# ଆଜିର ରାଶିଫଳ

ମେଷ: ଆଜିର ଦିନଟି ଆପଣଙ୍କ ପରିବାର ପାଇଁ ଶୁଭ ଅଟେ । ସ୍ତ୍ରୀଙ୍କ ସହ ସମୟ ଅତିବାହିତ କରନ୍ତୁ । । ଆର୍ଥିକ କ୍ଷେତ୍ରରେ ଦିନଟି ଅନୁକୂଳ ଅଟେ । ଆପଣଙ୍କ କାର୍ଯ୍ୟକୁ ଲୋକ ପ୍ରଶଂସା କରିବେ । ଭଲ ଦିନଟିକୁ ନଷ୍ଟ କରିବାକୁ ଦିଅନ୍ତୁ ନାହିଁ ।

ବୃଷ : ଆଜି ଦିନଟି ଆପଣଙ୍କ ଭଲରେ କଟିବ । ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥତା ଅନୁଭବ କରିବେ । କୌଣସି ଭଲ କାରଣ ପାଇଁ ଦିନ ସାରା ଭଲରେ କଟିବ । ମନ ପସନ୍ଦର ବସ୍ତ୍ର ପିନ୍ଧିବେ । ଅର୍ଥ ବିନିଯୋଗରୁ ଭଲ ଅର୍ଥ ଫେରିପାଇବେ ।

ମିଥୁନ : ସପ୍ତାହ ସାରା ସ୍ତ୍ରୀ ଓ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ବ୍ୟସ୍ତ ରହିବ । ବାଦ ବିବାଦ ଏବଂ ଯୁକ୍ତିତର୍କରୁ ଦୂରେଇ ରହନ୍ତୁ । ସାଙ୍ଗଙ୍କ ପାଇଁ ଅର୍ଥ ଖର୍ଚ୍ଚ କରିବେ । ପେଟଜନିତ ଯନ୍ତ୍ରଣା ଭୋଗିବେ । ଯାତ୍ରା ଆପଣଙ୍କ ପାଇଁ ଶୁଭଙ୍କର ନୁହେଁ ।

କର୍କଟ: ଖରାପ ଚିନ୍ତା ଆପଣଙ୍କ ଦୁଃଖର କାରଣ ହେବ । ନିଜକୁ ଶକ୍ତି ସାମର୍ଥ୍ୟ ଶୂନ୍ୟ ପରି ଭାବିବେ । ପାରିବାରିକ ଗଣ୍ଡଗୋଳ ଲାଗି ରହିବ । ଖର୍ଚ୍ଚ ବଢିବ । ଏହାକୁ ରୋକିବାରେ ଅସଫଳ ହେବେ । ଚିନ୍ତା ମଗ୍ନ ରହିବା ସହିତ ଭଲରେ ଶୋଇପାରିବେ ନାହିଁ ।

ସିଂହ : ଦିନସାରା ଆନନ୍ଦମୟ ଓ ଶାନ୍ତିପୂର୍ଣ୍ଣ ରହିବ । ପ୍ରେମିକା ସହିତ ସମ୍ପର୍କ ଅଧିକ ଦୃଢୀଭୂତ ହେବ । ପ୍ରତିଟି ସମ୍ପର୍କର ମହତ୍ୱ ବୁଝି ପାରିବେ । ପାଖରେ ଥିବା ପରିଦର୍ଶନ ସ୍ଥଳ ବୁଲିଯାଇପାରନ୍ତି । ଚିନ୍ତା ଦୂର ହେବ ଓ କାର୍ଯ୍ୟରେ ସଫଳ ହେବେ ।

କନ୍ୟା: ପରିବାରରେ ଶାନ୍ତ ବାତାବରଣ ରହିବ । ମଧୁର କଥା କହି ସବୁ କାମ ସଫଳତାର ସହିତ ଶେଷ କରିବେ । କୌଣସି ସୂକ୍ଷ୍ମ ବିଚାର ନକରିବା ପାଇଁ ଚେଷ୍ଟା କରିବେ । ମିଷ୍ଟାର୍ଣ୍ଣ ଭୋଜନରେ ଆପ୍ୟାୟିତ ହେବେ । ଭ୍ରମଣରେ ଯାଇପାରନ୍ତି । ଜଗିରଖି ଖର୍ଚ୍ଚ କରନ୍ତୁ ।

ତୁଳା : ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ । ନୂତନ କାମ କରିବାର ସୁଯୋଗ ମିଳିପାରେ । ଦେହ ଓ ମନ ସୁସ୍ଥ ରହିବ । ନିଷ୍ଠାର ସହିତ ଠିକ ସମୟରେ କାର୍ଯ୍ୟ ଶେଷ କରିବେ । ନିଜ ଉପରେ ଭରସା ବଢିବ । ମୌଜମଜଲିସରେ ଅନେକ ଅର୍ଥ ସାରିବେ।

ବିଛା: ଆପଣ ନିଜର କ୍ରୋଧ ନିୟନ୍ତ୍ରଣ କରନ୍ତୁ । ରାଗ ସମୟରେ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ କରନ୍ତୁ ।ମୁଣ୍ଡ ଉପରେ କୌଣସି ଚାପ ଯୋଗୁଁ କ୍ରୋଧିତ ରହିବେ । ଶାରୀରିକ ଅସୁସ୍ଥତା ମଧ୍ୟ ମନକୁ ବିବ୍ରତ କରିପାରେ । ଗାଡି ଚଳାଇବା ବେଳେ ସତର୍କତା ଅବଲମ୍ବନ ନକଲେ ଦୁର୍ଘଟଣା ଘଟିବାର ଆଶଙ୍କା ଅଛି ।

ଧନୁ: ଆଜିର ଦିନଟି ଆପଣଙ୍କ ପାଇଁ ମଙ୍ଗଳମୟ ଅଟେ । ଆପଣଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ତଥା ବ୍ୟକ୍ତିଗତ ଜୀବନରେ ସୁଫଳ ପ୍ରାପ୍ତି ଯୋଗ ଅଛି । ପ୍ରିୟଜନଙ୍କ ସହ ଆପଣ ପରିଭ୍ରମଣ କରି ମୌଜମଜଲିସରେ ସମୟ ଅତିବାହିତ କରିପାରନ୍ତି । ଆପଣଙ୍କ ପାରିବାରିକ ଜୀବନରେ ଶାନ୍ତି ପାଇବେ

ମକର: ଆଜି ବ୍ୟବସାୟରୁ ଅଧିକ ଲାଭ ପାଇବେ । ଆଜି ଉଧାର ଯାଇଥିବା ଅର୍ଥ ହସ୍ତଗତ ହେବା ସହ ଭ୍ରମଣରୁ ଓ ଅନ୍ୟାନ୍ୟ ଦିଗରୁ ମଧ୍ୟ ଅର୍ଥ ପାଇବେ । ସରକାରୀ ତଥା ବନ୍ଧୁବାନ୍ଧବଙ୍କଠାରୁ ସହାୟତା ମିଳିବ । ପ୍ରିୟଜନ ଉପହାର ଦେଇ ଚକିତ କରିବେ । ନିଆଁ, ପାଣି ଏବଂ ଦୁର୍ଘଟଣା ଉପରେ ସତର୍କ ରୁହନ୍ତୁ ।

କୁମ୍ଭ : ଆଜି ମିଶ୍ରିତ ଫଳ ମିଳିବ । ମନ ଭଲ ରହିବ । କାମ ପ୍ରେସର ରହିବ । ଉପରିସ୍ଥ ଅଧିକାରୀ କାମରେ ଅସନ୍ତୁଷ୍ଟ ହେବେ । କିଛି ବଡଧରଣର ବିକ୍ରି କରିପାରନ୍ତି । ଯାତ୍ରା କରିପାରନ୍ତି । ବିଦେଶରୁ ଖବର ପାଇବେ । ପିଲାମାନେ ଚିନ୍ତାର କାରଣ ହେବେ ।

ମୀନ: ଆଜି ଭାଗ୍ୟ ଓ ସ୍ୱାସ୍ଥ୍ୟ ପାଇଁ ମଧ୍ୟମ ଦିନ ଅଟେ । ପରିଶ୍ରମ ବହୁଳ କାର୍ଯ୍ୟ କରନ୍ତୁ ନାହିଁ । ରକ୍ଷା ପାଇବା ପାଇଁ କିଛି ବାଟ ନାହିଁ । ମାତ୍ର ପରିଶ୍ରମର ଫଳ ମିଠା ଅଟେ । ସ୍ୱାସ୍ଥ୍ୟ ଓ ଖର୍ଚ୍ଚରେ ଯତ୍ନଶୀଳ ହୁଅନ୍ତୁ । ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ । ଆପଣଙ୍କ ଦିନଟିକୁ ଭଲରେ ପରିଣତ କରିବେ ।

# ବୈବାହିକ ଜୀବନକୁ କେମିତି କରିବେ ସୁନ୍ଦର



ଭାବକୁ ନିୟନ୍ତ୍ରଣକରେ ଭାବପ୍ରବଣତା। ଭାଷାକୁ ସୃଷ୍ଟିକରେ ଏହି ଇମୋଶନ। ଏଇ ଭାବ ହିଁ ବୈବାହିକ ଜୀବନକୁ କରିଥାଏ ସ୍ୱପ୍ନିଳ, ସୁନ୍ଦର। କିନ୍ତୁ ସମ୍ପର୍କର ପରିଭାଷାରେ ସବୁ ବୁଝାମଣା ଭୁଲ୍ଭାଲ୍ ହୋଇଯାଏ ସେତେବେଳେ, ଯେତେବେଳେ ଦେଖାଯାଏ ଇମୋଶନାଲ୍ ଡିଷ୍ଟାନ୍ସ। ତେଣୁ ଏଭଳି ସ୍ଥିତି ଆସିବା ପୂର୍ବରୁ ପରିସ୍ଥିତିକୁ ବଦଳେଇନେବା ନିହାତି ଜରୁରୀ...

ସମ୍ପର୍କର ସବୁ ଭାଷାକୁ ବୁଝିଥାଏ ଇମୋସନ, ଆଉ ବୈବାହିକ ଜୀବନରେ ଭରିଥାଏ ରଙ୍ଗ। କିନ୍ତୁ ସମ୍ପର୍କର ପରିଭାଷା ସବୁ ବୁଝାମଣା ଭୁଲ୍ଭାଲ୍ ହୋଇଯାଏ ଯେବେ ଦେଖାଯାଏ ଇମୋସନାଲ ଡିଷ୍ଟାନ୍ସ। ଆଉ ଏଭଳି ସ୍ଥିତି ଆସିବା ପାଇଁ ଦମ୍ପତିମାନଙ୍କର ବ୍ୟବହାର ହିଁ ମୁଖ୍ୟ କାରଣ। ତେଣୁ ଏଭଳି ସ୍ଥିତି ଆସିବା ପୂର୍ବରୁ ସେମାନେ ସଚେତନ ହୋଇଯିବା ଦରକାର। ନଚେତ୍ ଏହି ଦୂରତା ବଢ଼ିଯାଇ ସମ୍ପର୍କର ନିଅଁକୁ ଦୋହଲାଇ ଦିଏ। ଆଉ ସମ୍ପର୍କ ଭାଙ୍ଗିବାକୁ ବି ବେଶି ସମୟ ଲାଗେନାହିଁ। ତେଣୁ ମନକୁ ବୁଝାଇ ଭୁଲ୍ ବୁଝାମଣା ଦୂରକରିବା ଦରକାର।

କେତେ ମାରାତ୍ମକ: ଟିକିଏ ଟିକିଏ କଥାରେ ସମ୍ପର୍କ ଖରାପ ହୋଇଯାଏ। କିନ୍ତୁ ମନର ସମ୍ପର୍କ ମଜଭୁତ ଥିଲେ ଶାରୀରିକ ଦୂରତା କିଛି ପ୍ରଭାବ ପକାଇ ପାରେନାହିଁ। ଯେଉଁଠି ଥିଲେ ବି ସବୁବେଳେ ପରସ୍ପର ସହ ମନର ସମ୍ପର୍କକୁ ମଜଭୁତ କରିବା ଦରକାର। ଏଥିପାଇଁ କଥାବାର୍ତ୍ତା ହେବା, ନିଜ ସମସ୍ୟା ସମ୍ପର୍କରେ କହିବା ଓ ଅନ୍ୟର ସମସ୍ୟା ଶୁଣିବା ପାଇଁ ସମୟ ବାହାର କରିବା ଦରକାର। ଏଭଳି ବିଭିନ୍ନ ମାଧ୍ୟମରେ କଥାବାର୍ତ୍ତା, ଦେଖାସାକ୍ଷାତ ଆଦି କରିବା ଦ୍ୱାରା ହିଁ ଭାବନାତ୍ମକ ନିବିଡ଼ତା ରହିପାରିବ। କିନ୍ତୁ ମନର ଦୂରତା ବଢ଼ିଲେ ବହୁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥାଏ।

କମ୍ୟୁନିକେଶନ ଗ୍ୟାପ୍: ଉଭୟେ ଯେତେବେଳେ ଖୋଲାଖୋଲି ପରସ୍ପର କଥାବାର୍ତ୍ତା ହୁଅନ୍ତି ନାହିଁ ସେତେବେଳେ ଛୋଟ ଛୋଟ କଥା ବି ବଡ଼ ସମସ୍ୟାରେ ପରିଣତ ହୋଇଥାଏ। ତେଣୁ ପରସ୍ପର କମ୍ କଥାବାର୍ତ୍ତା ହେଲେ ଇମୋସନାଲ ଡିଷ୍ଟାନ୍ସ ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ସେ ସମୟରେ କେହି କାହା କଥାକୁ ବୁଝିପାରନ୍ତି ନାହିଁ। ତା'ପରେ ଭୁଲ୍ ବୁଝାମଣା ଓ ସନ୍ଦେହ ସୃଷ୍ଟିହୁଏ। ଏଭଳି ପରିସ୍ଥିତିକୁ ଏଡ଼ାଇବା ପାଇଁ ହେଲେ ପରସ୍ପର ସହ ଅଧିକରୁ ଅଧିକ ସମୟ କଥାବାର୍ତ୍ତା ହେବା ଜରୁରୀ।

କ୍ୱାଲିଟି ଟାଇମ୍ : ବେଳେବେଳେ ପାଖରେ ଥାଇ ବି ବହୁ ଦୂରରେ ଥିବା ଭଳି ଅନୁଭବ ହୁଏ। ଏହାର କାରଣ ପରସ୍ପର ସହ କ୍ୱାଲିଟି ଟାଇମ୍ କଟେଇବାର ସୁଯୋଗ ମିଳି ନ ଥାଏ। କାର୍ଯ୍ୟବ୍ୟସ୍ତତା ଓ ବିଭିନ୍ନ ଦାୟିତ୍ୱ ନିଭାଇବା ଫଳରେ ଦମ୍ପତିମାନଙ୍କୁ ପରସ୍ପର ପାଇଁ ସମୟ ବାହାର କରିବା କଷ୍ଟକର ହୋଇଥାଏ। ତେଣୁ ପରସ୍ପର ମନର ଭାବକୁ ପ୍ରକାଶକରିବା ପାଇଁ ସୁଯୋଗ ମିଳେନାହିଁ। ଏଭଳି ଅଧିକ ଦିନ ହେବା ଫଳରେ ଆପେ ଆପେ ଏକ ଭାବନାତ୍ମକ ଦୂରତା ସୃଷ୍ଟି ହୋଇଯାଏ।

ଉପେକ୍ଷା ଭାବ: ବେଳେବେଳେ ପରିସ୍ଥିତି ଏଭଳି ହୋଇଥାଏ ଯେ ଅନ୍ୟମାନଙ୍କୁ କିମ୍ବା ଘରକାମ ଅବା କ୍ୟାରିୟରକୁ ପ୍ରାଥମିକତା ଦେବାକୁ ପଡ଼େ। ଏପରି ନ ହେଲେ ସଫଳତା ମିଳି ନ ଥାଏ। ଏଭଳି ସ୍ଥିତିରେ ଚାହୁଁ ନ ଥିଲେ ବି ଦମ୍ପତିମାନଙ୍କ ପାଖରେ ପରସ୍ପର ପାଇଁ ପ୍ରତ୍ୟେକ କ୍ଷେତ୍ରରେ ଦୂରତା ବଢ଼ିଯାଏ। ପ୍ରତି କ୍ଷେତ୍ରରେ ସେମାନେ ପରସ୍ପରଠାରୁ ଦୂରେଇ ରହନ୍ତି। ଫଳରେ ଧୀରେ ଧୀରେ ଏକ ଇମୋସନାଲ ଡିଷ୍ଟାନ୍ସ ମଧ୍ୟ ଆସି ଯାଇଥାଏ।

# ସୌନ୍ଦର୍ଯ୍ୟା ଶର୍ମା



ଅକ୍ଷୟ କୁମାରଙ୍କ ଫିଲ୍ମ 'ହାଉସଫୁଲ ୫' ଦର୍ଶକଙ୍କ ହୃଦୟ ଜିତିବାରେ ଲାଗିଛି। ଏହି ଫିଲ୍ମରେ ଅନେକ ବଡ ବଡ ଅଭିନେତା ଅଛନ୍ତି। ଅନେକ ସୁନ୍ଦର ଅଭିନେତ୍ରୀ ମଧ୍ୟ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଜଣେ ବାସ୍ତବ ଜୀବନରେ ଦନ୍ତ ଚିକିତ୍ସକ। କିନ୍ତୁ ସେ ଅଭିନୟକୁ ତାଙ୍କର ପେଶା ଭାବରେ ବାଛିଛନ୍ତି ଏବଂ ଏଠାରେ ପହଞ୍ଚିବା ପାଇଁ ତାଙ୍କୁ ବହୁତ କିଛି ସାମ୍ନା କରିବାକୁ ପଡିଛି। ଏହି ଅଭିନେତ୍ରୀ ହେଉଛନ୍ତି ସୌନ୍ଦର୍ଯ୍ୟା ଶର୍ମା ଯିଏ 'ହାଉସଫୁଲ ୫'ରେ ନିଜର ଗ୍ଲାମରସ୍ ଅବତାରରେ ପ୍ରଶଂସକମାନଙ୍କୁ ପାଗଳ କରୁଛନ୍ତି। ସୌନ୍ଦର୍ଯ୍ୟା ଦନ୍ତ ଚିକିତ୍ସା ଛାଡି ଅଭିନୟକୁ ନିଜର କ୍ୟାରିଅର କରିଛନ୍ତି। ସୌନ୍ଦର୍ଯ୍ୟା ଶର୍ମାଙ୍କ ଦନ୍ତ ଶିକ୍ଷାରେ ସ୍ନାତକ ଡିଗ୍ରୀ କରିଛନ୍ତି। କିନ୍ତୁ ଆରମ୍ଭରୁ ସେ ଅଭିନୟରେ ଆଗ୍ରହୀ ଥିଲେ। କିନ୍ତୁ ତାଙ୍କ ପରିବାର ଏହାକୁ ଅନୁମୋଦନ କରୁ ନଥିଲେ। ସୌନ୍ଦର୍ଯ୍ୟା ତାଙ୍କ ପରିବାରର ଅଜାଣତରେ ଘଝଉରେ ଅଭିନୟ କର୍ମଶାଳାରେ ଯୋଗ ଦେଇଥିଲେ। ଏହି ସମୟରେ ତାଙ୍କୁ 'ରାଞ୍ଚି ଡାଏରିଜ୍' ପାଇଁ ଏକ ପ୍ରସ୍ତାବ ମିଳିଥିଲା। ଯେତେବେଳେ ଅଭିନେତ୍ରୀ ତାଙ୍କ ପରିବାରକୁ ଅଭିନୟ ପାଇଁ ମୁମ୍ବାଇ ଯିବା ବିଷୟରେ କହିଲେ, ସମସ୍ତେ ତାଙ୍କଠାରୁ ମୁହଁ ଫେରାଇ ନେଇଥିଲେ। କିନ୍ତୁ ପରେ ତାଙ୍କୁ ତାଙ୍କ ମାଆ ଏବଂ ଭଉଣୀଙ୍କର ସମର୍ଥନ ମିଳିଥିଲା। କିନ୍ତୁ, ତାଙ୍କ ବାପା ଏଥିରେ ରାଜି ହୋଇ ନଥିଲେ। ସୌନ୍ଦର୍ଯ୍ୟା ନିଜେ ଥରେ ପ୍ରକାଶ କରିଥିଲେ ଯେ ଅଭିନେତ୍ରୀ ହେବାର ନିଷ୍ପତ୍ତି ଯୋଗୁଁ, ତାଙ୍କ ବାପା ପ୍ରାୟ ଗୋଟିଏ ବର୍ଷ ପର୍ଯ୍ୟନ୍ତ ତାଙ୍କ ସହ କଥା ହୋଇ ନଥିଲେ। ଯେତେବେଳେ ସୌନ୍ଦର୍ଯ୍ୟା ଶର୍ମା ବଲିଉଡ୍ ଫିଲ୍ମ ପାଇଁ ଅଡିସନ୍ ଦେବା ଆରମ୍ଭ କଲେ, ତାଙ୍କୁ ଭୂମିକା ପାଇବା କଷ୍ଟକର ଲାଗିଲା। ଥରେ ଜଣେ ପ୍ରଯୋଜକ ତାଙ୍କୁ କହିଥିଲେ ଯେ ସେ ଜଣେ ଅଭିନେତା କିମ୍ବା ପ୍ରଯୋଜକଙ୍କୁ ଡେଟ୍ ନ କଲେ ତାଙ୍କୁ ଫିଲ୍ମ ମିଳିବ ନାହିଁ। ସୌନ୍ଦର୍ଯ୍ୟା ହାର ମାନି ନଥିଲେ ଏବଂ ପରେ ତାଙ୍କୁ 'ଥ୍ୟାଙ୍କ୍ ଗଡ୍' ଫିଲ୍ମରେ ଏକ କ୍ୟାମିଓ କରିବାର ଦେଖିବାକୁ ମିଳିଥିଲା। ଏହି ଅଭିନେତ୍ରୀ ସଲମାନ ଖାନଙ୍କ ଶୋ 'ବିଗ୍ ବସ୍ ୧୬'ର ମଧ୍ୟ ଏକ ଅଂଶ ଥିଲେ। ଏହା ବ୍ୟତୀତ ସେ 'ରକ୍ତାଞ୍ଚଳ'ରେ ମଧ୍ୟ

# ସ୍ୱାସ୍ଥ୍ୟ ନିମନ୍ତେ ବହୁ ଉପକାରୀ ପସାରୁଣୀ ପତ୍ର

ଆମ ହାତ ପାହାନ୍ତାରେ ବାଡ଼ି ବଗିଚାରେ ଦୃଷ୍ଟିଗୋଚର ହୋଉଥିବା ବୃକ୍ଷଲତା ମଧ୍ୟରୁ ପସାରୁଣୀ ନାମକ ଲତା ଆମ ସ୍ୱାସ୍ଥ୍ୟ ନିମନ୍ତେ ବହୁ ଉପକାରୀ। ଏହାକୁ ହାତରେ ଘଷିବା ଦ୍ୱାରା ଏକ ଗନ୍ଧ ବାହାରିଥାଏ। ତେଣୁ ଏହାକୁ 'ଗନ୍ଧ ପସାରୁଣୀ' ବୋଲି ମଧ୍ୟ କୁହାଯାଏ, ଏଥିରେ ଗ୍ଲୁକୋସାଇଡ୍ସ, ଅଲକଲ୍ଲୋଏଡ୍ସ, ଫଟିଏସିଡ, ଭଲାଇନ ନାମକ ରାସାୟନିକ ପଦାର୍ଥ ସହ ଭିଟାମିନ-ସି ରହିଛି। ଏହା ବେଦନା ସାମକ, ଆଣ୍ଟିଅକ୍ସିଡେଣ୍ଟ, ଜୀବାଣୁନାଶକ ସହ ରକ୍ତ ପରିଷ୍କାର କରାଇବା, ଜୀର୍ଣ୍ଣ ଶକ୍ତି ବୃଦ୍ଧି କରାଇବା ସହ ଶ୍ୱାସନଳୀକୁ ସତେଜ ରଖିଥାଏ। ଥଣ୍ଡା, କଫ, ଆଜ୍ମା ଆଦିକୁ ପ୍ରତିରୋଧ କରିବାର କ୍ଷମତା ମଧ୍ୟ ରହିଛି। ପସାରୁଣୀ ଲତାରେ ଏପରି ଔଷଧୀୟ ପୋଷକତତ୍ତ୍ୱ ଭରି ରହିଛି ଯାହା ଶରୀର ପାଇଁ ବେଶ୍ ଉପକାରୀ। ପସାରୁଣୀ ପତ୍ରକୁ ପରିଷ୍କାର ଭାବେ ଧୋଇ ସେଥିରେ କିଛି ରସୁଣ, ଆଦା, ଗୋଲମରିଚ, ପିପଳି, ଡାଲଚିନି, ଧନିଆକୁ ମିଶାଇ ଭଲଭାବେ ସିଝାଇ ଦିଅନ୍ତୁ। ଏହାକୁ ଉଷୁମ ଥିବା ଅବସ୍ଥାରେ ସେବନ କଲେ ଥଣ୍ଡା, କାଶରୁ ତୁରନ୍ତ ଉପଶମ ମିଳିଥାଏ। ମାତୃତ୍ୱ ସମୟରେ କିଛି ପରିମାଣର କଅଁଳିଆ ପସାରୁଣୀ ପତ୍ର, କିଛି ଅରୁଆ ଚାଉଳକୁ ବାଟି ପାଣିରେ ସିଝାଇ ଜାଉ କରି ୫ ରୁ ୭ ଦିନ ସେବନ କରିବା ଦ୍ୱାରା ଏହା ମା'ର କ୍ଷୀର ବୃଦ୍ଧି ହୋଇଥାଏ। କଅଁଳିଆ ପସାରୁଣୀ ପତ୍ରକୁ ସିଝାଇ ସମ ପରିମାଣର ଦେଶୀ ଗାଈ କ୍ଷୀର, ଏକ ଚତୁର୍ଥାଂଶ ଜଡ଼ା କିମ୍ବା ରାଶି ତେଲ ମିଶାଇ ଏହି ମିଶ୍ରଣକୁ ଶରୀରରେ ମାଲିସ କରିବା ଦ୍ୱାରା ଯନ୍ତ୍ରଣା ଦୂର ହୋଇଥାଏ। ଶରୀରରେ ଦୀର୍ଘ ଦିନ ଧରି ଆମ ବାତ ଓ ଖଞ୍ଜା ଯନ୍ତ୍ରଣାରୁ ଉପଶମ ନିମନ୍ତେ କଅଁଳିଆ ପସାରୁଣୀ ପତ୍ରକୁ ଅଳ୍ପ ପାଣିରେ ସିଝାଇ ସେଥିରେ କିଛି ପୁରୁଣା ଗୁଡ଼, ସମପରିମାଣର ଚୋପାଛଡ଼ା ରସୁଣ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଏକ ମାଟି ପାତ୍ରରେ ଘୋଡ଼ାଇ ୭ ଦିନ ପର୍ଯ୍ୟନ୍ତ ରଖନ୍ତୁ। ତା'ପରେ ସେଥିରେ ପିପଳି, ଚାଇଁ କାଠ, ଚିତା ପାରୁ, ସୁଣ୍ଠି (ପ୍ରତ୍ୟେକଟିରୁ ଏକ-ଦେଢ଼ ଗ୍ରାମ୍) ଓଜନର ପାଉଡ଼ର କରି ଭଲ ଭାବେ ମିଶାଇ ଏହି ମିଶ୍ରଣକୁ ୭ ରୁ ୮ ଦିନ ୧ରୁ୨ ଚାମଚ ଲେଖାଏଁ ଦିନକୁ ଥରେ ସେବନ କରିବା ଦ୍ୱାରା ବହୁ ଉପକାର ମିଳିଥାଏ।

# ଚାଉଳ ରସମଲେଇ

ଆବଶ୍ୟକ ସାମଗ୍ରୀ: ଅରୁଆ ଚାଉଳ, କ୍ଷୀର, ଚିନି, କଷ୍ଟାଡ୍ ପାଉଡର, ଆଲ୍ମଣ୍ଡ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅରୁଆ ଚାଉଳ ନେଇ ଭାତ କରି ଦିଅନ୍ତୁ। ତା'ପରେ ଏ ଭାତକୁ ବାଟି ଦିଅନ୍ତୁ। ଏବେ ଏକ ପାତ୍ରରେ କ୍ଷୀର ଫୁଟାନ୍ତୁ। କ୍ଷୀର ଫୁଟିଲା ଭିତରେ ଏକ ଛୋଟ ପାତ୍ରରେ ଅଳ୍ପ କଷ୍ଟାଡ୍ ପାଉଡରକୁ ପାଣିରେ ଗୋଳାଇ ଘୋଳ ପ୍ରସ୍ତୁତ କରନ୍ତୁ। କ୍ଷୀର ଫୁଟି ଆସିଲେ ଏଥିରେ ଏହି ଘୋଳ ପକାଇ ଲଗାତାର ଭାବେ ଗୋଳାନ୍ତୁ। କ୍ଷୀର ଭଲ ଭାବେ ଫୁଟି ଗଲେ ଏଥିରେ ଚିନି ପକାନ୍ତୁ।କ୍ଷୀର ଫୁଟି ଟିକେ ବହଳିଆ ହୋଇଆସିଲେ ଏଥିରେ ବଟା ଯାଇଥିବା ଅରୁଆ ଭାତକୁ ଛୋଟ ଛୋଟ ଗୁଳା ପରି କରି ଏଥିରେ ପକାଇ ଦିଅନ୍ତୁ। ଧ୍ୟାନ ଦେବେ କ୍ଷୀର ଯେମିତି ପାତ୍ରରେ ନ ଲାଗିବ। ଏଥିପାଇଁ ଏହାକୁ ବାରମ୍ବାର ଚଲାଉ ଥା'ନ୍ତୁ। ଭାତ ଗୁଳା ପକାଇ ସାରିବା ପରେ କ୍ଷୀରକୁ ଆଉ ୧୦ ମିନିଟ ଫୁଟାନ୍ତୁ। ତା'ପରେ ଏହାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ଚାଉଳ ରସମଲଇ'। ଥଣ୍ଡା ହୋଇଗଲା ପରେ ଏହାକୁ ଫ୍ରିଜ୍ରେ ରଖି ଦିଅନ୍ତୁ। ୧ ଘଣ୍ଟା ପରେ କାଢ଼ି ଏହା ଉପରେ କଟା ଆଲ୍ମଣ୍ଡ୍ ପକାଇ ସଜାଇ ଦିଅନ୍ତୁ।





# ଝିଅକୁ ଦୁଷ୍କର୍ମ !

- ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ
- ଅଭିଯୁକ୍ତ ବାପାକୁ ଗିରଫକଲା ପୁଲିସ୍

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅଧିନ ଏକ ଗାଁରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନିଜର ୧୬ ବର୍ଷୀୟା ଝିଅକୁ ମାଡ଼ ମାରି ଦୁଷ୍କର୍ମ କରିଛି ନିଜ ବାପା । ଅଭିଯୁକ୍ତ ବାପା ଭୀମ ପ୍ରଧାନଙ୍କୁ ପୁଲିସ ରବିବାର ଗିରଫକରି ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରିଛି। ଥାନା କେଶ୍ ନମ୍ବର ୨୧୦/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତକୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାବାଳିକାଙ୍କ ମା’ ମଜୁରୀ କାମ ପାଇଁ ପ୍ରତିଦିନ ଘରୁ ଚାଲି ଯାଉଥିବା ବେଳେ ଘରେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ କାମାନ୍ଧ ବାପା ତାଙ୍କ ଜନ୍ମିତ ଝିଅକୁ ଜୀବନରେ ମାରିଦେବାର ଭୟ ଦେଖାଇ ନିସ୍ତୁକ ମାଡ଼ ମାରିଥିଲେ। ପରେ ତାଙ୍କୁ ଟେକିନେଇ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପାଇଁ ଏକକାଳୀନ ୧୦ଟି ନିଦ ବଟିକା ଖାଇ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଦିଗପହଣ୍ଡି ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସା ପରେ ତାଙ୍କୁ ଗାଁ ନିକଟସ୍ଥ ଆଇଙ୍କ ଘରେ ରଖାଯାଇଥିଲା। ନାବାଳିକା ଜଣକ ସମସ୍ତ ଘଟଣା ତାଙ୍କ ମା’ଙ୍କୁ ଜଣାଇବା ପରେ ଏନେଇ ମା’ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଥାନାଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତ ବିରୋଧରେ ମକଦ୍ଦମା ରୁଜୁ କରି ଏସ୍‌ଆଇ ସୋଫିଆ ମିଶ୍ରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଖବର ପ୍ରଘଟ ହେବା ପରେ ଗ୍ରାମବାସୀ ଅଭିଯୁକ୍ତକୁ କାବୁ କରି ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତ ବାପାକୁ ଗିରଫ କରିଥିଲେ। ବ୍ରହ୍ମପୁର ବଡ ମେଡିକାଲରେ ରବିବାର ଅଭିଯୁକ୍ତ ବାପା ଏବଂ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ନାବାଳିକା ଅସୁସ୍ଥ ଥିବାରୁ ତାଙ୍କୁ ପୁଣି ଥରେ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି।

## ଅଦିନରେ ସ୍ନାନଯାତ୍ରା ଓ ରଥଯାତ୍ରାକୁ ବିରୋଧ

### ଇସ୍କନକୁ ଚିଠି ଲେଖିଲେ ଗଜପତି ଦିବ୍ୟସିଂହ ଦେବ

ପୁରୀ: ଅନ୍ତର୍ଜାତୀୟ କୃଷ୍ଣଚେତନା ସଙ୍ଘ (ଇସ୍କନ)ର ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ପ୍ରସଙ୍ଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଇସ୍କନ ଗଭର୍ଣ୍ଣିଂ ବଡି କମିସନ ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି। ସ୍ନାନଯାତ୍ରା ଓ ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳିବାକୁ ସେ ଏହି ଚିଠିରେ ଉଲ୍ଲେଖ କରିଛନ୍ତି।
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ସାରା ବିଶ୍ୱରେ ପାଳନ ପାଇଁ ପଦକ୍ଷେପ ନେବାକୁ ଇସ୍କନ ଗଭର୍ଣ୍ଣିଂ ବଡି କମିସନ ଅଧକ୍ଷଙ୍କୁ ପତ୍ର ଲେଖିଛନ୍ତି।
ଚିଠିରେ ଗଜପତି ଉଲ୍ଲେଖ କରିଛନ୍ତି ଯେ, ଦେଶ ବାହାରେ ଇସ୍କନ ପକ୍ଷରୁ ସ୍ନାନଯାତ୍ରା ଓ ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ନଥିବା ତିଥିରେ ପାଳନ ହେଉଥିବା ନଜରକୁ ଆସିଅଛି। ଏହା ସଂପୂର୍ଣ୍ଣ ରୂପେ ଶାସ୍ତ୍ର ବିରୋଧୀ କାର୍ଯ୍ୟ। ଅନ୍ୟ ତିଥି କିମ୍ବା ତାରିଖରେ ପାଳନ ପରମ୍ପରାର ଉଲ୍ଲଘଂନ। ତେଣୁ ଶାସ୍ତ୍ର ସମ୍ମତ ତିଥି ବ୍ୟତୀତ ଅନ୍ୟ ଦିନରେ ଯେପରି ପାଳିତ ନ ହୁଏ ସୁନିଶ୍ଚିତ କରାଯାଉ।



ରଜ ଦୋଳିରେ ମଜା...

## ରଜମଉଜରେ ଗଲା ଦୁଇ ଜୀବନ



ବାରିପଦା (ପିପିଏସ୍) : ରଜରେ ବଡ ଅଘଟଣ। ଶିମିଳିପାଳ, ଲୁଲୁଙ୍ଗସ୍ଥିତ ପଳପଳା ଝରଣାରେ ଗାଧୋଉଥିବା ବେଳେ ପାଣିରେ ବୁଡି ଚାଲିଗଲା ଦୁଇ ସାଙ୍ଗଙ୍କ ଜୀବନ। ମୃତ ଯୁବକମାନେ ବାରିପଦା ୱାର୍ଡ ନମ୍ବର ୨୧ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ଅଙ୍କିତ କୁମାର ଭୂଜବଳ (୨୦ବର୍ଷ) ଏବଂ ରଘୁନାଥପୁର ଅଞ୍ଚଳର ଅଂଶୁଷ୍ମାନ ନାଏକ (୨୦ବର୍ଷ) ବୋଲି ଜଣାପଡିଛି। ଝରଣାରେ ବୁଡ଼ି ଦୁଇ ଯୁବକ ମୃତ୍ୟୁ ଭଳି ଏକ ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।
ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଲୁଲୁଙ୍ଗ ନିକଟ ପଳପଳା ନଦୀରେ। ସୂଚନାଯୋଗ୍ୟ ଆଜି ରଜରେ ବଣଭୋଜି କରିବା ପାଇଁ ୭ ଜଣ ସାଙ୍ଗ ଲୁଲୁଙ୍ଗ ଯାଇଥିଲେ। ଝରଣାରେ ଗାଧଉଥିବା ସମୟରେ କୌଣସି କାରଣବଶତଃ ପାଣି ଭିତରକୁ ଚାଲିଯାଇଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ ହେଲେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି।

# ନଦୀ ଓ ସମୁଦ୍ରରୁ ହଟିଲା ମାଛଧରା କଟକଣା

### ଅସ୍ତରଙ୍ଗ ଅଞ୍ଚଳର ମତ୍ସ୍ୟଜୀବୀ ଗଲେ ସମୁଦ୍ରକୁ

**ଅସ୍ତରଙ୍ଗ (ପିପିଏସ୍):** ମତ୍ସ୍ୟ ସଂରକ୍ଷଣକୁ ଆଖି ଆଗରେ ରଖି ଏପ୍ରିଲ ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ୬୧ ଦିନ ସମୁଦ୍ରରେ ମାଛ ଧରା ବନ୍ଦ ରହିଥିଲା। ଦୁଇମାସ ଧରି ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯିବା ନେଇ କଟକଣା ଲାଗୁ ହୋଇଥିଲା। ଓଡ଼ିଶା ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ମାଛ ଧରା ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସାଢ଼େ ୮ ମିଟର ଡଙ୍ଗାରେ କେବଳ ମାଛ ଧରାଯାଇପାରିବ ବୋଲି କୁହାଯାଇଥିଲା।ଏହି ସମୟରେ ମାଛମାନଙ୍କର ପ୍ରଜନନ ଋତୁ ଆରମ୍ଭ ହେଉଥିବା ଯୋଗୁ ସବୁ ବର୍ଷ ଏହି ସମୟରେ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ମତ୍ସ୍ୟଜୀବୀଙ୍କ ସମୁଦ୍ର ପ୍ରବେଶ ଉପରେ କଟକଣା ଲାଗୁ ହୋଇଥାଏ।



ମୌସୁମୀ ଆସିବା ପୂର୍ବରୁ ମାଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥାଏ। ମାଛମାନେ ଏହି ସମୟରେ ଅନୁକୂଳ ପରିବେଶରେ ଅଣ୍ଡା ଦେଇଥାନ୍ତି। ମାଛ ବଢ଼ିବାକୁ ୩ରୁ ୪ ମାସ ଲାଗିଥାଏ। ଏହା ପୂର୍ବରୁ କଟକଣା ଶେଷ ହୋଇଯାଉଥିବାରୁ ମାଛର ଆକାର ବହୁତ ଛୋଟ ଥାଏ। ଏହି ସମୟରେ ସମୁଦ୍ରରେ ଟ୍ରଲର, ଗିଲେଟିନ୍, ଭୁଟୁଭୁଟି ଆଦି ଚଳାଚଳ ଆରମ୍ଭ ହୋଇଯାଏ। ଯାହାଦ୍ୱାରା ଲକ୍ଷାଧିକ ମାଛ ଓ ଯାଆଁଳ ମରିଯାଆନ୍ତି। ମତ୍ସ୍ୟଜୀବୀ ବଡ଼ ମାଛ ବଦଳରେ ଛୋଟ ମାଛ ଆଣିଥାନ୍ତି। କଟକଣା ହଟିବା ପରେ ଅସ୍ତରଙ୍ଗ ଅଞ୍ଚଳ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି।

# ‘ଦ୍ୱିତୀୟ ରଜ’ରେ ନନ୍ଦନକାନନ ବୁଲିଲେ ୩୭,୧୦୮ ପର୍ଯ୍ୟଟକ

ବାରଙ୍ଗ: ଭୁବନେଶ୍ୱର ଉପକଣ୍ଠରେ ଥିବା ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରବିବାର ରେକର୍ଡ ପର୍ଯ୍ୟଟକ ବୁଲିଛନ୍ତି। ଗଣପର୍ବ ‘ରଜ’ ଅବସରରେ ପର୍ଯ୍ୟଟକମାନେ ଆଜି ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଲିଛନ୍ତି। ସବୁଠାରୁ ବଡ଼ କଥା ହେଲା ପର୍ଯ୍ୟଟକମାନେ ଭଲ ବୁଲିବାର କାରଣ ହେଲା ଅନୁକୂଳ ପାଗ।
ଦ୍ୱିତୀୟ ରଜରେ ନନ୍ଦନକାନନ ପ୍ରାଣୀ ଉଦ୍ୟନରେ ୩୭ ହଜାରରୁ ଅଧିକ ପର୍ଯ୍ୟଟକ ଆସିଥିଲେ। ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ପ୍ରାୟ ଅଢ଼େଇ ହଜାର ଲୋକ ବୁଲିବାକୁ ଯାଇଥିଲେ। ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ତରଫରୁ ମିଳିଥିବା ସୂଚନା ଅନୁସାରେ




ଆଜି ଦ୍ୱିତୀୟ ରଜ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩୭,୧୦୮ ଜଣ ପର୍ଯ୍ୟଟକ ବୁଲିଛନ୍ତି। ରବିବାର ଭଲ ବାର ସାଙ୍ଗକୁ ପାଗ ଭଲ ଥିବାରୁ ଏତେ ସଂଖ୍ୟାରେ ପର୍ଯ୍ୟଟକ ଆସିଛନ୍ତି। ଟିକେଟ କରି ବୁଲି ଦେଖି ଥିବା ପର୍ଯ୍ୟଟକଙ୍କ ଗଣନାରୁ ଏହି ସଂଖ୍ୟା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୨ ମସିହା ପ୍ରଥମ ରଜରେ ସର୍ବାଧିକ ୩୪,୮୧୭ ପର୍ଯ୍ୟଟକ ଆସିଥିବା ବଡ଼ ରେକର୍ଡ ଥିଲା। ସେହି ରେକର୍ଡ ଆଜି ଭଙ୍ଗ ହୋଇଛି। ସେହିଭଳି ରାଜ୍ୟ ଉଦ୍ଭିଦ ଉଦ୍ୟାନର ୨୪୭୪ ଖଣ୍ଡ ଟିକେଟ ବିକ୍ରି ହୋଇ ଥିବା ସୂଚନା।

# ବିଜେଡି ନେତାଙ୍କ ଗାଡ଼ି ସହ କଂଗ୍ରେସ ନେତ୍ରୀଙ୍କ ଗାଡ଼ି ଧକ୍କା

ହଣ୍ଡପା , (ପିପିଏସ୍): ଆଜି ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଆମର ସତପଥୀ ଓ ପ୍ରଭାତ ବିଶ୍ୱାଳଙ୍କ ଇନୋଭା ଗାଡ଼ି ସହିତ ହଂଡପା ଛକରେ ପୂର୍ବତନ ଓଡ଼ିଶା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଧର୍ମ ପତ୍ନୀ ଉର୍ମିଳା ବିଶ୍ୱାଳଙ୍କ (୭୮) କାର ଧକା ଲାଗିଥିଲା। ଘଟଣାରୁ ପ୍ରକାଶ ଯେ ଆଜି ଥିଲା ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବିଜୁ ଜନତା ଦଳ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଚାରୁଶିଳା ଆଚାର୍ଯ୍ୟଙ୍କ ଦଶ କର୍ମରେ ଶ୍ରଦ୍ଧାଞ୍ଜଳି ଦେଇ ସମ୍ବଲପୁରରୁ ଭୁବନେଶ୍ୱର ଫେରୁଥିଲେ। ନିଜ ଏନୋଭ ଗାଡ଼ି ଓଡି-୦୫-ବି ଜେ ୪୦୪୦ରେ ଠିକ୍ ତାଙ୍କ ପଛରେ ସ୍ୱାଗତ ହେମାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ , ଝିଅ ଅନିତା ବିଶ୍ୱାଳ ୩୮, ନାତୁଣୀ ଅନାମିକା ଧାମ




୧୧ ନିଜ ଗାଁ ରୁ ଭୁବନେଶ୍ୱର ଯାଉଥିଲେ। ପାଗ ମେଘୁଆ ଓ ଝିଅ ଝିଅ ବର୍ଷା ଯୋଗୁ ଡ୍ରାଇଭର ଡିଜେଆର ଗାଡ଼ି ନ ଓଡୀ ୨୩-ଏନ୍ -୫୨୨୫ ମାଡ଼ି ଯାଉଥିଲେ। ହଠାତ୍ ଆଗ ଇନଭା ହମସ୍ ଦେଖି ବ୍ରେକ ଦେବାରୁ ପଛରେ ଆସୁଥିବା ଉର୍ମିଳା ବିଶ୍ୱାଳଙ୍କ ଗାଡ଼ି ଧକା ଦେଇଥିଲା ,ଦୃଘଟନାରେ ଆମର ବାବୁ ଓ ପ୍ରଭାତ ବିଶ୍ୱାଳଙ୍କ କୌଣସି କ୍ଷତି ହୋଇ ନଥିବା ବେଳେ ଉର୍ମିଳା ବିଶ୍ୱାଳଙ୍କ ଝିଅ ଓ ନାତୁଣୀ ,ଡ୍ରାଇଭର ଆହତ ହୋଇଛନ୍ତି ଖବର ପାଇ ହଣ୍ଡପା ଥାନା ଆଆଇସି ନାମିତ ନାୟକ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଆସୁଚିକିତ୍ସା ପରେ ଅନୁଗୋଳ ଜିଲ୍ଲା ହସ୍ପିଟାଲ କୁ ରେଫର୍ କରିଥିବା ଜଣାପଡିଛି।

## ୧୩ ଜଣଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା



ଗଞ୍ଜାମ : ମଲାଡ଼ ପଞ୍ଚାୟତର ପ୍ରାୟ ୧୦ଟି ଗ୍ରାମରେ ସରପଞ୍ଚ ମମତା ବେହେରା ରାଜ୍ୟ ସରକାରଙ୍କ ୮୦ ବର୍ଷରୁ ଅଧିକ ୧୩ ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଛନ୍ତି। ଚଳିତ ରଜପର୍ବକୁ ଦୃଷ୍ଟିରେ ରଖି ସରପଞ୍ଚଙ୍କ ଆଗୁଆ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ବୃଦ୍ଧାବୃଦ୍ଧ ଭତ୍ତା ଟଙ୍କା ନେଲା ବେଳେ ଖୁସି ବ୍ୟକ୍ତ କରୁଥିବା ବେଳେ ୩୫୦୦ ଟଙ୍କା ପାଇବା ପରେ ରାଜିଆମ୍ମାଙ୍କ ଖୁସି କହିଲେ ନସରେ। ଏଥିସହ ଆସନ୍ତା ୧୮ରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତରେ ୧୫ ଜଣ ନୂଆ ଭତ୍ତା ପାଇବେ ବୋଲି ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଦୁଇଦିନିଆ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଯାପିତ



ଧାମନଗର (ପିପିଏସ୍): ବରିଷ୍ଠ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ତଥା ରୋଟାରିଆନ ପ୍ରଶାନ୍ତ ମହାପାତ୍ରଙ୍କ କଳକମନାର ଷଷ୍ଠ ବାର୍ଷିକ ରଜ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଉଦଯାପିତ ହୋଇ ଯାଇଛି। ପ୍ରଥମ ଦିନରେ ଆଞ୍ଚଳିକ ରଜ ମହୋତ୍ସବ କମିଟି ନୂଆହାଟ କୋଠାର ଆନୁକୂଲ୍ୟରେ ପଦ୍ମ ଲୋକାଣ ପଡ଼ିଆରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସମ୍ପାଦକ ବିଷ୍ଣୁ ମୋହନ ମହାନ୍ତି ବିବରଣୀ ପାଠ କରିଥିଲେ। ଏଥିରେ ମାଟି ଆଉ ଆକାଶର ମିଳନ ପୂର୍ବକ କୃଷି ଭିତ୍ତିକ ଗଣପର୍ବ 'ରଜ' ଆଜିର ସମାଜର ପାଶ୍ଚାତ୍ୟ ଆଭିମୁଖ୍ୟ ପାଇଁ ଧୀରେ ଧୀରେ ଅବଲୁପ୍ତ ହେବାକୁ ଯାଉଛି ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ ଅନୁଷ୍ଠିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ ଅଧ୍ୟାପକ ରବିନ୍ଦ୍ର ପାଣିଗ୍ରାହୀ ଓ ଶିକ୍ଷାବିତ ହୃଦାନନ୍ଦ କର ସଞ୍ଚାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ପ୍ରଭାତ କୁମାର ଧଳ, ବରେଣ୍ୟ ଅତିଥି ଭାବେ ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ନାଟ୍ୟ ନିର୍ଦ୍ଦେଶକ ବାଉଳ ସିକଦାର ଓ ସମ୍ମାନୀତ ଅତିଥି ଭାବେ ଧାମନଗର ଓ କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ର, ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କବି ଅମରେନ୍ଦ୍ର ନାୟକ, ମନୋଜ ପଣ୍ଡା, ଉଦ୍ଧବକର ଦାଶ, କିଶୋର ପୃଷ୍ଟି, ସୁବ୍ରତ ମଲ୍ଲିକ, ସତ୍ୟ ସୁନ୍ଦର ପାଢ଼ୀ, ଅନନ୍ତ ସାହୁ, ଦେବସ୍ମିତା ମିଶ୍ର, ମହାପାତ୍ର ସୁକାନ୍ତି ନାୟକ, ମନୋଜ ଜେନା, ପ୍ରଭାତ ମଲ୍ଲିକ, ମାନସ ସାହୁ ଆଦି ୩୦ରୁ ଊର୍ଦ୍ଧ୍ୱ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।ପରଦିନ ରଜ ସଂକ୍ରାନ୍ତିରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୂଜାରୀ ମୁଖ୍ୟ ଅତିଥି, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ ବରେଣ୍ୟ ଅତିଥି, ବାଣୀକବି ଦୟାନିଧି ମିଶ୍ର ମୁଖ୍ୟବକ୍ତା ଓ ବିଜେପି ନେତା ଚତୁର୍ଭୁଜ ନାୟକ, କୋଠାର ସରପଞ୍ଚ ମନ୍ଦେସ୍ତା ମହାଲିକ, ସମିତି ସଭ୍ୟା ରକ୍ଷ୍ମୀରାଣୀ ମଲ୍ଲିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।ଏହି ଅବସରରେ ଗୁରୁଣ୍ଡା ସୁବାସ ମଲ୍ଲିକ ଓ ସଙ୍ଗୀତ ଶିଳ୍ପୀ ବାମନ ଚନ୍ଦ୍ର ବିଶ୍ୱାଳଙ୍କ ବିଚାରକତ୍ୱରେ ପିଲା ମାନଙ୍କ ଦ୍ୱାରା ପୁଚି, ଉଦ୍ଗୋଳି, ଆଳୁ ଦୌଡ଼, ମ୍ୟୁଜିକ ଚେୟାର, ଦଉଡ଼ି ଡିଆଁ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଅତିଥି ମାନଙ୍କ ଦ୍ୱାରା କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଉଭୟ ଦିନର କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ଅଧ୍ୟାପକ ଶ୍ରୀଧର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ସଦସ୍ୟ ବିଦ୍ୟାଧର ରାଉତ ଶେଷ ସ୍ୱର୍ଣ୍ଣ ପ୍ରଦାନ ପୂର୍ବକ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକଙ୍କୁ ଶ୍ରଦ୍ଧାଞ୍ଜଳି


କେନ୍ଦ୍ରାପଡ଼ା, (ପିପିଏସ୍): ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷାପରିଦର୍ଶକ ସଂଗଠନ ତରଫରୁ କେନ୍ଦ୍ରାପଡାର ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱର୍ଗତ ରମାକାନ୍ତ ମହାପାତ୍ରଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ବରିଷ୍ଠ ତଥା ଶିକ୍ଷାବିତ ମନ୍ମଥ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ମହାପାତ୍ର ଏବଂ ଅହମଦାବାଦ ଠାରେ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କ ଆତ୍ମାର ସଦଗତି କାମନା କରାଯାଇଥିଲା। ସଙ୍ଗଠନ ସଭାପତି ରାୟ ନିଜର ଅସୁସ୍ଥତା ସତ୍ତ୍ୱେ ନିଜ ବାସଭବନରେ ଦିବଂଗତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରି ସ୍ୱର୍ଗତ ରମାକାନ୍ତ ମହାପାତ୍ରଙ୍କ ସହିତ ଥିବା ଦୀର୍ଘ ପ୍ରଶାସନିକ ଓ ବ୍ୟକ୍ତିଗତ ସମ୍ପର୍କରେ ବହୁ ଉଦାହରଣ ଉପସ୍ଥାପନ କରି ସ୍ୱର୍ଗତ ମହାପାତ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ରମାକାନ୍ତ ମହାପାତ୍ର ପୁରୀ ସହରର ବାସିନ୍ଦା ହୋଇଥିଲେ ବି କେନ୍ଦ୍ରାପଡା ପରି ଏକ ସମସ୍ୟା ବହୁଳ ଶିକ୍ଷାଜିଲ୍ଲାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଶିକ୍ଷକ ଓ ଅଭିଭାବକ ମଧ୍ୟରେ ପ୍ରିୟପାତ୍ର ହୋଇପାରିଥିଲେ। ସାଧାରଣ ସମ୍ପାଦକ ନରୋତ୍ତମ ଜେନା, ବରିଷ୍ଠ ଉପଦେଷ୍ଟା ନରେନ୍ଦ୍ର କୁମାର ନାୟକ, ହେମନ୍ତ କୁମାର ଜେନା, ତ୍ରିଲୋଚନ ବରେଣ ସ୍ୱାଇଁ, ମିଡିଆ ସମ୍ପାଦକ କାଶିନାଥ ରାଉତରାୟ, ସଂଗଠନ ସମ୍ପାଦକ ଈଶ୍ୱର ଚନ୍ଦ୍ର ମଣ୍ଡଳ, ଉପସଭାପତି ଚୈତନ୍ୟ ଗୋପାଳ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନାମ ଚରଣ ସାହୁ, ଗୋପିନାଥ ଦାସ ପ୍ରଭୃତି ସ୍ୱର୍ଗତ ମହାପାତ୍ରଙ୍କ ବହୁ ପ୍ରଶଂସିତ ଗୁଣାବଳୀ ଓ ଉତ୍ତମ ବ୍ୟକ୍ତି ସମ୍ପର୍କକୁ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ନାୟକ, ସୋମନାଥ ପରିହାରୀ, ଦୋଳଗୋବିନ୍ଦ ସାହୁ, କୈଳାସ ଚନ୍ଦ୍ର ସ୍ୱାଇଁ, ନବଭଦ୍ର ନାୟକ, ବିଜୟ କୁମାର ନାଥ, ଅଜୟ କୁମାର ପରିଡ଼ା, ଭାଗିରଥୀ ବଳ, ସନାତନ ଡରାଇ, କୁଞ୍ଜବିହାରୀ ସାହୁ, ଅକ୍ଷୟ କୁମାର ସ୍ୱାଇଁ, ନିରଞ୍ଜନ ସାମଲ, ଦାଶରଥି ନାୟକ, ଗୟାଧର ସ୍ୱାଇଁ, ମାଲୁଣି ଚରଣ ବିଶ୍ୱାଳ, ନରହରି ପାତ୍ର ପ୍ରମୁଖ ମହାପାତ୍ରଙ୍କ ଶାନ୍ତ ସରଳ ଜୀବନ ଓ ଲୋକ ପ୍ରିୟତା ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମିଡିଆ ସମ୍ପାଦକ କାଶୀନାଥ ରାଉତରାୟ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଦ୍ୱାରା ମାଛଚାଷ ସମ୍ପର୍କିତ ଆଲୋଚନାଚକ୍ର



ବ୍ରହ୍ମପୁର (ପିପିଏସ୍): ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ଖେଳ ପଡ଼ିଆରେ ସପ୍ତାହ ବ୍ୟାପି ଅନୁଷ୍ଠିତ ବିକାଶ ମେଳାର ଚତୁର୍ଥ ଦିବସରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ସୋସାଇଟି ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ମାଛ ଚାଷ ବିଷୟକୁ ନେଇ ଏକ ଆଲୋଚନା ଚକ୍ର ଗଞ୍ଜାମ ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିଲା। ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଓୟୁଏଟିର ପୂର୍ବତନ ଡିନ୍ ତଥା ବରିଷ୍ଠ ପ୍ରାଧ୍ୟାପକ ଡଃ.ସୌମେନ୍ଦ୍ର ନନ୍ଦ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ମତ୍ସ୍ୟ ପାଳନ ଏବଂ ମତ୍ସ୍ୟ ଉତ୍ପାଦ ବ୍ରାଣ୍ଡିଙ୍ଗରେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମର ମତ୍ସ୍ୟ ବିଶେଷଜ୍ଞ ଡଃ.ସିଦ୍ଧାର୍ଥ ଶଙ୍କର ଦାଶ ମାଛ ଚାଷର ବୈଜ୍ଞାନିକ କୌଶଳ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ନିଖିଳ କୁମାର ମହାରଣା ଆଲୋଚନା ଚକ୍ରରେ ସଂଯୋଜନା କରିଥିବା ବେଳେ ରଙ୍ଗେଇଲୁଣ୍ଡା ଓ ପାତ୍ରପୁର ବ୍ଲକର ୭୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ଅଗ୍ରଣୀ ମାଛ ଚାଷୀ, କୃଷିଜୀବୀ ଇତ୍ୟାଦି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷିନୀ ପ୍ରଧାନ, ପ୍ରିୟବ୍ରତ ଦାସ, ଫ୍ଲୋରା ମହାନ୍ତି, ଦିପ୍ତୀମୟୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଣ୍ଟାପଡ଼ାରେ ରଜ: ଦିନଠୁ ରାତିରେ ଜମୁଛି ଭିଡ଼





କଣ୍ଟାପଡା(ପିପିଏସ):ସବୁ ଓଡିଆଙ୍କ ବହୁ ପ୍ରତିକ୍ଷିତ ଗଣ ପର୍ବ ରଜ ଧିରେଧିରେ ଶେଷ ପର୍ଯ୍ୟାୟକୁ ଗତୀ କରୁଛି। ସେଥି ସହ ତଦେଇ କଣ୍ଟାପଡା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମେର ରଜପର୍ବ ପାଳନ ଯୋର ଧରିବାରେ ଲାଗିଛି। ବିଶେଷକରି ଏହି ବ୍ଲକ ଅନ୍ତର୍ଗତ ବଡବିଲ ଓ ସୁନ୍ଦରଗ୍ରାମେର ଆୟୋଜିତ ହେଉଥିବା ରଜ ମେହାତ୍ସବ ସବସ୍ତଙ୍କ ପାଇଁ ଆକର୍ଷଣ ସାଜିଛି। ଏହି ଦୁଇ ଉତ୍ସବ ସ୍ଥଳେର ଦିବେଳା ଯେତିକି ଭିଡ ପରିଲକ୍ଷିତ ନେହଉଛି ତାଠାରୁ ଢେର ଅଧିକ ରାତରେ ଭିଡ ହେଉଥିବା ଦେଖିବାକୁ ମିଳୁଛି। ସୁରକ୍ଷିତ ପରିବେଶ ମଧ୍ୟେର ଗ୍ରାମର ଝିବୋହୁ ମାନେ ରଜ ଉତ୍ସବର ଢେର ମଜା ଉଠାଉଛନ୍ତି।

ସରିସରି ଯାଉଛି ଗଣପର୍ବ ରଜ। ବିଶେଷ କରି ଓଡିଶାର ଝିଅ ବୋହୁ ମାନେ ପାଳନ କରୁଥିବା ଏହି ପର୍ବର ଏକ ବିଶେଷତ୍ୱ ରହିଛି। ସଜବାଜ ଦିନ ଠାରୁ ଶେଷ ରଜ ପର୍ଯ୍ୟନ୍ତ ପ୍ରେତ୍ୟକ ଘେର ଏହି ପର୍ବକୁ ଯେଥଷ୍ଟ ମର୍ଯ୍ୟଦା ସହ ପାଳନ କରାଯାଇଥାଏ। କଣ୍ଟାପଡା ବ୍ଲକର ସବୁ ଘେର ଏହି ପର୍ବ ପାଳନ କରାଯାଉଥିବା ବେଳ ବ୍ରାହ୍ମଣବାଟି ପଞ୍ଚାୟତ ଅନ୍ତର୍ଗତ ବଡବିଲ ଓ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମେର ରଜ ମେହାତ୍ସବର ଆୟୋଜିତ ହୋଇଛି। ବଡବିଲ ଗ୍ରାମର ଗୋପବନ୍ଧୁ ବିଦ୍ୟା ମନ୍ଦିର ପୁରାତନ ଛାତ୍ର ସଂସଦ ଦ୍ୱାରା ଏହି ୩ ଦିନିଆ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳ ସୁନ୍ଦରଗ୍ରାମ ସ୍ପୋଟିଙ୍ଗ୍ କ୍ଲବ୍ ଦ୍ୱାରା ରଜ ମେହାତ୍ସବର ଆୟୋଜନ କରାଯାଉଛି। ତେବେ ଏହି ମେହାତ୍ସବ ସ୍ଥଳେର ଦିନ ସମୟେର ଯେତିକି ଭିଡ ପରିଲକ୍ଷିତ ନେହଉଛି ସନ୍ଧ୍ୟା ହେଲ ଭିଡ ଯୋର ଧରୁଥିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ହେଲ ଝକମକ୍ ବିଦ୍ୟୁତ ଆଲୋକେର ଉତ୍ସବ ସ୍ଥଳ ବେଶ ଝଲମଲ ହୋଇ ଉଠୁଛି। ତା ସାଙ୍ଗକୁ ରଙ୍ଗାରଙ୍ଗ ସାଂସ୍କୃତି କାର୍ଯ୍ୟକ୍ରମ ଦେଖିବା ପାଇଁ ଚେୟାର ଭରପୁର ହୋଇଯାଉଛି। ପହିଲି ରଜର ରାତରେ ସୁନ୍ଦରଗ୍ରାମ ମେହାତ୍ସବ ସ୍ଥଳେର ଗାଁର ଝିଅ ବୋହୁ ମାନେ ଏକ ସୁନ୍ଦର ନାଟକ ପରବେଷଣ କରିଥିଲେ। ଏହି ଗ୍ରାମର ବରିଷ୍ଠ ନଗରୀକ ରାମ ପ୍ରସାଦ ମହାନ୍ତିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକଟି ଥିଲା 'ଯେସାକୁ ତେଷା'। ସାଂପ୍ରତିକ ସମାଜେର ସାଧାରଣ ମଣିଷର ଅନୁଭବ ଉପେର ନାଟକର ବିଷୟବସ୍ତୁ ପର୍ଯ୍ୟେବଶିତ ହୋଇଥିବା ବେଳ ଏହାର ବିଭିନ୍ନ ଭୂମିକାେର ସେରାଜିନୀ ଆଚାର୍ଯ୍ୟ,ପୁଜାଷ୍ପଦା ମିଶ୍ର,ସ୍ୱର୍ଣ୍ଣପ୍ରଭା ଦାଶ,ସିମ୍ରନ ମିଶ୍ର,ସିପ୍ରା ସ୍ୱାଇଁ ପ୍ରମୁଖ ଅଭିନୟ କରିଥିଲେ। ନାଟେ୍ର ବର୍ଷିର୍ଯାନ ସଂଗୀତକାର ଗାନ୍ଧୀ ଭାଇନା ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକ ମାନଙ୍କ ପାଇଁ ବେଶ ଉପେଭାଗ୍ୟ ହୋଇଥିଲା। ସେହିପରି ବଡବିଲ ମେହାତ୍ସବ ସ୍ଥଳେର ନୃତ୍ୟ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଯେଉଁଥିେର ୫୦ରୁ ଉର୍ଦ୍ଧ୍ୱ ଅଞ୍ଚଳର ଝିଅମାନେ ଅଂଶଗ୍ରହଣ କରିଥିଲେ।

# ଆଇନ ସେବା ପ୍ରାଧିକରଣ ଦ୍ୱାରା ସମର୍ପଣ ବୃଦ୍ଧାଶ୍ରମରେ ସଚେତନତା କାର୍ଯ୍ୟକ୍ରମ




ନୟାଗଡ଼ (ପିପିଏସ୍): ନୟାଗଡ଼ ସହର ନିକଟସ୍ଥ ଲେଖନପୁର ଠାରେ ଗଢିଉଠିଥିବା ସମର୍ପଣ ବୃଦ୍ଧାଶ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅନୁଷ୍ଠାନ ତରଫରୁ ବିଶ୍ୱ ବରିଷ୍ଠ ନାଗରିକଙ୍କୁ ଅବମାନନା ନ କରିବା ସଚେତନତା ଦିବସ ପାଳନ ହୋଇ ଯାଇଛି। ନୟାଗଡ଼ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ତଥା ସିନିୟର ବିଭାଗ ବିଚାରପତି ଅଞ୍ଜଳୀ ମଛଖଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ କଳା ପରିଷଦର ସଂପାଦିକା ପ୍ରଭାସିନୀ ନନ୍ଦ ଓ ଜିଲ୍ଲା ଆଇନସେବା ପ୍ରାଧିକରଣର ସାମାଜିକକର୍ମୀ କ୍ଷଣପ୍ରଭା କର ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ସମସ୍ତଙ୍କର କି ପ୍ରକାର ଉତ୍ତର ଦାୟିତ୍ୱ ଓ କର୍ତ୍ତବ୍ୟ ଅଛି ସେ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ସେମାନଙ୍କର ସେବା ସୂଷୁଶ୍ରା କରିବା ଆଦି ବହୁ ଉପାଦେୟ ବିଷୟରେ ଅତିଥି ମାନେ ପରାମର୍ଶ ଦେଇଥିଲେ। ପୁଅବୋହୂ ମାନେ ବୃଦ୍ଧବୃଦ୍ଧା ପିତାମାତାଙ୍କୁ ନିର୍ଯ୍ୟାତନା ଦେଲେ ଆଇନ୍ ର ବିଭିନ୍ନ ବ୍ୟବସ୍ଥା ସହିତ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କିପରି ପଦକ୍ଷେପ ଗ୍ରହଣ କରେ ସେ ସମ୍ପର୍କରେଏକ ସଚେତନତା ନାଟକ ମଞ୍ଚସ୍ଥ ହୋଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସାମାଜିକ କର୍ମୀ ମାନେ ନିଖୁଣ ଅଭିନୟ କରି ନାଟକଟିକୁ ଜୀବନ୍ତ କରିଥିଲେ।ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ମଛଖଣ୍ଡ ମହୋଦୟା ସମର୍ପଣ ପରିସର ବୁଲିବା ସହିତ ଅନ୍ତେବାସୀ ମାନଙ୍କ ରୁମ୍ ଗୁଡିକୁ ବୁଲି ଦେଖିଥିଲେ। ସେମାନଙ୍କର ଖାଇବା, ପିଇବା, ରହିବା, ଶୋଇବା, ମନୋରଞ୍ଜନ ଆଦି ସମସ୍ତ ପ୍ରକାର ବ୍ୟବସ୍ଥା ବିଷୟରେ ଟିକିନିଖି କରି ବୁଝିଥିଲେ। ଅନ୍ତେବାସୀ ମାନଙ୍କ ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉତ୍ତମ ପରାମର୍ଶ ଦେବା ସହିତ ଆଇନ୍ ସମ୍ପର୍କିତ ସମସ୍ତ ପ୍ରକାର ସେବା ଓ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିଜେ ଗୀତ ଗାଇ ଅନ୍ତେବାସୀ ମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଉନ୍ମାଦନା ଭରି ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅନୁଷ୍ଠାନର କର୍ମଚାରୀ ମାନେ ଅନ୍ତେବାସୀ ମାନଙ୍କ ସହିତ ନାଚଗୀତ କରି ଏକ ଆନନ୍ଦ ଉଲ୍ଲାସ ଭରା ବାତାବରଣ ସୃଷ୍ଟି କରିଥିଲେ। ସମର୍ପଣ ସଂପାଦକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମର୍ପଣର ବରିଷ୍ଠ ସଦସ୍ୟ ମିହିର ରଂଜନ ନାୟକ ଓ ପ୍ରଶାନ୍ତ କୁମାର ପଟ୍ଟନାୟକ ସହଯୋଗ କରିଥିଲା ବେଳେ କୋଷାଧ୍ୟକ୍ଷ ସନ୍ତୋଷ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


# ଟ୍ରଷ୍ଟ ପକ୍ଷରୁ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି

କୋଣାର୍କ (ପିପିଏସ): ପବିତ୍ର ରଜ ସଂକ୍ରାନ୍ତି ଅବସରରେ ଧାର୍ମିକ ଓ ଆଧାତ୍ମିକ ଅନୁଷ୍ଠାନ 'କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ' ପକ୍ଷରୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ସୂର୍ଯ୍ୟ ଆଳତି ଅନୁଷ୍ଠିତ ହୋଇଯାଇଛି । ପଞ୍ଜିକାନୁଯାୟୀ ପ୍ରତ୍ୟୁଷ ୫ ଟା୧୦ ମିନିଟ୍ ରେ ସୂର୍ଯ୍ୟ ଉଦୟ ହେବା ପରେ ସୂର୍ଯ୍ୟ ପୂଜା, ବନ୍ଦାପନା ଓ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା ଓ ଚନ୍ଦ୍ରଭାଗାରେ ଉଦୟ କାଳୀନ ସୂର୍ଯ୍ୟଙ୍କୁ ଦର୍ଶନ କରିବା ପାଇଁ ଉପସ୍ଥିତ ଥିବା ଶ୍ରଦ୍ଧାଳୁ ମାନେ ମଧ ସାମିଲ୍ ହୋଇ ସୂର୍ଯ୍ୟ ଆଳତି କରିଥିଲେ ।ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ଧର୍ମୀୟ ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମାର୍ଗଦର୍ଶକ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ସଭାପତି ପ୍ରଫୁଲ୍ଲ କୁମର ପାତ୍ର, କୋଷାଧ୍ୟକ୍ଷ ସଞ୍ଜୟ ବରାଳ, ଶରତ ଚନ୍ଦ୍ର ପ୍ରଧାନ, ଶ୍ରୀଧର ନାୟକ, ପ୍ରଶନ ତ୍ରିପାଠୀ, ପ୍ରତାପ ରାଉତ, ଅଜିତ ମଲ୍ଲିକ , ଚନ୍ଦ୍ରଶେଖର ନାୟକ, ରାମକୃଷ୍ଣ ମହାନ୍ତି, ବିଚିତ୍ର ଓଝା, ନିରଂଜନ ତ୍ରିପାଠୀ, ମଙ୍ଗରାଜ ମୁଦୁଲି, ରମେଶ ନାୟକ, ବାମଦେବ ଆଲୁକ, ବିରଞ୍ଚି ନାରାୟଣ ରଥ, ଚିତ୍ତରଂଜନ ମିଶ୍ରଙ୍କ ସମେତ ଟ୍ରଷ୍ଟର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

# କାୟାକଳ୍ପ ପକ୍ଷରୁ ରଜ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

କଟକ : ଓଡ଼ିଆ ଭାଷା ସାହିତ୍ୟ ବିଜ୍ଞାନର ମୁଖପତ୍ର କାୟାକଳ୍ପ ପକ୍ଷରୁ ରଜ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କଟକ ଖପୁରିଆ ଇଭେନ୍ସ କଲୋନୀ ଠାରେ ଅନୁଷ୍ଠିତ ହୋଇଯାଇଅଛି। ସୁରେନ୍ଦ୍ର ନାଥ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଲେଖିକା ଜ୍ୟୋତ୍ସ୍ନା ମିଶ୍ର, ଉଦଘାଟନ କରିଥିଲେ। ଚନ୍ଦ୍ର କିଶୋର ମହାନ୍ତି ଅତିଥି ଭାବରେ ଯୋଗଦେଇ ଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଭାସିନୀ ମାହାଳି କ୍ୱୋରର ଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ସମାଜ ସେବୀ ଭାଗିରଥି ମିଶ୍ରଙ୍କ ସ୍ମୃତିରେ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ନଳିନୀକାନ୍ତ ବିଶ୍ୱାଳ ସହଯୋଗ କରିଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଚାରିଛକ,(ପିପିଏସ) ନିକଟସ୍ଥ ତୁଳସୀପୁର ବ୍ରାହ୍ମଣ ଶାସନ ଗ୍ରାମ ର ଧର୍ମ ପରାୟଣ ବ୍ୟକ୍ତି ବ୍ରହ୍ମାନନ୍ଦ ତ୍ରିପାଠୀ (୮୪)ଙ୍କର ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ କଟକସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟରେ ଚାକିରି କରି ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅ, ବୋହୂ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ସରଳ, ଧର୍ମ ପରାୟଣ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗ ଖବର ପାଇ ତୁଳସୀପୁର ଗ୍ରାମ କମିଟି ସଭାପତି ବନବିହାରୀ ଦାଶ,ଚାରିଛକ ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କର, ଶିକ୍ଷାବିତ ରବିନ୍ଦ୍ର କୁମାର ତ୍ରିପାଠୀ, ପ୍ରଫେସର ଗୋପିନାଥ କର, କଟକ ଏସ୍‌ସିବି ମେଡିକାଲର ଆସିଷ୍ଟାଣ୍ଟ ପ୍ରଫେସର ସୌମ୍ୟ ରଞ୍ଜନ ତ୍ରିପାଠୀ, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ବିଶ୍ୱନାଥ ତ୍ରିପାଠୀ, କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ। ତୁଳସୀପୁର ଗ୍ରାମ ଶ୍ମଶାନଠାରେ ତାଙ୍କ ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କ ଜ୍ୟେଷ୍ଠ ପୁତ୍ର ଉକୁଲେଇ କଲେଜର ଅଧକ୍ଷ ନିରୋଦ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।


# କାର୍ଯ୍ୟରେ ଯୋଗଦେଲେ ନିଗମ କମିଶନର



ବ୍ରହ୍ମପୁର (ପିପିଏସ୍): ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) କମିଶନର ଭାବେ ଯୋଗ ଦେଇଛନ୍ତି ପ୍ରଥମେଶ ଅରବିନ୍ଦ ରାଜେଶିର୍କେ। ଛୁଟିଦିନ ସତ୍ତ୍ୱେ ମଧାହ୍ନରେ ବିଏମ୍‌ସି କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟରେ ଯୋଗଦାନ କରିଥିଲେ। ନିଗମର ଅଧିକାରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ଏହା ପରେ କମିଶନର ଶ୍ରୀ ରାଜେଶିର୍କେ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଦର୍ଶନ ପାଇଁ ବାହାରି ଯାଇଥିଲେ। ୨୦୨୧ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ରାଜେଶିର୍କେଙ୍କ ଘର ମହାରାଷ୍ଟ୍ରରେ। ସେ ମେକାନିକାଲ୍ ଟ୍ରେଡ୍‌ରେ ଇଞ୍ଜିନିୟରିଂ ଶିକ୍ଷା ଶେଷ କରିବା ପରେ କର୍ପୋରେଟ୍ ସେକ୍ଟରରେ ଏକ ବର୍ଷ କାର୍ଯ୍ୟ କରିଛନ୍ତି। ଆଇଏଏସ୍ ପାଇବା ପରେ କୋରାପୁଟ ଆସିଷ୍ଟାଣ୍ଟ କଲେକ୍ଟର୍ ଓ ବାଲେଶ୍ୱର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ହୋଇଥିଲେ। ଏବେ ସେ ବ୍ରହ୍ମପୁର ମହାନଗର ନିଗମର ନୂଆ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି।

# ଆନନ୍ଦଉଲ୍ଲାସର ସହ ରଜପର୍ବ ପାଳିତ

ଚାରିଛକ,(ପିପିଏସ): ଆଜି ଥିଲା ପବିତ୍ର ରଜ ସଂକ୍ରାନ୍ତି। ଚାରିଛକ ଓ ଏହାର ଆଖପାଖ ଅଞ୍ଚଳର ଯୁବତୀ,କିଶୋରୀ, ବୁଢ଼ାଠାରୁ ପିଲା ସମସ୍ତେ ଆନନ୍ଦ ଉଲ୍ଲାସ ର ସହ ରଜ ପର୍ବ ପାଳନ କରିଛନ୍ତି। ଯୁବତୀ/କିଶୋରୀ ମାନେ ନବବସ୍ତ୍ର ପରିଧାନ କରି, ହାତରେ ମେହେନ୍ଦି ଲଗାଇ, ଗୋଡ଼ରେ ଅଳତା ପିନ୍ଧି, ନିଜକୁ ସଜ୍ଜିତ କରି



ଘରେ ଘରେ ଦୋଳି ବାନ୍ଧି ଖେଳି, ପିଠାପଣା ଖାଇ, ଲୁଡୁ, ତାସ, ପୁଚି ଖେଳି ମଉଜ କରିଥିଲେ। ବିଭିନ୍ନ ଗାଁର କୋଠଘର, ଗ୍ରାମ ଦେବତୀ ପୀଠ ଠାରେ ବୁଢ଼ା ଠାରୁ ପିଲା ସମସ୍ତେ ମିଳିମିଶି ବିଭିନ୍ନ ପ୍ରକାରର ଖେଳ ଖେଳି ଥିଲେ। ରଜ ସଂକ୍ରାନ୍ତି ହୋଇଥିବାରୁ ନିକଟସ୍ଥ ଅମରେଶ୍ୱର, ବନ୍ଦେଶ୍ୱର, ବ୍ରହ୍ମେଶ୍ୱର, ଅଙ୍ଗେଶ୍ୱର ଶମ୍ଭୁ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତମାନଙ୍କର ଭିଡ ଲାଗିଥିଲା।

# ରଜ ସଂକ୍ରାନ୍ତିରେ ଗୋରେଖନାଥ ପୀଠ ଭକ୍ତମୟ



ରଘୁନାଥପୁର (ପିପିଏସ): ପବିତ୍ର ରଜ ସଂକ୍ରାନ୍ତିରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ବେରେଇକୋଲା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ପ୍ରତ୍ୟୁଷରୁ ପ୍ରଭୁଙ୍କୁ ଟିପା ଲାଗି ସଂକ୍ରାନ୍ତି ଉତ୍ତାରୁ ନୀତିକାନ୍ତି ସମାପନ ପରେ ପୀଠ ମଧକୁ ଭକ୍ତଙ୍କ ଆଗମନ ହୋଇଥିଲା। ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ବିଭିନ୍ନ ପାର୍ଶ୍ୱରୁ ପୀଠକୁ ଆସିବାକୁ ଥିବା ରାସ୍ତାରେ ଶତାଧିକ ସଂଖ୍ୟାରେ ଅଟୋ, କାର୍ ଓ ବାଇକ ଟ୍ରାଫିକ ଜାମରେ ଘଣ୍ଟା ଘଣ୍ଟା ପଡି ରହିଥିଲା। ତିର୍ତ୍ତୋଲ ପୁଲିସ ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା ନଥିବାରୁ ପ୍ରବଳ ଗୁଳୁଗୁଳିରେ ରାସ୍ତା ଉପରେ ଯାତ୍ରୀମାନେ ଅସହାୟ ଅବସ୍ଥାରେ ଅଟକି ରହିଥିଲେ। ଏପରିକି ପାଦରେ ଚାଲି ଚାଲି ଆସୁଥିବା ଲୋକେ ମଧ୍ୟ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ବହୁ ସଂଖ୍ୟାରେ ଯାତ୍ରୀ ସମାଗମକୁ ଦୃଷ୍ଟିରେ ରଖି ପୀଠ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ସେହିପରି ପୀଠରେ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ମାଜିଷ୍ଟ୍ରେଟ ଦାୟୀତ୍ୱରେ ରହିଥିଲେ। ପୀଠ ଚତୁଃପାର୍ଶ୍ୱ ରାସ୍ତାକୁ ସ୍ଥାନୀୟ ବ୍ୟବସାୟୀମାନେ ବେପାର ଉଦ୍ଦେଶ୍ୟରେ ଅବରୋଧ କରି ରଖିଥିବାରୁ ଯାତାୟାତ ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦିନତମାମ ପୀଠ ମଧ୍ୟରେ ଭଜନ କୀର୍ତ୍ତନ ଲାଗି ରହିଥିଲା। ଯାତ୍ରୀମାନଙ୍କ ପାଇଁ ଧାଡି ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଆଗଭଳି ଏଥରେ ପ୍ରସାଦ ସେବନର ବ୍ୟବସ୍ଥା ନଥିବାରୁ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ଅସୋନ୍ତୋଷ ପ୍ରକାଶ କରି ଫେରିଯାଉଥିଲେ। ପୀଠ କିରାଣୀ ସରୋଜ କୁମାର ସାହାଣୀ, ଉପଦେଷ୍ଟା କମିଟି ସଦସ୍ୟ ବିଜୟ ସ୍ୱାଇଁଙ୍କ ସହ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସେବା ଯୋଗାଇ ଦେଇଥିଲେ।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବୈଠକ

କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ସାଧାରଣ ବୈଠକ ରବିବାର ପୂର୍ବାହ୍ନରେ ମହାବିଦ୍ୟାଳୟର ଗାନ୍ଧୀଭବନରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ତଥା ପୁରାତନ ଛାତ୍ର ଗଣେଶ୍ୱର ବେହେରା ମୁଖ୍ୟଅତିଥି, ପୁରାତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ସନ୍ଦିପ ସାହୁ ମୁଖ୍ୟବକ୍ତା ଓ ପୌରାଧ୍ୟକ୍ଷା ତଥା ପୁରାତନ ଛାତ୍ରୀ ସରିତା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସୁବ୍ରତ କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସମ୍ପାଦକ ଡ. ବିଧୁଭୂଷଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂସଦର ସଭାପତି ଭାବେ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ଉପସଭାପତି ଭାବେ ଅଧ୍ୟାପକ ପ୍ରଦୀପ୍ତ କିଶୋର ଦାଶ, ତ୍ରୈଲୋକ୍ୟନାଥ ସାମଲ, ବିଶ୍ୱଜିତ ଦାସ, ସମ୍ପାଦକ ଭାବେ ଅଧ୍ୟାପକ ପ୍ରମୋଦ କୁମାର ଦାସ, ଯୁଗ୍ମସମ୍ପାଦକ ଭାବେ ସ୍ମୃତିରଞ୍ଜନ ଜେନା, ପ୍ରତାପ ଚନ୍ଦ୍ର ମହାନ୍ତି ଓ ସୀମା ମହାନ୍ତି, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଡ. ବିଧୁଭୂଷଣ ଦାସ,ଚିତ୍ତରଞ୍ଜନ ଦାସ, ଡ. ରଶ୍ମୀ କର, ଡ. କଳ୍ପନା ମଲ୍ଲିକ, ଶୁଭଙ୍କର ନାୟକ, ଡ. ରତ୍ନମଞ୍ଜରୀ ଦାଶ, ଶରତ ସିଂ, ରାଜେଶ ନାୟକ, ବିଶ୍ୱନାଥ ଆଚାର୍ଯ୍ୟ, ଅଧ୍ୟାପକ ସୁବ୍ରତ ସାମଲ, ସେକ ସମସୁର ଅଲ୍ଲୀ ଓ ଅଧ୍ୟାପକ ଗୋଲଖ ମହାଭୋଇଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସେହିଭଳି ସଂସଦର ଉପଦେଷ୍ଟା ଭାବରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା, ଡ. ବିନ୍ଦୁମିତ୍ର ବଳ, ଡ. ଅମୀୟ କୁମାର ମହାନ୍ତି ଓ ଅଜୟ କୁମାର ସାମଲଙ୍କୁ ଚୟନ କରାଯାଇଥିଲା। ସଂସଦର ନବନିର୍ବାଚିତ କାର୍ଯ୍ୟକାରୀ କମିଟି ମହାବିଦ୍ୟାଳୟର ବିକାଶ ତଥା ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ବୋଲି ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା କହିବା ସହିତ ମହାବିଦ୍ୟାଳୟର ଜମି ସୁରକ୍ଷାକୁ ନବଗଠିତ ସଂସଦ ପ୍ରାଧାନ୍ୟ ଦେବ ବୋଲି ସେ କହିଛନ୍ତି।

### ପରିଶ୍ରମ ଆଗରେ ହାରମାନିଲା ଦାରିଦ୍ର୍ୟ

# ଦିନ ମଜୁରିଆ ପୁଅହେବେ ଡାକ୍ତର

### ସର୍ବଭାରତୀୟସ୍ତରରେ ର୍‍ୟାଙ୍କ ୪୪୭୮ , କାଟେଗୋରି ର୍‍ୟାଙ୍କ ୩ ନମ୍ବର



ଅସ୍ତରଙ୍ଗ (ପିପିଏସ୍) : ଦିନ ମଜୁରିଆ ବାପା ମା'ଙ୍କ ପୁଅ ବନିବ ଡାକ୍ତର। ପିନ୍ଧିବ ଧଳା ଆପ୍ରନ, ବେକରେ ପକାଇବ ଷ୍ଟେଟୋସ୍କୋପ । ପୁଅ ନିଟ୍ ପରୀକ୍ଷାରେ ପାସ୍ କରିଛି। ପୁଅ ଡାକ୍ତରୀ ପଢ଼ିବ ଜାଣି ବାପାମା'ଙ୍କ ପାଦ ତଳେ ଲାଗୁନି। ପୁଅ ସହ ସେମାନଙ୍କର ବି ବର୍ଷ ବର୍ଷର କଠିନ ପରିଶ୍ରମ ସାକାର ହୋଇଛି। ସେମାନଙ୍କ ଆଖିରେ ଆଖିଏ ସ୍ୱପ୍ନ ହେଲେ ପାଖରେ ଅର୍ଥର ଘୋର ଅଭାବ। ପୁଅ କିପରି ଡାକ୍ତରୀ ପାଠ ପଢ଼ିବ, କିପରି ତା'ର ନାମ ଲେଖାଇବେ ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି। ଏପରି ଏକ ଘଟଣା ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ବାଜପୁର ଗାଁରେ ଦେଖିବାକୁ ମିଳିଛି। ବାଜପୁର ଗାଁର ଅଲେଖ ଚନ୍ଦ୍ର ବେହେରା ଓ ଶାନ୍ତିଲତା ବେହେରାଙ୍କ ପୁଅ ରଘୁନାଥ ବେହେରା ଚଳିତ ବର୍ଷ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଫଳରେ ସର୍ବଭାରତୀୟ ସ୍ତରରେ ତାଙ୍କ ର୍‍ୟାଙ୍କ ୪ହଜାର ୪ଶହ ୭୮ରହିଥିବା ବେଳେ କାଟେଗୋରି ସ୍ତରରେ ୩ ନମ୍ବରରେ ରହିଛନ୍ତି।

ହେଲେ ଦିନ ମଜୁରି ଲାଗିଲେ ପରିବାର ମୁହଁରେ ଦାନା ଦେଉଥିବା ଅଲେଖ ବେହେରାଙ୍କ ନିକଟରେ ସମ୍ବଳ ବୋଲି କିଛି ନାହିଁ। ପୂର୍ବରୁ ପରିବାର ଚଳାଇବାକୁ ପାମ୍ପଡ଼ ଓ ଆଇସକ୍ରିମ ବିକ୍ରି କରୁଥିବା ବେଳେ କୋଭିଡି ପରଠାରୁ କାକଟପୁର ଅଞ୍ଚଳର ଏକ ମିଷ୍ଟାନ ଭଣ୍ଡାରରେ କାମ କରିଥାନ୍ତି। ଦିନକୁ ସ୍ୱଳ୍ପ ମଜୁରୀ ମାତ୍ର ୨ଶହ ଟଙ୍କା। ବହୁ କଷ୍ଟରେ ଅର୍ଥ ରୋଜଗାର କରି ପୁଅକୁ ନିଟ କୋଚିଂ ଦେଇଥିଲେ। ପୁଅ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିବା ଖୁସି ସହ ସେମାନଙ୍କ ମଧ୍ୟରେ ଅର୍ଥ ଯୋଗାଡ଼ ନେଇ ଚିନ୍ତା ବି ବଢ଼ି ଯାଇଛି। ସକାଳେ ଖଟିବାକୁ ଗଲେ ସନ୍ଧ୍ୟାରେ ଖାଇବା ଯୋଗାଡ଼ କରି ପାରୁଥିବା ବାପାମା' କିପରି ଲକ୍ଷ ଲକ୍ଷ ଟଙ୍କା ଯୋଗାଡ଼ କରିବେ, ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି। ମନରେ ଖୁସି ଥିଲେ ବି ଆପେଆପେ ଆଖି ଜକେଇ ଯାଉଛି। ପୁଅକୁ ଡାକ୍ତର ଭାବେ ଦେଖିବା ନିମନ୍ତେ ମନରେ ଅଦ୍ୟମ ଇଚ୍ଛା ଥିଲେ ବି କିପରି ଖର୍ଚ୍ଚ ତୁଲାଇବେ ତାହା ଭାବି ଭାବି ଏବେ ସେମାନଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ।

ଏନେଇ ରଘୁନାଥ କହିଛନ୍ତି, ପିଲା ବେଳୁ ଡାକ୍ତର ହେବାକୁ ଇଚ୍ଛା ଥିଲା। ତେଣୁ ପାଠପଢ଼ାରେ ମନ ଦେଉଥିଲି। ମାତ୍ର କୋଚିଂ ନିମନ୍ତେ ବାପା ମା'ଙ୍କ ନିକଟରେ ଅର୍ଥର ଘୋର ଅଭାବ ଥିଲା। ତେଣୁ କଷ୍ଟେ ମଷ୍ଟେ କୋଚିଂ ନେଇ ନିଜକୁ ପ୍ରସ୍ତୁତ କରୁଥିଲି। ଏଥିନିମନ୍ତେ ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ଶେଷରେ ମେଡିକାଲ ସିଟ୍ ? ପାଇଥିଲେ ବି କିପରି ପାଠ ପଢ଼ିବି, ଟଙ୍କା କେଉଁଠୁ ଆସିବ ସେ ଚିନ୍ତା ମୋତେ ଓ ମୋ' ବାପା ମା'ଙ୍କୁ ଘାରିଛି। ପୁଅର ସ୍ୱପ୍ନ ପୂରଣ ପାଇଁ ସରକାର କିଛି ସହାୟତା ଯୋଗାଇ ଦେବାକୁ ଦାବି ଜଣାଇଛନ୍ତି ରଘୁନାଥଙ୍କ ପିତାମାତା ଓ ସମ୍ପର୍କୀୟ।

# ରଜରେ ବଢୁଛି ବନାରସି, ଫାୟର ପାନର ଚାହିଦା



ଅସ୍ତରଙ୍ଗ (ପିପିଏସ୍): ରଜରେ ପାନର ରହିଛି ଏକ ସ୍ୱତନ୍ତ୍ରତା। ପୋଡ଼ପିଠା ବିନା ଯେପରି ରଜ ଅଧୁରା, ସେହିପରି ପାନ ବିନା ସବୁ କିଛି ଫିକା। ରଜ ପାନ ଲାଗି ସମସ୍ତଙ୍କ ରହୁଥାଏ ଆଶା। ବର୍ଷସାରା ପାନ ଠାରୁ ଦୂରେଇ ରହିଥିବା ବ୍ୟକ୍ତିଟିଏ ରଜ ତିନିଦିନ ପାନ ଖଣ୍ଡିଏ ଖାଇବା ପାଇଁ ମନ ବଳାଇଥାଏ। ତେଣୁ ଗାଁ ଠାରୁ ସହର ସବୁଠି ରଜପାନ ପସରା ମେଳିଥାଏ। ତେବେ ରଜ ଆସିଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଚଳଚଞ୍ଚଳ ହୋଇଉଠିଥାଏ। ଅସ୍ତରଙ୍ଗ ମୁଖ୍ୟ ବଜାର ଥାନା ଛକ ନିକଟରେ ରଜପାନ ଲାଗି ସୁକାନ୍ତ ସ୍ୱାଇଁ ବେଶ ଜଣାଶୁଣା। ୩ ଦିନ ବ୍ୟାପି ଏଠାରେ ଗ୍ରାହକଙ୍କ ଭିଡ଼ ଜମିଥାଏ। ଅସ୍ତରଙ୍ଗ ମୁଖ୍ୟ ବଜାରକୁ ଆସୁଥିବା ଲୋକେ ଏହି ରଜ ପାନ ଦୋକାନରେ ଅଟକି ଏଠାରୁ ପରିବାର ଲୋକଙ୍କ ପାଇଁ ରଜପାନ ନେଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ୭ରୁ ଊର୍ଦ୍ଧ୍ୱ ଦୋକାନରେ ରଜପାନର ଷ୍ଟଲ ଲାଗିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ପାନ ବ୍ୟବସାୟୀମାନେ ଦୋକାନକୁ ସୁସଜ୍ଜିତ କରିଛନ୍ତି। ୧୦ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ମିଠା ପାନ ମିଳିଥାଏ।ଗ୍ରାହକଙ୍କ ଚାହିଦା ଅନୁସାରେ ୧୫ ପ୍ରକାର ପାନ ଭଙ୍ଗାଯାଇଥାଏ। ବନାରସୀ ମିଠାପତ୍ର ପାନ, ପ୍ରଜାପତି, ସିଙ୍ଗଡ଼ା, କୋନ, କୁଲଫି, କାକରା ଏବଂ ଫାଏର ପାନର ବେଶ ଚାହିଦା ରହିଛି। ବିଶେଷ କରି ବନାରସୀ ପାନ ଓ ଫାଏର ପାନର ଗ୍ରାହକଙ୍କ ଅଧିକ ପସନ୍ଦ।

ଏନେଇ ବ୍ୟବସାୟୀ ସୁକାନ୍ତ ସ୍ୱାଇଁ କୁହନ୍ତି, ରଜ ଆସିବାର ଏକ ମାସ ପୂର୍ବରୁ କୋଲକାତା, ଭୁବନେଶ୍ୱର, ବ୍ରହ୍ମପୁରରୁ କଞ୍ଚାମାଲ ସଂଗ୍ରହ କରାଯାଏ। ଚଳିତ ବର୍ଷ ବନାରସୀ ପତ୍ର ସହିତ ଅନ୍ୟ ସାମଗ୍ରୀର ଦର ମଧ ବୃଦ୍ଧି ପାଇଛି। ପାନରେ ସାଧାରଣତଃ ଖଜୁରୀ, ନଚ୍ଛା, ସୀମାଇ ବିଭିନ୍ନ ରଙ୍ଗର ୩ପ୍ରକାର, ଛୁଞ୍ଚିଗୁଆ, ନଡ଼ିଆ ସହିତ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରାଯାଇଥାଏ। ସେହିପରି ଚଳିତ ବର୍ଷ ବେପାର ଭଲ ହେବ ଆଶା ରଖିଛନ୍ତି ବ୍ୟବସାୟୀ ସୁକାନ୍ତ ସ୍ୱାଇଁ। ସେ କହିଛନ୍ତି ଏହି ୩ ଦିନ ସକାଳୁ ରାତି ପର୍ଯ୍ୟନ୍ତ ବେପାର ଜମିଥାଏ।

# ସେଲ୍ ଅଧିକାରୀଙ୍କ ଘରେ କଳା କନା ବୁଲାଇଲେ ଦୁର୍ବୃତ୍ତ

ଯୋଡ଼ା: କେନ୍ଦୁଝର ଜିଲାର ଖଣି କ୍ଷେତ୍ରରେ ଦିନକୁ ଦିନ ବୃଦ୍ଧି ପାଉଛି ଅପରାଧିକ ମାମଲା । ଦୁଇ ଦିନ ପୂର୍ବରୁ ଯୋଡ଼ା ଥାନା ଅଞ୍ଚଳରେ ଦିନ ଦୁଇ ପହରରେ ବନ୍ଧୁକ ମୁନରେ ଏକ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ସହ ସୁନା ଲୁଟ୍ ଘଟଣା ଘଟିବାର ଦୁଇ ଦିନ ପରେ ସୀମାନ୍ତ ବଲାଣି ଥାନା କ୍ଷେତ୍ରରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧୀନସ୍ଥ ବଲାଣି ଲୌହ ଖଣିରେ ଦୁଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ଘରେ ପୁଣି ସୁନା ଓ ନଗଦ ଲୁଟିବାରେ ସକ୍ଷମ ହୋଇଛନ୍ତି ଦୁର୍ବୃତ୍ତ । ସୂଚନା ଅନୁସାରେ ବଲାଣି ଲୌହ ଖଣିରେ କାର୍ଯ୍ୟରତ ଦୁଇ ଉଚ୍ଚପଦସ୍ଥ ଅଧିକାରୀଙ୍କ କ୍ୱାର୍ଟରରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଲୁଟ ହୋଇଥିବା ଜଣାପଡିଛି । ଖବର ଅନୁସାରେ ବଲାଣି ଲୌହ ଖଣିର ଅଧିକାରୀଙ୍କ କଲୋନୀରୁ ଗୋଟିଏ ରାତିରେ ଏହି ଚୋରି ହୋଇଥିବା ଅଭିଯୋଗ ହୋଇଛି । ସବୁଠାରୁ ବଡ଼ କଥା ହେଉଛି ସମ୍ନା ସାମ୍ନି ରହିଥିବା ଦୁଇ ପଡ଼ୋଶୀଙ୍କ ଘରେ କେହି ନଥିବା ଅବସ୍ଥାରେ ଏହି ଘଟଣା ଘଟିଛି । କ୍ୱାର୍ଟର ସଂଖ୍ୟା ଇ୬/ ୧୮ ଓ ଇ୬/୧୯ ରେ ଗୁରୁବାର ରାତିରେ ଏହି ଚୋରି ଘଟଣା ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି । କ୍ୱାର୍ଟର ସଂଖ୍ୟା ଇ୬/ ୧୮ରେ ପ୍ଲାଣ୍ଟ ବିଭାଗର ବରିଷ୍ଠ ପ୍ରବନ୍ଧକ ସୁରେଶ ଚନ୍ଦ୍ର ମହାନ୍ତି ରହୁଥିବା ବେଳେ ଇ୬/୧୯ ରେ ମେକାନିକାଲ ବିଭାଗର ସହ ମହାପ୍ରବନ୍ଧକ ସହନବାଜ ଆଲାମ ରହୁଥିଲେ । ଶ୍ରୀ ମହାନ୍ତିଙ୍କ ଘର କବାଟକୁ ଭାଙ୍ଗି ଦୁର୍ବୃତ୍ତ ମାନେ ଘରେ ପ୍ରବେଶ କରି ଆଲମିରା ଲକର୍ ଭାଙ୍ଗି ଆନୁମାନିକ ୨୦ ରୁ ୨୫ ଲକ୍ଷ ଟଙ୍କାର ସୁନାଗହଣା ଲୁଟ କରିଥିବା ବେଳେ ପଡୋଶୀ ଶ୍ରୀ ଆଲମଙ୍କ ଘରେ କବାଟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପ୍ରବେଶ କରି ଆଲମିରା ସମେତ ସମସ୍ତ ଜିନିଷ ପତ୍ର ଛିନ ଭିନ କରି ପକେଇଛନ୍ତି । ତେବେ ଉଭୟଙ୍କ ଘରୁ କେତେ ମୁଲ୍ୟ ର ସମ୍ପତ୍ତି ଲୁଟ ହୋଇଛି ତାହା ସ୍ପଷ୍ଟ ଜଣା ପଡିନାହିଁ । ଉଭୟ ପରିବାର ବଲାଣି ଫେରିବା ପରେ କେତେ ମୂଲ୍ୟର ସମ୍ପତ୍ତି ଚୋରି ହୋଇଛି ତାହା ସ୍ପଷ୍ଟ ହେବ ବୋଲି ପଡୋଶୀ ମାନେ କହିଛନ୍ତି । ତେବେ କିଛି ପଡୋଶୀ ଏହି ଘଟଣା ଶନିବାର ଜାଣିବା ପରେ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ବଲାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଜଣକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ବୋଲି ଜଣା ପଡ଼ିଛି । ତେବେ ସୀମାନ୍ତ ବଲାଣିରେ ବାରମ୍ବାର ଚୋରୀ ଘଟଣା ସାମ୍ନାକୁ ଆସୁଥିବା ବେଳେ ବଲାଣି ପୁଲିସ କୌଣସି ଏକ ଚୋରି ମାମଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ସଫଳତା ପାଇନଥିବା ବେଳେ ଏହା ପୁଲିସ ପାଇଁ ଆହ୍ୱାନ ପାଲଟିଛି ।

# ଲମତାପୁଟରେ ସର୍ବାଧିକ ୬୦.୪ ମି.ମି. ବର୍ଷା ରେକର୍ଡ

କୋରାପୁଟ (ହି.ସ.)- ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି । କୋରାପୁଟ ଜିଲ୍ଲାର ଲମତାପୁଟରେ ସର୍ବାଧିକ ୬୦.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

ସେହିପରି ଜଗତସିଂହପୁର ଜିଲ୍ଲାର ତିର୍ତୋଲରେ ୫୫.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ନଓ୍ୱାନାରେ ୨୭.୪ ମି.ମି., ଯାଜପୁର ଜିଲ୍ଲାର ଜେନାପୁରରେ ୨୫.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ଯଶୀପୁରରେ ୨୪.୦ ମି.ମି., କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇରେ ୨୨.୦ ମି.ମି., ରାଜନଗରରେ ୨୦.୦ ମି.ମି., କେନ୍ଦୁଝର ଜିଲ୍ଲାର କେନ୍ଦୁଝରଗଡ଼ରେ ୧୪.୬ ମି.ମି., ମାଲକାନଗିରି ଜିଲ୍ଲାର ମାଲକାନଗିରିରେ ୧୨.୨ ମି.ମି., ଯାଜପୁର ଜିଲ୍ଲାର ବରୀରେ ୧୨.୦ ମି.ମି., କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇରେ ୧୧.୦ ମି.ମି. ଏବଂ କେନ୍ଦ୍ରାପଡ଼ା(ପିଟିଓ)ରେ ୧୦.୨ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ରଜପର୍ବରେ ସାଂସ୍କୃତିକ ସନ୍ଧ୍ୟା 'ମେଘ ମହ୍ଲାର'



ରାଉରକେଲା(ପିପିଏସ୍) : ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସିଭିକ୍ ସେଣ୍ଟରଠାରେ ମାଟିର ମହାପର୍ବ ରଜ ଉତ୍ସବ ପାଳନ ଉପଲକ୍ଷେ ମନୋଜ୍ଞ ସାଂସ୍କୃତିକ ସନ୍ଧ୍ୟା 'ମେଘ ମହ୍ଲାର' ଆୟୋଜିତ ହୋଇଯାଇଛି । ଆର୍‌ଏସ୍‌ପି ତଥା ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା, ପ୍ରତିଜ୍ଞା ପଲାଇ, ରୀତାରାଣୀ ଓ ନବନୀତା ପାଲଚୌଧୁରୀ, ସହରସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର, କାରଖାନାର ବହୁ ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟଗଣ ଏବଂ ବହୁ ସଂଖ୍ୟାରେ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ । ଶ୍ରୀ ବର୍ମା ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଆନୁଷ୍ଠାନିକ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସିଭିକ ସେଣ୍ଟର ପରିସରକୁ ରଜ ଉତ୍ସବ ସହ ଯୋଡି ହୋଇରହିଥିବା ବିଭିନ୍ନ ପ୍ରତୀକ ସହ ସଜ୍ଜିତ କରାଯାଇଥିଲା । ଏହି ଅବସରରେ ଶ୍ରୀ ବର୍ମା ରଜ ଉତ୍ସବର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହିତ କହିଥିଲେ ଯେ, "ଏଭଳି ଉତ୍ସାହପୂର୍ଣ୍ଣ ମନୋଜ୍ଞ ସାଂସ୍କୃତିକ ସନ୍ଧ୍ୟା ନା କେବଳ ଆମର ସମୃଦ୍ଧ ପରମ୍ପରାକୁ



ଉଜ୍ଜୀବିତ ରଖିଥାଏ ବରଂ ଆମର ଯୁବପିଢୀଙ୍କୁ ସେମାନଙ୍କର ତୃଣମୂଳ ସହ ଯୋଡିରଖିବାରେ ମଧ୍ୟ ସହାୟକ ହୋଇଥାଏ ।" ଏହି ମାଟିର ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ ନିମନ୍ତେ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ଡିଆଇସି ଦୋହରାଇଥିଲେ । ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକ ସର୍କଲର କଳାକାରଙ୍କ ଦ୍ୱାରା ମନମୁଗ୍ଧକର ଓଡିଶୀ ନୃତ୍ୟ ପ୍ରସ୍ତୁତି ସହିତ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା । ପରେ ବିଜୟ ନୃତ୍ୟ ଅନୁଷ୍ଠାନ, ମ୍ୟୁଜିକ ସର୍କଲ ଓ ଇସ୍ପାତ କଳା ପରିଷଦର କଳାକାରଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସମ୍ବଲପୁରୀ ଲୋକନୃତ୍ୟ ଓ ଅନ୍ୟାନ୍ୟ ଲୋକନୃତ୍ୟ ତଥା ପାରମ୍ପରିକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହି ସମସ୍ତ ନୃତ୍ୟରେ ରଜ ଲୋକପର୍ବ ସହ ଅଙ୍ଗାଙ୍ଗୀ ରୂପେ ଜଡିତ ଆନନ୍ଦ ଉଲ୍ଲାସ, ଖେଳକୌତୁକ, ରଜ ମଉଜ, ନିଦାଘ ଗ୍ରୀଷ୍ମ ପରେ ମୌସୁମୀର ଆଗମନ ଆଦି ନିପୁଣ ରୂପେ ଉପସ୍ଥାପିତ କରାଯାଇଥିଲା । ଲୋକ ସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମାଜ କଲ୍ୟାଣ ବିଭାଗ ସମ୍ପୂର୍ଣ୍ଣକାର୍ଯ୍ୟକ୍ରମରପରିଚାଳନାକରିଥିଲେ ।

# ୩୦ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ

ମାଲକାନଗିରି, (ହି.ସ.) ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ଏକ ବର୍ଷ ଶାସନ ପୂର୍ତ୍ତି ଅବସରରେ 'ବର୍ଷ ଏକ ଉପଲବ୍ଧି ଅନେକ' ଏହି ଥିମ୍ ଆଧାରରେ ମାଲକାନଗିରି ବ୍ଲକ ଅର୍ନ୍ତଗତ ଚାଲାଣଗୁଡ଼ା ପଞ୍ଚାୟତରେ ଭୂମିହୀନ ହିତାଧିକାରୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାରେ ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ, ପୋଷ୍ଟର , ବ୍ୟାନର ଓ ଏଲଇଡି ସ୍କ୍ରିନ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ଏହା ପରେ ଚାଲାଣଗୁଡ଼ା ସରପଞ୍ଚ ଅରକ୍ଷିତ ନାୟକ, ମାଲକାନଗିରି ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଶମଶ ତିର୍କୀ, ସସ୍ମିତା ମାଝୀ ଏବଂ ମାଲକାନଗିରି ତହସିଲର ଜଙ୍ଗଲ ଜମି କୋଅର୍ଡିନେଟର ସୌରଭ କୀର୍ତ୍ତନିୟାଙ୍କ ଦ୍ୱାରା ଚାଲାଣ ଗୁଡ଼ା ଓ ତଣ୍ଡିକି ପଞ୍ଚାୟତର ତିରିଶ ଜଣ ଭୂମିହୀନ ହିତାଧିକାରୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାଲାଣଗୁଡ଼ା ଓ ତଣ୍ଡିକି ପଞ୍ଚାୟତ ଅଧିକାରୀ ଦୟାନିଧି ନିମାଲଙ୍କ ସହିତ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ରେଳ ଭିତ୍ତିଭୂମି କାର୍ଯ୍ୟ ଯାଞ୍ଚ୍ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଜୟପୁର, (ହି.ସ.) - ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫିଙ୍କୱାଲ, କୋରାପୁଟ ରାୟଗଡ଼ା କିରଣ୍ଡୁଲ ରେଳ ପଥ ଦୋହରୀକରଣ କାର୍ଯ୍ୟର କରିଛନ୍ତି ଅନୁଧ୍ୟାନ । ସମୟ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଗୁଡିକ କିଭଳି ସମ୍ପୂର୍ଣ୍ଣ ହୋଇ ପାରିବ ସେନେଇ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀ ମାନଂକୁ ନିର୍ଦ୍ଦେଶ ଦେଇଛନ୍ତି । ଦାମନଯୋଡି- କିରଣ୍ଡୁଲ ସେକ୍ସନର ବ୍ୟାପକ ଯାଂଚ କରିଥିଲେ । ଭିତିଭୂମି ବିକାଶ, ଦୋହରୀକରଣ କାର୍ଯ୍ୟ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ଉପରେ ଧ୍ୟାନ ଦେଇଥିଲେ । ଚାଲୁରହିଥିବା ଭିତିଭୂମି ପ୍ରକଳ୍ପ, ଟ୍ରାଫିକ୍ ସୁବିଧା କାର୍ଯ୍ୟଏବଂ ସେକ୍ସନ ସାରା କାର୍ଯ୍ୟକ୍ଷମ ଉନ୍ନତି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଅନୁର୍ଭୁକ୍ତ କରାଯାଇଥିଲା ।ଏହା ସହ ଦାମନଜୋଡି, ଜଗଦଲପୁର ଏବଂ କିରଣ୍ଡୁଲ ଷ୍ଟେସନ ସହିତ କିରଣ୍ଡୁଲ ଏବଂ ଜଗଦଲପୁରରେ ରେଳ କଲୋନୀ ପରିଦର୍ଶନ କରିଥିଲେ । ଯାତ୍ରୀ ସୁବିଧାକୁ ଉନ୍ନତ କରିବା ପାଇଁ ମୂଲ୍ୟବାନ ମତାମତ ସଂଗ୍ରହ କରିଥିଲେ । କର୍ମଚାରୀଙ୍କ ସମସ୍ୟା ସଂପର୍କରେ ମଧ୍ୟ ପଚାରି ବୁଝିଥିଲେ ।


# କୃଷକ ସଂଗଠନ ଓ ଟ୍ରକ୍‌ମାଲିକ ସଂଘର ସାମ୍ବାଦିକ ସମ୍ମିଳନୀ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା କୃଷକ ସଂଗଠନ ଓ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଗତ ଦିନରେ ଜିଲ୍ଲାରେ ବର୍ଷାରେ ଚାଷୀର ଧାନ କ୍ଷତି ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହାର ସର୍ଭେ ହୋଇପାରିନି । ଏହା ସହ ଇନପୁଟ ସବସିଡି ମଧ୍ୟ ମିଳିପାରିନି । ମଣ୍ଡିରେ ଧାନ ବିକ୍ରି କରିବାକୁ ଚାଷୀକୁ କଟନି ଛଟନିର ଶିକାର ହେବାକୁ ପଡୁଛି । ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ସମସ୍ତ ମଣ୍ଡିମାନଙ୍କୁ ବଡ ଟ୍ରକ୍ ଗୁଡିକରେ ଧାନ ଉଠାଇବାକୁ ମନା କରିଥିବାରୁ ସ୍ଥାନୀୟ ଟ୍ରକ୍ ମାଲିକ ମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏହାଦ୍ୱାରା ଛୋଟ ଛୋଟ ଗାଡ଼ିରେ ଧାନ ପରିବହନ କରି ଚାଷୀମାନେ ଦିନ ଦିନ ଧରି ମଣ୍ଡିରେ ଧାନ ବିକିବାକୁ ଅପେକ୍ଷା କରିବାକୁ ପଡୁଛି । ଫଳରେ ବିଗତ ବର୍ଷ ମାନଙ୍କରେ ଚାଷୀ ଏହି ସମୟରେ ତାହାର କଷ୍ଟ ଉପାର୍ଜିତ ଫସଲ ବିକ୍ରି କରି ଖୁସିରେ ରହୁଥିବା ବେଳେ ଏହି ବର୍ଷ ଧାନ ବିକ୍ରି କରି ନପାରି ଚିନ୍ତାରେ ରହିଛି । ଏହି ସବୁ ଘଟଣାକୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଧ୍ୟାନ ଦେଇ ଶୀଘ୍ର ସମାଧାନ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ଚାଷୀ ସଂଗଠନ ଓ ଟ୍ରକ୍ ମାଲିକ ସଂଘ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଚାଷୀ ନେତା ବୈକୁଣ୍ଠ ଶତପଥୀ, ପ୍ରଦୀପ ପୁରୋହିତ, ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୮ରୁ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗିର (ହି.ସ.) - ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗିର ଠାରେକ୍ରୀଡା ସଂସଦର ଟୁର୍ଣ୍ଣାମେଂଟ ଓ ଟ୍ରାନ୍ସଫର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଚଳିତ ବର୍ଷ ସାହାଣି କପ ଫୁଟବଲ ଟୁର୍ଣ୍ଣାମେଂଟ ଆସନ୍ତା ଜୁଲାଇ ରେ ହେବ । ଏ ପରିପ୍ରେକ୍ଷିରେ ଜିଲ୍ଲା ଖେଳାଳି ଚୟନ ପାଇଁ ଜୁନ ୨୮ ତାରିଖରୁ ଫୁଟବଲ ଟୁର୍ଣ୍ଣାମେଂଟ ଆରମ୍ଭ ହେବା ପାଇଁ ନିଷ୍ପତି ହୋଇଛି । ପ୍ରତ୍ୟେକ ଦଳରେ ଖେଳାଳି ୩୫ ବର୍ଷରୁ ଅଧିକ ହୋଇନଥିବେ ଓ ୧୯ ବର୍ଷରୁ କମ୍ ଅନ୍ୟୁନ ୪ ଜଣ ଖେଳାଳି ଥିବା ବାଧ୍ୟତାମୂଳକ ଅଟେ । ସମସ୍ତ ଖେଳାଳିଙ୍କ ଡିଜିଟାଲ ଜନ୍ମ ପ୍ରମାଣପତ୍ର କିମ୍ବା ହାଇସ୍କୁଲ ପାସ ସାର୍ଟିଫିକେଟ , ଆଧାର କାର୍ଡ ଓ ଗୋଟିଏ ଲେଖାଏଁ ପାସପୋର୍ଟ ସାଇଜ ଫଟୋ ସହ ଖେଳାଳି ରେଜିଷ୍ଟ୍ରେସନ ଦେବାକୁ ପଡିବ । ଇଚ୍ଛୁକ ଅଂଶଗ୍ରହଣକାରୀ ଦଳ ଜୁନ ୨୩ ଓ ୨୪ ତାରିଖ ଦିନ ସକାଳ ଘ.୧୦ ଠାରୁ ଅପରାହ୍ନ ଘ.୫ ମଧ୍ୟରେ ତାଙ୍କ ଆବେଦନ ଫର୍ମ ସହ ଖେଳାଳି ରେଜିଷ୍ଟ୍ରେସନ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗିର ଠାରେ ଦେବାକୁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ବୈଠକରେ କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସଂପାଦକ ହରିନାରାୟଣ ପୁଜାରି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତୃଘନ ସିଂ, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଇଂ. ନାରାୟଣ ପ୍ରସାଦ ମିଶ୍ର, କୈଳାସ ଚନ୍ଦ୍ର କର୍ତି, ଭୁପେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଯୋଗ ଦେଇଥିଲେ । ସବିଶେଷ ସୂଚନା ପାଇଁ ହେମନ୍ତ କୁମାର ବେହେରା, ଶରତ କୁମାର ନନ୍ଦ ଓ ଡା. ସିଦ୍ଧେଶ୍ୱର ମିଶ୍ରଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ । ପରିଶେଷରେ ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ବୋଲେରୋ-ଟ୍ରକ୍ ଧକ୍କା ୧ ମୃତ, ୯ ଆହତ



ବୌଦ୍ଧ : ବୌଦ୍ଧ ଜିଲ୍ଲା ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥର ଖଜୁରିପଡ଼ାଠାରେ ଶନିବାର ଭୋର୍ ସମୟରେ ଏକ ବୋଲେରୋ ସହ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ସୂଚନା ମୁତାବକ ବରଗଡ଼ ଜିଲ୍ଲା ସରଣ୍ଡା ପାଲିର ଏକ ବୋଲେରୋରେ ୧୦ ଜଣ ପୁରୀରୁ ଫେରୁଥିବା ବେଳେ ବୌଦ୍ଧ ପଟୁ ଚାରିଛକ ଆଡ଼କୁ ଯାଉଥିବା ଏକ ଟ୍ରକ୍ ସହ ଉକ୍ତ ବୋଲୋରୋର ଉପରୋକ୍ତ ସ୍ଥାନରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବୋଲେରେ ଥିବା ୧୦ ଯାତ୍ରୀଙ୍କ ମଧ୍ୟରୁ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ମୃତ ଯୁବକଙ୍କ ନାମ ଟୁନା ପ୍ରଧାନ(୨୪) ବୋଲି ଜଣାପଡ଼ିଛି । ଆହତମାନଙ୍କୁ ବୌଦ୍ଧ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଥିଲେ । ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଲା ।

# ବିଶ୍ୱ ରକ୍ତଦାତା ଦିବସ

କେନ୍ଦୁଝର : କେନ୍ଦୁଝର ଜିଲ୍ଲା ସାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ଡିଟିୟୁ ପ୍ରେକ୍ଷାଳୟ ରେ ଆୟୋଜିତ ହୋଇଯାଇଛି ।ଜିଲ୍ଲା ରକ୍ତକେନ୍ଦ୍ର ଅଧିକାରୀ ଡକ୍ଟର ରମାକାନ୍ତ ମୁଣ୍ଡ ସମାରୋହ ରେ ଅଧ୍ୟକ୍ଷତା କରି ଆଜିର ସମୟରେ ରକ୍ତଦାନର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ରେଡକ୍ରସ ଆଜୀବନ ସଦସ୍ୟ ଡକ୍ଟର ସଂଜୀବ ଓତା ସାମ୍ପ୍ରତିକି ସ୍ଥିତି ରେ ଯୁବସମାଜ ରକ୍ତଦାନ ପାଇଁ ଆଗଭର ହୋଇ ସମାଜକଲ୍ୟାଣ ୧ରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ ,ମୁଖ୍ୟ ଅତିଥି ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ଉପସ୍ଥିତ ରକ୍ତଦାତା ସ୍ୱେଚ୍ଛାସେବୀ ଓ ନାଗରିକ ମାନଙ୍କ ସହିତ ମତବିନିମୟ କରି ରକ୍ତଦାନ ।ରକ୍ତବର୍ଗୀକରଣ ,ଉପକାରିତା ,ଆବଶ୍ୟକତା ଓ ସାମୂହିକ ଉଦ୍ୟମ ,ସଚେତନତା ସମ୍ପର୍କରେ ଦୀର୍ଘ ଆଲୋଚନା କରିଥିଲେ ,ଜିଲ୍ଲା ଜନସ୍ୱାସ୍ଥ୍ୟ କମ୍ୟୁନିକେଶନ ଅଧିକାରୀ ଭରତ ଚନ୍ଦ୍ର ସାହୁ ସମାରୋହ ପରିଚାଳନା କରିବା ସହିତ ରକ୍ତଦାନ ସଚେତନତା କାରଜ୍ୟକ୍ରମ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଅବକାରୀ ନିରିକ୍ଷକ ବେଣୁଧର ସାମଲ ଏ ଅବସର ରେ ରକ୍ତଦାନ କରିବା ସହିତ ନିଶା ରୁ ଦୂରେଇରହିବା ପାଇଁ ପରାମର୍ଶ ଦେଇଥିଲେ ,ପରିସଂଖ୍ୟାନ ସହାୟକ ବୃନ୍ଦାବନ ସାହୁ ,ଏଏନଏମ ଅଧ୍ୟକ୍ଷା ମାନସୀ ଧଳ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ । ରକ୍ତକେନ୍ଦ୍ର ଜନସମ୍ପର୍କ ଅଧିକାରୀ ଅକ୍ଷୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ,ରକ୍ତଦାନ କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ ଆକାଶ ରାଜ , ଅଂଶୁମାନ ଚକ୍ରବର୍ତୀ , ବବିତା ରାମ ,ରାଜେଶ ରଣା ,ଦେବାଶିଷ ଦାଶ ,ଇଣ୍ଡିଆନ ବାଇ ବାର୍ଥ , ଭରସା ପରିବାର ,ଉତ୍କଳ ରକ୍ଷକ ଫାଉଣ୍ଡେସନ ,ପରିବର୍ତନ ସେବା ଟ୍ରଷ୍ଟ ,ପ୍ରଗତି ଫାଉଣ୍ଡେସନ ,ଲାଇଫ ସେବା ଟ୍ରଷ୍ଟ ଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା , ଏ ଅବସରରେ ଜିଲ୍ଲା ରକ୍ତ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ।

# ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ଉଦ୍‌ଯାପିତ

ଭବାନୀ ପାଟଣା, (ହି.ସ ) - କଳାହାଣ୍ଡି ଜିଲ୍ଲାର ତିନୋଟି ସ୍ଥାନରେ ଭାବନିପାଟଣା ଗ୍ରାମାଂଚଳ, ସହରାଂଚଳ ଏବଂ ଧର୍ମଗଡ ଠାରେ ଆଜି 'ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ' 'ରଜ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଧର୍ମଗଡ, ସୁଧିର ରଞ୍ଜନ ପଟ୍ଟଯୋଷି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ ରଜ ପର୍ବ ପାଳନ ଅବସରରେ ସମସ୍ତ ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତ୍ସବ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଧର୍ମଗଡ ପଂଚାୟତ ସମିତି ଅଧ୍ୟକ୍ଷକ୍ଷବବିତା ପଟ୍ଟଯୋଷି, ଜିଲ୍ଲା ସଂସ୍କୃତି ଅଧିକାରୀ ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଉପ-ନିର୍ଦ୍ଦେଶକ (ପ୍ଲାନିଂ),ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସମାଜ କଲ୍ୟାଣ୍ୟ ଅଧିକାରୀ ମଜିବୁନ ନିଷା, ପ୍ରୋଟେକ୍ସନ ଅଫିସର ସୁଚରିତ ମହାପାତ୍ର, ଫୁରଲେନସିଆ ସୋରେନ, ଜିଲ୍ଲା ଶିଶୁ ସୁରକ୍ଷ୍ୟା ଆଦିକରି ଶୈଳେନ୍ଦୁ ଶେଖର ମହାପାତ୍ର, ଜେ.ଜେ.ବି. ସଦସ୍ୟ ସ୍ୱର୍ଣଲତା ମହାନ୍ତି, ଏଡ ଏଟ ଆକ୍ସନ ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଷି, ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଢିଆ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ପିରାମଲ ଫାଉଣ୍ଡେସନ କର୍ମୀ, ସୁପରଭାଇଜର, ଅଙ୍ଗନବଡି କର୍ମୀ, କିଶୋର ବାଳକ ଏବଂ ବାଳିକା ମାନେ ଉପସ୍ଥିତ ଥିଲେ । ଏହି ଉତ୍ସବରେ କିଶୋର କିଶୋରୀ ମାନଙ୍କ ଦ୍ୱାରା ପୁଚି, କବକ୍ଷଡ଼ୀ, ରଜ ମୁକୁଟ ତିଆରି, ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରଜ ଉତ୍ସବ ସମୟରେ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳନର ଲକ୍ଷ୍ୟ ହେଉଛି ଏହି କାର୍ଯ୍ୟକ୍ରମରେ ପ୍ରତୀକାତ୍ମକ ଗଭୀରତା ଏବଂ ଜନ ଆକର୍ଷଣ ଯୋଡିବା, କିଶୋରମାନଙ୍କ ସ୍ୱର, ଆକାଂକ୍ଷା ଏବଂ ଅଧିକାରକୁ ପ୍ରଦର୍ଶନ କରିବା ପାଇଁ ଏକ ଉତ୍ସବମୁଖୀ କିନ୍ତୁ ସଶକ୍ତୀକରଣ ମଂଚ ସୃଷ୍ଟି କରିବା । ଏହି ମାଧ୍ୟମରେ କିଶୋର କିଶୋରୀ ମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଉତ୍ସାହ ଏବଂ ଅଂଶଗ୍ରହଣର ଭାବନାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରେ । ବିଜେତାମାନଙ୍କୁ ମୁଖ୍ୟ ଅତିଥିଙ୍କ ହସ୍ତରେ ପୁରସ୍କାର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମଟି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଧର୍ମଗଡ, ଭବାନୀପାଟଣା ଗ୍ରାମାଂଚଳ ଏବଂ ସହରାଂଚଳ ଦ୍ୱାରା ଆୟୋଜିତ କରାଯାଇଥିଲା ଏବଂ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ କଳାହାଣ୍ଡି ଦ୍ୱାରା ସହଯୋଗ ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ମହିଳା ହବ୍‌ର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ ।

# ୨୭ଟିକିଆ ହାତୀପଲଙ୍କ ଉପଦ୍ରବ

ଚମ୍ପୁଆ : ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନରେ ୨୭ ଟିକିଆ ହାତୀପଲଙ୍କ ଉପଦ୍ରବ ଲାଗିରହିଛି । ହାତୀପଲ ବିଭିନ୍ନ ଗ୍ରାମରେ ବ୍ୟାପକ ପନିପରିବା ଚାଷ ସହିତ ଖରାଟିଆ ଧାନ ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରୁଛନ୍ତି । ଏଥି ସହିତ ରାତି ହେଲେ ଏହି ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ଜନବସତି ଭିତରକୁ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ଗ୍ରାମାଞ୍ଚଳ ଗୁଡ଼ିକରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଗତ ରାତି ରୂପାକୁଣ୍ଡ ଜଙ୍ଗଲରେ ଥିବା ଏହି ହାତୀପଲ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡିଛି । ହାତୀପଲ ନନ୍ଦପୁର ଗ୍ରାମରେ ନରହରି ମହାନ୍ତ, ଜନ୍ମେଜୟ ମହାନ୍ତଙ୍କ ପାଚେରୀ ଭାଙ୍ଗିଥିବା ବେଳେ କେମୁଣ୍ଡିଆ ଗ୍ରାମର ପିଣ୍ଟୁ ମୁଣ୍ଡା, ବରପଦା ଗ୍ରାମର ବିଦ୍ୟାଧର ମହାନ୍ତଙ୍କ ଘର ଭାଙ୍ଗିଥିବା ଜଣାପଡିଛି । ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଥିଲେ ମଧ୍ୟ ହାତୀପଲଙ୍କୁ ନିୟନ୍ତ୍ରଣ କରିବାରେ ଓ ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଥିବା ନେଇ ଅଭିଯୋଗ ହେଉଛି । ଖାଦ୍ୟ ଅନ୍ୱେଷଣରେ ହାତୀପଲ ଜନବସତି ମୁହାଁ ହେଉଥିବା ବେଳେ ବନବିଭାଗ ହାତୀ ପଲଙ୍କୁ ଘଉଡ଼ାଇବାରେ ସମର୍ଥ ହୋଇ ପାରୁନାହିଁ । ଆଜି ଏହି ହାତୀପଲ ଝାଲିଆବେଡ଼ା ଜଙ୍ଗଲରେ ଡେରା ପକାଇଥିବା ନେଇ ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି ।

# ଆବୁଧାବି ଓ ଲଣ୍ଡନକୁ ଗଲା ପାଟଣାଗଡ଼ ଆମ୍ବ

ବଲାଙ୍ଗିର: ପାଟଣାଗଡ଼ରୁ ଆବୁଧାବି ଓ ଲଣ୍ଡନକୁ ଗଲା ଆମ୍ବ । ଏଭଳି ଏକ ଉତ୍ସାହପ୍ରଦ ଖବର ଆସିଛି । ପାଟଣାଗଡ଼ରୁ ସିଧା ବିଦେଶକୁ ପହଂଚିଛି ପାଟଣାଗଡ଼ ମାଟିରେ ଫଳିଥିବା ଆମ୍ବ । ପାଟଣାଗଡ଼ର ଚିନ୍ତାମଣି ରାଉତ, ବ୍ୟାସ ପୁରୋହିତ, ପ୍ରଦୀପ ପୁରୋହିତଙ୍କ ଆମ୍ବ ରପ୍ତାନୀ ହୋଇଥିବା ସୂଚନାରେ କୁହାଯାଇଛି । ମୁଖ୍ୟତଃ ପାଟଣାଗଡ଼ ମାଟିରେ ଫଳୁଥିବା ଆମ୍ରପଲ୍ଲୀ କିସମ ଆମ୍ବ କିମିଆ କରିଛି । ବିଦେଶରେ ବି ଏହାର ଚାହିଦା ବେଶ୍ ଉତ୍ସାହପ୍ରଦ ରହିଛି । ଉଦ୍ୟାନ କୃଷି, ଆପେଡା, ପାଲାଡ଼ିଅମ ଓ ନାବାର୍ଡ ସହାୟତାରେ ପ୍ରଗତି ଫାର୍ମର ପ୍ରଡ୍ୟୁସର କମ୍ପାନୀ ଜରିଆରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂହଦେଓଙ୍କ ଉଦ୍ୟମରେ ପାଟଣାଗଡ଼ରୁ ଆବୁଧାବି ଓ ଲଣ୍ଡନକୁ ଆମ୍ବ ରପ୍ତାନୀ ହୋଇଥିବା କୁହାଯାଇଛି ।

# ବୃଦ୍ଧ ଓ ବୃଦ୍ଧାଙ୍କ ପାଇଁ ଦିନଟିଏ ୧୦ ମିଟର କେକ୍ କାଟି ଖୁସି ବାଣ୍ଟିଲେ

ମାଲକାନଗିରି, (ହି.ସ.): ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ପହିଲି ରଜ ଉପଲକ୍ଷେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଞ୍ଚାୟତର ସରପଞ୍ଚ କାନାମ ରାଜୁ ନାୟକ ଓ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଅଶୋକ କୁମାର ମହାରଣା ବୃଦ୍ଧ ଓ ବୃଦ୍ଧାଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଦୀର୍ଘ ୧୦ ମିଟର (୧୦୦ କେଜି)ର କେକ୍ ତିଆରି କରି ପୁଣି ଚର୍ଚ୍ଚାରେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମାଥିଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମାଥିଲି ଜିଲ୍ଲା ପରିଷଦ ଜୋନ୍-୩ର ସଭ୍ୟା ସସ୍ମିତା ମାଝୀ, ସମିତି ସଭ୍ୟ ତଥା ଯୁବ ନେତା ବାଲରାଜୁ କୋପେ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ଯୋଗ ଦେଇଥିଲେ । ପଂଚାୟତର ବୃଦ୍ଧ ଓ ବୃଦ୍ଧାଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଦୀର୍ଘ ୧୦ ମିଟର (୧୦୦ କେଜି) କେକ୍‌କୁ ଉପସ୍ଥିତ ଅତିଥି ବୃଦ୍ଧ ଓ ବୃଦ୍ଧାମାନଙ୍କ ଦ୍ୱାରା କାଟି ପରସ୍ପରୁ ଖୁଆଇ ଖୁସି ବାଣ୍ଟିଥିଲେ । ଏପରି ନିଆରା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତିମାନେ କେକ୍ ଖାଇବା ସହିତ ପରସ୍ପରକୁ ପାନ ଖୁଆଇ ଖୁସି ମନାଇଥିଲେ । ଏପରି ନିଆରା କାର୍ଯ୍ୟକ୍ରମ ଦ୍ୱାରା ଶହ ଶହ ବୟସ୍କ ଓ ବୟସ୍କାଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଏ ହେଉଛି ଗୋଟିଏ ଛୋଟିଆ ପ୍ରୟାସ ବୋଲି ଆୟୋଜନ କରିଥିବା ମାଥିଲି ସରପଞ୍ଚ କାନାମରାଜୁ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ୍ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ

ରାଉରକେଲା(ପିପିଏସ୍) : ଉତ୍କଳୀୟ କୃଷି ସଂସ୍କୃତିର ଏକ ଅନନ୍ୟ ନିଦର୍ଶନ ହେଉଛି ମହାନ ଗଣପର୍ବ ରଜ ମହୋତ୍ସବ । ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ ସାର୍ବଜନୀନ ସ୍ତରରେ ସେକ୍ଟର ଦୁଇ ସ୍ଥିତ ବିଜୁ ପଟ୍ଟନାୟକ ଛକ ନିକଟରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଯୋଗଦେଇ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଲେ ଯେ ସାମାଜିକ ସଂହତି ଏବଂ ସହନଶୀଳତା ସୃଷ୍ଟି କରିବା ରେ ପର୍ବପର୍ବାଣି ସମାଜ କୁ ଶିକ୍ଷା ଦେଇ ଥାଏ । କେବଳ ଅର୍ଥ ଏବଂ ସମୟ ଥିଲେ ଜଣେ ସାମାଜିକ କାର୍ଯ୍ୟକ୍ରମ କରିପାରିବ ନାହିଁ,ଏଥି ପାଇଁ ଦୃଢ ତଥା ଉଚିତ ଆଭିମୁଖ୍ୟ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ କବି ଶତପଥୀ କହିଲେ ଯେ ମାଟି ଏବଂ ମାଆ ର ପୂଜା ଆରାଧନା ହିଁ ରଜ ପର୍ବ ର ବୈଶିଷ୍ଟ୍ୟ । ଏହି ଅବସରରେ ସମବେତ ଜନତାଙ୍କୁ ଦୁଇ ହଜାର ପାରମ୍ପରିକ ପିଠା, ପନ୍ଦର ଶହ ରଜ ପାନ, ଏବଂ ଦୁଇ ହଜାର ଦହି ସରବତ୍ ରେ ଆପ୍ୟାୟିତ କରାଯାଇ ଥିଲା । କାର୍ଯ୍ୟକ୍ରମ କୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଦାଶ ସଂଯୋଜନା କରିଥିବା ବେଳେ ରାମକୃଷ୍ଣ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ । ମ୍ୟାନେଜିଂ ଟ୍ରଷ୍ଟି ଙ୍କ ଆଲୋକ ରଞ୍ଜନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟି ଡାକ୍ତର ଦେବାଶିଷ ପଟ୍ଟନାୟକ, ଡାକ୍ତର ଅବନୀ କୁମାର ଦାଶ, ଅରବିନ୍ଦ ଦାସ, ପ୍ରିୟବ୍ରତ ସାମଲ ଓ ଆମନ୍ତ୍ରିତ ଅତିଥିବୃନ୍ଦ ମଧ୍ୟରେ ସର୍ବଶ୍ରୀ ନଳିନୀକାନ୍ତ ଧର, ମନୋଜ କୁମାର ନନ୍ଦ, ସୁମନ୍ତ କୁମାର ଉପାଧ୍ୟାୟ, ରାଜୀବ ପାଣି, ଜଗନ୍ନାଥ ରାଉତ, ଅର୍ଦ୍ଧେନ୍ଦୁ ଷଡଙ୍ଗୀ ,ବିଭୁ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

paga 5 16.6.2025.pmd 1 15/06/2025, 2:35 PM

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୬।୬।୨୦୨୫ ■ ସୋମବାର

# ବିରଳ ବିମାନ ଦୁର୍ଘଟଣା

ଅହମ୍ମଦାବାଦ ବିମାନ ଦୁର୍ଘଟଣା ନେଇ ଯେତେ ଦୁଃଖପ୍ରକାଶ କଲେ ବି କମ୍ ହେବ । ଲଣ୍ଡନ ଯାଉଥିବା ବୋଇଙ୍ଗ ୭୮୭ ଡ୍ରିମଲାଇନର ବିମାନ ଉଡ଼ିବାର କିଛି ହିଁ ସେକେଣ୍ଡରେ ଜଣାନାହିଁ କ'ଣ ଖରାପ ହୋଇଗଲା ଯେ ବିମାନ ତଳେ ଯାଇ ଏକ କୋଠାଘର ଉପରେ ବାଡ଼େଇ ହେଲା ଓ ସେ ଧମାକା ସହ ନିଆଁ ଲାଗିଗଲା । ବିମାନଟି ଯାତ୍ରୀରେ ଭାରିଥିଲା ଓ ତଳେ ତାହା ଯେ ପାଞ୍ଚମହଲା କୋଠାରେ ଧକ୍କା ହେଲା, ତାହା ଏକ ମେଡ଼ିକାଲ କଲେଜ ହଷ୍ଟେଲ ଥିଲା । ଏପ୍ରକାର ଦୁର୍ଘଟଣା ବାସ୍ତବରେ କେବେ ଭୁଲିହେବ ନାହିଁ । ଆଗାମୀ ଦିନରେ ଏ ଦୁର୍ଘଟଣାର ତଥ୍ୟ ସାମନାକୁ ଆସିବ, କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ପାଇଲଟ ବିପଦ ସଂକେତର ସୂଚନା ଦେଇ ସାରିଥିଲେ, କିନ୍ତୁ ଆଉ କୌଣସି ପ୍ରକାର ସୂଚନା ଦେବାକୁ ସୁଯୋଗ ସେ ପାଇନଥିଲେ । ଆଶଙ୍କା ପ୍ରକଟ କରାଯାଉଛି ଯେ ବିମାନର ଦୁଇଟିଯାକ ଇଞ୍ଜିନ୍ କାମ କରିବା ବନ୍ଦ ହୋଇଯାଇଥିଲା । ଯଦି ଗୋଟିଏ ଇଞ୍ଜିନ ବି କାମ କରିଥାନ୍ତା, ତେବେ ବିମାନକୁ ସୁରକ୍ଷିତ ଢଙ୍ଗରେ ଓହ୍ଲାଇ ପାରିଥାନ୍ତା । ଅବଶ୍ୟ, ଦୁର୍ଘଟଣାର ଅସଲ କାରଣ ବ୍ଲାକବକ୍ସରୁ ଜଣାପଡ଼ିପାରେ । ବିମାନ ଉଡ଼ାଣଯୋଗ୍ୟ ବୋଲି ମାନିବା ପରେ ହିଁ ଉଡ଼ାଣ ପାଇଁ ମଂଜୁରୀ ମିଳିଥାଏ । ତେବେ ପ୍ରଶ୍ନ ହେଉଛି, ହେଲା କ'ଣ ? ଏହି ଦୁର୍ଘଟଣା ଅନେକ ପ୍ରଶ୍ନ ଉଠାପନ କରିଛି । ଅଚାନକ କୌଣସି ଯାନ୍ତ୍ରିକ ତ୍ରୁଟି ହେଲା ନା ପାଇଲଟଙ୍କର ଭୁଲ୍ ? ନା ଆଉ କୌଣସି କାରଣରୁ ଏ ଦୁର୍ଘଟଣା ଘଟିଛି ?

ଅହମ୍ମଦାବାଦ ବିମାନ ବନ୍ଦର ଦେଶର ବ୍ୟସ୍ତତମ ଏୟାରପୋର୍ଟ ଭାବେ ପରିଗଣିତ ଓ ସେଠାକାର ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ରହିଆସିଛି । ଯାଞ୍ଚ ଲାଗି ଯେଉଁ ଟିମ୍ ବା କମିଟି ଗଠନ ହୋଇଛି, ତାହା ବିସ୍ତାରିତ ଭାବେ ଦୁର୍ବଳତା ଓ ଅଭାବକୁ ଉଲ୍ଲେଖ କରିବା ଦରକାର । ଏ ପ୍ରଥମଥର ଲାଗି ନୁହେଁ, ଯେବେ କୌଣସି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ତଥାପି ଏହା ଏକ ବିରଳ ବିମାନ ଦୁର୍ଘଟଣା । ବିମାନ ଯାତ୍ରାକୁ ସବୁଠାରୁ ସୁରକ୍ଷିତ ଯାତ୍ରା ଭାବେ ଲୋକେ ମାନିଆସିଛନ୍ତି ଓ ଏ ଧାରଣା କୌଣସି ଏକ ଦୁର୍ଘଟଣା କାରଣରୁ ଅବଶ୍ୟ ବଦଳିଯିବ ନାହିଁ । ଅବଶ୍ୟ, ଏୟାର ଇଣ୍ଡିଆ ଉପରେ ତାତ୍କାଳିକ ରୂପେ ପ୍ରଭାବ ପଡ଼ିବ । ତା' ସହିତ ବିମାନ ନିର୍ମାତା କମ୍ପାନୀ ବୋଇଙ୍ଗକୁ ମଧ୍ୟ ସେୟାର ମାର୍କେଟରେ କିଛି ଅସୁବିଧାର ସାମନା କରିବାକୁ ପଡ଼ିପାରେ । ଦୁର୍ଘଟଣା ପରେ ଲକ୍ଷ୍ୟ କରାଯାଉଛି ଯେ ବୋଇଙ୍ଗର ସେୟାର ଭାଉ ପ୍ରାୟ ସାତ ପ୍ରତିଶତ ହ୍ରାସ ପାଇଛି । ତେବେ ଏ ସ୍ଥିତି ଖୁବ୍ ଶୀଘ୍ର ସ୍ୱାଭାବିକ ହୋଇଯିବ, କିନ୍ତୁ ବିମାନ ଚାଳନା ଲାଗି ଦାୟିତ୍ୱରେ ଥିବା ଲୋକଙ୍କୁ ଏକ ବଡ଼ କାମ ମିଳିଯାଇଛି । ଯେକୌଣସି ସଚେତନ ବ୍ୟକ୍ତି ଚାହିଁବ ଶୀଘ୍ର ବିମାନ ଦୁର୍ଘଟଣାର କାରଣ ଜାଣିବା ପାଇଁ । ବିମାନ ଚାଳନା ସୁରକ୍ଷା ଏପରି ଏକ ଦିଗ, ଯେଉଁଠି ରତିମାତ୍ରାର ଅଭାବ ରହିବା ଉଚିତ ନୁହେଁ ।

ଏ ସମୟ ହେଉଛି ବିଜ୍ଞାନ ଲାଗି ମହତ୍ତ୍ୱପୂର୍ଣ୍ଣ । ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ଚିହ୍ନଟ କରିବା ଏକ ବଡ଼ ସମସ୍ୟା ହେଲାଣି । ପାଉଁଶ ଗଦାରୁ ଛୁଞ୍ଚିଟିଏ ଖୋଜିବା ଭଳି କଥା । ଫରେନସିକ୍ ତଥା ଅନ୍ୟ ଚିକିତ୍ସକଙ୍କ ଅସୁବିଧାକୁ ମଧ୍ୟ ଲୋକେ ବୁଝିବା ଦରକାର । ତେଣୁ ଏୟାର ଇଣ୍ଡିଆ ଓ ଗୁଜରାଟ ସରକାର ଅତ୍ୟନ୍ତ ଉଦାର ହୋଇ ପୀଡ଼ିତ ପରିବାରମାନଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିବା ଦରକାର । ବିମାନ ଦୁର୍ଘଟଣାରେ ପ୍ରାୟ ୧୧ଜଣ ପିଲା କାଳକବଳିତ ହୋଇଯାଇଛନ୍ତି । ଏମିତି ବି ଯାତ୍ରୀ ଥିବେ, ଯିଏ ପ୍ରଥମଥର ଏତେ ଦୀର୍ଘ ବିମାନଯାତ୍ରା କରିବାକୁ ଯାଉଥିଲେ । ଡ୍ରିମଲାଇନରରେ ଉଡ଼ିବାର ମାତ୍ର କେଇ ମିନିଟ୍ ବିତିବା ପୂର୍ବରୁ ସବୁ ପୋଡ଼ି ନଷ୍ଟ ହୋଇଯିବା ନିଶ୍ଚିତ ଭାବେ ବଡ଼ ଦୁଃଖର ବିଷୟ । ଯେଉଁ ବିଦେଶୀ ମୃତ୍ୟୁବରଣ କଲେ, ସେମାନଙ୍କ ପ୍ରତି ଗଭୀର ସମବେଦନା ପ୍ରକଟ ହେବା ଦରକାର । ସେମାନଙ୍କ ପରିବାରକୁ ପୂର୍ଣ୍ଣ ସହାୟତା ଦେବା ଆବଶ୍ୟକ । ଅନୁକମ୍ପା ରାଶି ଶୀଘ୍ର ବିତରଣ କରାଯିବା ଉଚିତ । ଗୁଜରାଟ ପାଇଁ ଆହୁରି ଦୁଃଖର ବିଷୟ ହେଉଛି ଏହି ଦୁର୍ଘଟଣାରେ ସିଏ ତା'ର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀଙ୍କୁ ମଧ୍ୟ ହରାଇଛି । ଶାନ୍ତ ସ୍ୱଭାବର ରୁପାଣୀଙ୍କୁ ଗୁଜରାଟର ଜଣେ ଭଲ ନେତା ଭାବେ ଗଣାଯାଉଥିଲା । ଏ ସମୟ ସଂଯମ, ସହାୟତା, ସମବେଦନା ଓ ପ୍ରାର୍ଥନାର ସମୟ । ❑❑

## ବାମନ ବେଶରେ କଳାଠାକୁର

କଳାଠାକୁରଙ୍କର ବାରମାସରେ ତେର ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ବାମନ ବେଶ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଶ୍ରୀମନ୍ଦିରରେ ପାଳନ କରାଯାଏ । ପୌରାଣିକ ଉପାଖ୍ୟାନ ଅନୁସାରେ ଏହିଦିନ ଏକ ଶୁଭ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ନିଜ ପଞ୍ଚମ ଅବତାରରେ ଏକ ଦିବ୍ୟ, ଜ୍ୟୋତିର୍ମୟ ବାମନ ବାଳକ ରୂପରେ ଧରିତ୍ରୀରେ ଅବତରଣ କରିଥିଲେ । ନୃସିଂହ ଜନ୍ମ ଓ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପରି ଶ୍ରୀମନ୍ଦିରରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ବାମନ ଜନ୍ମ ପାଳିତ ହେବା ସଙ୍ଗେ ସଙ୍ଗେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏକ ବାମନରୂପୀ ବାଳକ ବେଶରେ ସଜ୍ଜିତ କରାଯାଇଥାଏ । ଶ୍ରୀମନ୍ଦିରରେ ବାମନଙ୍କ ଜନ୍ମୋତ୍ସବ ନୀତି ଓ ଦ୍ୱିପହର ଧୂପ ଶେଷ ହେବା ପରେ ଜଗନ୍ନାଥ ମହାପ୍ରଭୁ ବାମନ ବେଶ ଧାରଣ କରନ୍ତି । ଏଥିରେ ସୁଭଦ୍ରା ସାଧାରଣ ବେଶ ଓ ବଳଭଦ୍ର ରାଜ ବେଶରେ ଦୃଶ୍ୟମାନ ହେବା ସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀପୟର ଓ କିରୀଟରେ ଆଭୂଷିତ ହୋଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ଶ୍ରୀଭୁଜର ବାମ ହସ୍ତରେ ଛତା ଓ ଡାହାଣ ହସ୍ତରେ କୁଶବଟୁ ଗଜୁ ଧରାଯାଇ ଏକ ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ଭୂଷିତ କରାଯାଏ । ପୁଷ୍ପାଳକ ସେବକମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଏପରି ବେଶ କରିଥାନ୍ତି, ଜଣାଯାଏ ସତେ ଯେପରି ଜଗନ୍ନାଥ ମହାପ୍ରଭୁ ସ୍ୱୟଂ ଏକ ବାମନ ବା କ୍ଷୁଦ୍ରକାୟ ବିପ୍ର । ଶ୍ରୀଜଗନ୍ନାଥ ବାମନ ଭାବେ ପରିଚିତ । ଜଗନ୍ନାଥଙ୍କର ହସ୍ତପଦ ବିହୀନ ଅବୟବକୁ ଦର୍ଶନ କଲେ ସେ ସ୍ୱତଃ ବାମନ ଭଳି ଦେଖାଯାନ୍ତି । ବାମନ ବେଶରେ ଠାକୁରଙ୍କ ଲାଗି କରାଯାଉଥିବା ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦି ବେଶ ଦିବସ ପୂର୍ବରୁ ରତ୍ନଭଣ୍ଡାରରୁ ବାହାର କରାଯାଇ ଭଣ୍ଡାର ମେକାପ ସେବକଙ୍କ ତତ୍ତ୍ୱାବଧାନରେ ରହିଥାଏ ।

ବିପିନ ବିହାରୀ ରାଉତ

ଶ୍ରୀବିହାର କଲୋନୀ, କଟକ

# ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ରଜପର୍ବ

**ଦଶରଥ ହେମ୍ବ୍ରମ୍**

ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ଭାବେ ପରିଚିତ । ଏଠାରେ ବସବାସ କରୁଥିବା ଅଧିକାଂଶ ଅଧିବାସୀ କୃଷିକୁ ମୁଖ୍ୟ ଜୀବିକା ଭାବେ ଗ୍ରହଣ କରିନିଅନ୍ତି । ରାଜ୍ୟରେ ଥିବା ଗୌରବମୟ ସଭ୍ୟତାରେ ପାଳିତ ହେଉଥିବା ବାରମାସର ଧର୍ମୀୟ ତେର ପର୍ବପର୍ବାଣିରେ ଭରି ରହିଛି ତା'ର ପ୍ରାଚୀନ ଐତିହ୍ୟ, ସର୍ବପୁରାତନ ଲୋକସଂସ୍କୃତି, ପ୍ରଥା, ପରମ୍ପରା ପ୍ରଭୃତି । କାହିଁ କେଉଁ ପ୍ରାଚୀନ କାଳରୁ ଏହି ଧର୍ମୀୟ ଭାବଧାରା, ଲୋକସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ ଥିବା ରଜପର୍ବ ବଡ଼ ଆନନ୍ଦ ଉଲ୍ଲାସରେ ଓଡିଶାବାସୀମାନେ ପାଳନ କରିଆସୁଛନ୍ତି । ଏନେଇ ଅନେକ ଐତିହାସିକମାନଙ୍କ ମତ ଯେ, ଓଡ଼ିଶାରେ ଶାସନ କରୁଥିବା ଭୌମକର ରାଜତ୍ୱରୁ ରଜପର୍ବ ଆରମ୍ଭ ହୋଇଛି ବୋଲି, ତେଣୁ ଏହା ଓଡିଶାର ନିଜସ୍ୱ ପର୍ବ ଏବଂ ସ୍ୱତନ୍ତ୍ର ମଧ୍ୟ । ଶାସ୍ତ୍ରାନୁଯାୟୀ, ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମହାମିଳନ ହୁଏ, ଯାହାଫଳରେ ଧରିତ୍ରୀ ହୁଏ ରଜସ୍ୱଳା । ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ ।

ସାଧାରଣତଃ, ଓଡିଶାରେ ରଜପର୍ବକୁ 'ଗଣପର୍ବ' ରେ ଆଖ୍ୟା ଦିଆଯାଇଛି । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ପାଳନ ହେଉଥିବା ଚାରିଦିନ ବ୍ୟାପୀ ରଜପର୍ବର ତିନିଦିନ ଧରିତ୍ରୀ ରତୁମତୀ ହୁଏ, ତା'ପରେ ହୁଏ ସେ ସୃଜନଶୀଳା । ତେଣୁ ଏହି ତିନିଦିନ କୃଷିକର୍ମ ନିଷିଦ୍ଧ ହୋଇଥାଏ । ରଜର ପ୍ରଥମ ଦିନକୁ ପହିଲି ରଜ କୁହାଯାଉଥିବା ବେଳେ ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଭୂମିଦାହ କୁହାଯାଏ । ଏହି ଦିନରେ ଦେବାଦେବୀ ମନ୍ଦିରମାନଙ୍କରେ ଦର୍ଶନାର୍ଥୀଙ୍କ ଭିଡ଼ ଲାଗିଥାଏ । ରଜର ଶେଷ ଦିନ ହେଉଛି ଭୂଇଁନଅଣ ବା ଧରାସ୍ନାନ ବା ମହାଲକ୍ଷ୍ମୀ ଦିନ । ଏହି ଦିନ ଭୂମିକୁ ବିଶ୍ରାମ ଦିଆଯାଏ ଅର୍ଥାତ ଭୂମିର ଆଘାତ ହେବାଭଳି କୌଣସି କାର୍ଯ୍ୟ କରାଯାଏ ନାହିଁ । ଅତଏବ, କୃଷକମାନେ ଏହିଦିନରେ ହଳଲଙ୍ଗଳ ଓ କୃଷି ଉପକରଣକୁ ହଳଦୀ ପାଣିରେ ସ୍ନାନ କରି ଠାକୁରାଣୀ ଗାଧୁଆ କାଠପିଢ଼ା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ କୃଷି ଉପକରଣ ରଖି ପୂଜାର୍ଚ୍ଚନା କରନ୍ତି । ଏହି ଅବସରରେ ବିଭିନ୍ନ ଫୁଲ, ସିନ୍ଦୂର ଲଗାଯିବା ସହ ଋତୁ ଭିତ୍ତିକ ଫଳ ଦେଇ ମହାଲକ୍ଷ୍ମୀଙ୍କୁ ପୂଜା କରାଯିବାର ପାରମ୍ପରିକ ବିଧି ରହିଛି । ବର୍ଷ ଶେଷରେ ଭଲ ଫସଲ ଅମଳ ହେବା ନିମନ୍ତେ କୃଷକମାନେ ଧରଣୀ ମାଆଙ୍କୁ ଗୁହାରି ଜଣାନ୍ତି । ସେଦିନଠୁ କୃଷକମାନେ କୃଷି କାର୍ଯ୍ୟ ଆରମ୍ଭ କରିଥାନ୍ତି । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ ରଜ ହେଉଛି ସୃଷ୍ଟିରେ ପ୍ରଥମ ଦିନର ପଦଧ୍ୱନି । ପ୍ରକୃତିରେ ଏହାର ତାତ୍ତ୍ୱିକତାକୁ ଉପଲବ୍ଧି କରି ଧରଣୀ ମାଆଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଦୀର୍ଘ ତିନିଦିନ ଧରି ପୂଜାର୍ଚ୍ଚନା କରାଯାଏ । ରଜ ପର୍ବର ଉତ୍ପତ୍ତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳ ସମ୍ପର୍କରେ ସେଭଳି କୌଣସି ଯଥାର୍ଥ ପ୍ରାମାଣ ମିଳିନାହିଁ ତଥାପି କିମ୍ବଦନ୍ତୀରେ ଏହା ପ୍ରାଚୀନତାର ଯଥେଷ୍ଟ ପ୍ରମାଣ ରହିଛି । କିମ୍ବଦନ୍ତୀ କୁହେ, ଲଙ୍କାରେ ରାକ୍ଷସମାନଙ୍କର ମହାପ୍ରତାପୀ ରାଜା ରାବଣ ରାଜୁତି କରୁଥିବା ସମୟରେ ମୟଦାନବ ନାମକ ଜଣେ ରାଜା ଅନ୍ୟ ରାଜ୍ୟରେ ଶାସନ କରୁଥିଲେ । ଦୁହେଁ ଦାନବମାନଙ୍କ ରାଜା ହୋଇଥିବାରୁ ଉଭୟଙ୍କ ମଧ୍ୟରେ ଅତି ଘନିଷ୍ଠ ସମ୍ପର୍କ ରହିଥିଲା । ଉଭୟ ଉଭୟଙ୍କ ଦରବାରକୁ ଯିବା ଆସିବା କରୁଥିଲେ । ଏହା ବ୍ୟତୀତ ଭୋଜିଭାତ, ଆମୋଦପ୍ରମୋଦ ଉତ୍ସବରେ କିମ୍ବା ମାଙ୍ଗଳିକ ଆସରମାନଙ୍କରେ ଉଭୟଙ୍କର ଆମନ୍ତ୍ରିତ ଅତିଥି ଭାବେ ଯୋଗଦାନ ରହୁଥିଲା । ଉଭୟ ରାଜା ପରିବାର ଆତ୍ମୀୟତାର ସୂତ୍ରରେ ବାନ୍ଧିହୋଇଥିଲେ । ସେହି ସମୟରେ ରାଜା ମୟଙ୍କର ଅତି ସୁନ୍ଦରୀ କନ୍ୟା ମନ୍ଦୋଦରୀ ଯୌବନପ୍ରାପ୍ତ ହେଲାପରେ ମହାପ୍ରତାପୀ ରାବଣ ରାଜା ମୟଙ୍କ ଦରବାରକୁ ଯିବାଆସିବା ଭିତରେ ପରସ୍ପର ପ୍ରତି ଆକର୍ଷିତ ହେଲେ ଓ ମନ୍ଦୋଦରୀ ଅନ୍ତଃସତ୍ତ୍ୱା ହେଲେ । କିଛି ଦିନପରେ ମନ୍ଦୋଦରୀଙ୍କଠାରୁ ଅତି ସୁନ୍ଦରୀ କନ୍ୟାଟିଏ ଜନ୍ମ ହେଲା । ଏନେଇ ସମାଜର ଲୋକଲଜ୍ଜା ଏବଂ ପିତା-ମାତାଙ୍କ ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ରାଜା ମୟ ସେହି ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଜ୍ୟରେ ଥିବା ମିଥିଳା ନଗରକୁ ନେଇ ଗୁପ୍ତ ଭାବରେ ଗାତ ଖୋଳି ପୋତି ଦେଇଆସିଲେ । ମାତ୍ର ସେହି ରାଜ୍ୟରେ ଅକାଳ ପଡ଼ିଲା, ମରୁଡ଼ି ହେଲା ।

ବର୍ଷା ନହେବାରୁ ଲୋକମାନେ ହନ୍ତସନ୍ତ ହେଲେ । ମିଥିଳାବାସୀ ତ୍ରାହି ତ୍ରାହି କରିବାକୁ ଲାଗିଲେ । ସେତେବେଳେ ମିଥିଳା ରାଜ୍ୟର ରାଜା ଥିଲେ ଜନକ । ପ୍ରଜାଙ୍କର ଦୁଃଖଦୁର୍ଦ୍ଦଶାକୁ ଦେଖି ସେ ସହି ନପାରି ପଣ୍ଡିତମାନଙ୍କର ପରାମର୍ଶ ନେଲେ । ତାଙ୍କର ମତାନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ, ବର୍ଷା ହେବ । ତେଣୁ ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହେବା ଫଳରେ ମୂଷଳ ଧାରାରେ ବର୍ଷା ହେବାକୁ ଲାଗିଲା । ମିଥିଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତଗାଇ ନାଚିବାକୁ ଲାଗିଲେ । ସମଗ୍ର ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଖେଳିଗଲା । ସେହି ଦିନଠାରୁ ରଜ ପର୍ବର ଆରମ୍ଭ ଘଟିଥିବା ବୋଲି ଧର୍ମୀୟ ବିଶ୍ୱାସ କରାଯାଏ । କାରଣ ରାଜା ଜନକ ହଳ ଯୋଚି ଏକ କନ୍ୟାରତ୍ନ ସୀତା ମାତାଙ୍କୁ ଭୂମିରୁ ପାଇଥିବାରୁ ଏହି ପର୍ବକୁ ମହିଳାମାନଙ୍କ ପର୍ବ ରୂପେ ପାଳନ କରାଯାଏ ବୋଲି ଆଧ୍ୟାତ୍ମିକ ବିଶ୍ୱାସ ରହିଛି । ରଜପର୍ବକୁ ଓଡିଶାରେ ଜାତୀୟ ମହୋତ୍ସବ ଭାବେ ସ୍ୱୀକୃତି ଦିଆଯାଇଛି । ଶ୍ରୀମନ୍ଦିରରେ ସପ୍ତାବରଣ ମୃତ୍ତି ମଧ୍ୟରେ ଭୂଦେବୀ ବା ମାଟିଦେବୀ ଥିବାରୁ ରୀତିନୀତି ସହ ରଜପର୍ବ ପାଳନ କରାଯାଏ । ଏହି ସମୟରେ ବିଭିନ୍ନ ପବିତ୍ର ସ୍ଥାନଗୁଡ଼ିକରେ ଓଡ଼ିଆ ଭାଗବତ, ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ମାତୃଶକ୍ତି ଉପାସନା ପାଇଁ ଉଦ୍ଦିଷ୍ଟ ଥିବାରୁ ଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଏ । ବିଶେଷକରି ପ୍ରତ୍ୟେକ ଓଡ଼ିଆଣୀଙ୍କ ପାଇଁ ପହଲି ରଜଠାରୁ ଆରମ୍ଭ କରି ବସୁମତୀ ଗାଧୁଆ ପର୍ଯ୍ୟନ୍ତ ଝିଅବୋହୂମାନେ ନୂତନ ବସ୍ତ୍ର ପରିଧାନ କରନ୍ତି । ଅବିବାହିତ ଝିଅମାନେ ପାଦରେ ଅଳତା, ମଥାରେ ବିନ୍ଦି, ହାତରେ ରଙ୍ଗ ବେରଙ୍ଗର ଚୁଡ଼ି ତଥା ବିଭିନ୍ନ ରତ୍ନ ଅଳଙ୍କାର ପିନ୍ଧି ନିଜକୁ ସଜେଇ ହୁଅନ୍ତି । ଏଇଠୁ ସେମାନେ ଶିଖନ୍ତି ଓ ଜାଣନ୍ତି ଯେ, ଅବିବାହିତ ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତାପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ ।

ଏହି ଦିନରେ ସେମାନେ ଖାଲି ପାଦରେ ନଚାଲି ପତ୍ର/ଖୋଳପାରେ ତିଆରି ପାଦୁକାରେ ଭୂଇଁ ଉପରେ ଚାଲିବାର ବିଧି ରହିଛି । ମାତ୍ର ଏହି ଅବସରରେ ସମସ୍ତଙ୍କ ଘରେ ନାନା ପ୍ରକାର ପିଠା, ପୋଡ଼ପିଠା, ଏଣ୍ଡୁରି ପିଠା, ଚକୁଳି ପିଠା ଓ ମିଠାନ୍ନ ପ୍ରସ୍ତୁତି ହୁଏ । ରଜପାନ ଓ ରଜଦୋଳି ଏହି ଦିନରେ ଚିତାକର୍ଷକ ହୋଇଥାଏ । ପୁଅମାନେ ମଧ୍ୟ ଏହି ଦିନରେ କବାଡ଼ି ଓ ବାଗୁଡ଼ି ଖେଳ ଖେଳି ରଜ ପାଳନ କରିଥାନ୍ତି । ରଜପର୍ବର ସବୁଠାରୁ ନିଆରା ପରମ୍ପରା ହେଲା ପାନ ଖାଇବା ଓ ଅନ୍ୟମାନଙ୍କୁ ଖୁଆଇବାର ଆବେଗମୟ ଅନୁଭୂତି । ତେଣୁ ଓଡ଼ିଆ ପରମ୍ପରା ଅନୁସାରେ ରଜରେ ପାନଖିଆ ହେଉଛି ପ୍ରୀତିର ବନ୍ଧନ । ଅତଏବ, ଏହି ରଜପର୍ବରେ ରହିଛି ଓଡ଼ିଆ ସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ, ଐତିହ୍ୟ, କୃଷି ପରମ୍ପରା ଏବଂ ନୈତିକ ମୂଲ୍ୟବୋଧର ପରିପ୍ରକାଶ ।

ବାଲେଶ୍ୱର,

ମୋ:୯୩୩୭୪୦୪୨୫୪

# ଶରୀରକୁ ଫିଟ୍ ରଖେ ଦୋଳି

**ଡାକ୍ତର କାନ୍ତୀ ନାୟକ**

ରଜ ପର୍ବ ଭିତରେ ଝିଅ ଆଉ ମହିଳା ମାନଙ୍କ ସବୁଠାରୁ ଆକର୍ଷଣୀୟ ଦୁର୍ବଳତା ହେଉଛି ରଜ ଦୋଳି । ରଜ ଦୋଳି ଏଯାବତ ବିଭିନ୍ନ କେବଳ ଗାଁ ଗଣ୍ଡାରେ ନୁହେଁ ସହରରେ ମଧ୍ୟ ଏହି ଦୋଳିର ଆକର୍ଷଣ ବଢୁଛି । ତେବେ ଆମେ ଏହି ରଜ ଦୋଳି ଆଲୋଚନା ସମୟରେ ଆସନ୍ତୁ ଟିକିଏ ଜାଣିବା ପ୍ରକୃତରେ ଶରୀର ପାଇଁ ଦୋଳିର ଆବଶ୍ୟକତା କେତେ ? ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର । ବୟସ୍କଙ୍କ ଏହା ଆବଶ୍ୟକତା ନାହିଁ । ହେଲେ ଧାରଣା ଏକଦମ ଭୁଲ । ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର । ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ଶରୀର ମଧ୍ୟ ସୁସ୍ଥ ରହେ । ଦୋଳି ଖେଳିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଏକ୍ସରସାଇଜ୍ ହୋଇଥାଏ । ଗୋଡ଼, ହାତ, ଛାତି, ପେଟ ଓ ମସ୍ତିଷ୍କ ଆଦିର ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ । କେଉଁ କେଉଁ ରୋଗ ଦୂର ହୁଏ ଦୋଳି ଖେଳିବା ଦ୍ୱାରା । ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର କରିଥାଏ ଦୋଳି ଖେଳିବା ସମୟରେ ପାଦକୁ ଭୂମିରେ ଲଗାଇ ବଳ ପ୍ରୟୋଗ କରି ଦୋଳିରେ ଆଗକୁ ଆସିବାକୁ ପଡ଼େ । ପୁନଃ ପଛକୁ ଯିବାକୁ ପଡ଼େ । ଦୋଳି ଖେଳିବା ସମୟରେ ଗୋଡ଼ ସିଧା ଲମ୍ବାଇ ତଳକୁ ରଖି ପଛକୁ ଫେରିବାକୁ ହୋଇଥାଏ । ଏହାଦ୍ୱାରା ଆଣ୍ଠୁର ବ୍ୟାୟାମ ହୋଇଥାଏ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଶଙ୍କା ଦୂର ହୋଇଯାଏ । ଗୋଡ଼ର ବ୍ୟାୟାମ ହେବା ଦ୍ୱାରା ଗୋଡ଼ର ମାଂସପେଶୀ ସୁଦୃଢ଼ ହୁଏ । ସେହିପରି ଏହା ବାହୁକୁ ଶକ୍ତ କରିଥାଏ । ଦୋଳି ଖେଳିବା ସମୟରେ ହାତର ମଧ୍ୟ ଏକ୍ସରସାଇଜ ହୋଇଥାଏ । ଦୋଳି ଧରି ଖେଳିବା ସମୟରେ ନିଜ ଶରୀରକୁ ଦୋଳି ଅନୁଯାୟୀ ଆଗକୁ ଓ ପଛକୁ ନେବା ପାଇଁ ହାତରେ ଦଉଡା ହେଉ କିମ୍ବା ବାଉଁଶ ଉପରେ ଚାପ ପ୍ରୟୋଗ କରିବାକୁ ପଡ଼ିଥାଏ । ଫଳରେ ହାତର ବ୍ୟାୟାମ ହୁଏ ଓ ବାହୁ ଶକ୍ତିଶାଳୀ ହୁଏ । ହାତର ଗଣ୍ଠିରେ ମଧ୍ୟ ଯନ୍ତ୍ରଣା ହୁଏନାହିଁ ।

ହୃତପିଣ୍ଡ ସୁସ୍ଥ ରହିଥାଏ । ଦୋଳି ଖେଳିବା ଦ୍ୱାରା ହୃଦରୋଗର ଆଶଙ୍କା ହ୍ରାସ ପାଇଥାଏ । ଦୋଳି ଖେଳିବା ସମୟରେ ଛାତିର ମଧ୍ୟ ବ୍ୟାୟାମ ହୋଇଥାଏ । ଦୋଳିରେ ଆଗକୁ ଯିବା ସମୟରେ ଛାତିକୁ ଆଗକୁ ନେବାକୁ ପଡ଼ିଥାଏ ଏବଂ ପଛକୁ ଆସିବା ସମୟରେ ଛାତିକୁ ମଧ୍ୟ ପଛକୁ ଆଣିବାକୁ ପଡ଼ିଥାଏ । ଏହାଦ୍ୱାରା ଛାତିର ବ୍ୟାୟାମ ହୁଏ ଓ ହୃଦ୍‌ସ୍ପନ୍ଦନ ବୃଦ୍ଧି ହୁଏ । ଯାହାକି ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ପେଟ ରୋଗ ଦୂର ହୋଇଥାଏ । ଦୋଳି ଖେଳିବା ସମୟରେ ଛାତି ଆଗକୁ ପଛକୁ କରିବା ଦ୍ୱାରା ପେଟରେ ଚାପ ପଡ଼େ । ଯାହା ପେଟରୁ ଚର୍ବିକୁ ହ୍ରାସ କରେ । ପେଟରେ ଏକ୍ସରସାଇଜ ହେବା ଦ୍ୱାରା ପେଟରୁ ଅମ୍ଳ ଦୂର ହୋଇଯାଏ, ଷ୍ଟୋନ ହୁଏ ନାହିଁ, ପାଚନ କ୍ରିୟା ସୁଦୃଢ଼ ହୁଏ ଓ ଭୋକ ଠିକ ସମୟରେ କରେ ।

ଚର୍ବି ହ୍ରାସ ପାଇଥାଏ । ଦୋଳି ଖେଳିବା ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟକାରୀ ହୋଇଥାଏ । ଫଳରେ ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ଶରୀରରୁ ଅତ୍ୟଧିକ ଚର୍ବି ହ୍ରାସ ହୁଏ । ଶରୀର ସ୍ଲିମ୍ ହୋଇଯାଏ । ରକ୍ତସଞ୍ଚାଳନ ବୃଦ୍ଧି କରିଥାଏ । ଦୋଳି ଖେଳିବା ଦ୍ୱାରା ଶରୀରର ବ୍ୟାୟାମ ହୁଏ । ଏହାଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ । ଯାହାକି ରକ୍ତସଞ୍ଚାଳନ ବୃଦ୍ଧିରେ ସହାୟକ ହୁଏ । ରକ୍ତ ସଞ୍ଚାଳନ ବୃଦ୍ଧି ହେବା ଦ୍ୱାରା ଶରୀର ବିଭିନ୍ନ ରୋଗ ଦୂର ହୁଏ ଓ ବ୍ୟକ୍ତି ସୁସ୍ଥ ରହେ ।

ମନ ଶାନ୍ତ ରହିଥାଏ । ଦୋଳି ଖେଳିବା ଦ୍ୱାରା ମନୋରଞ୍ଜନ ହୋଇଥାଏ । ଏହା ଶରୀରରେ ଏପରି ଏକ ଶିହରଣ ସୃଷ୍ଟି କରେ, ଯାହା ମନରୁ କ୍ରୋଧ ଦୂର କରି ମନକୁ ଶାନ୍ତ କରେ । ଏହାଦ୍ୱାରା ବ୍ୟକ୍ତି ହାଲ୍‌କା ଅନୁଭବ କରେ । ପିଲା ହୁଅନ୍ତୁ ଅବା ବୟସ୍କ ଏହାଦ୍ୱାରା ବେଶ ଆରାମ ଓ ହାଲ୍‌କା ଅନୁଭବ କରନ୍ତି । ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ । ଦୋଳି ଖେଳିବା ଦ୍ୱାରା ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତା ଦୂର ହୋଇଯାଏ । ଏହାଦ୍ୱାରା ମସ୍ତିଷ୍କ ଶାନ୍ତ ହୁଏ । ମସ୍ତିଷ୍କରୁ ଏପରି ଏକ ହର୍ମୋନ ନିର୍ଗତ ହୁଏ ଯାହା ଶରୀର ଓ ମନକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ମସ୍ତିଷ୍କ ଭାରାକ୍ରାନ୍ତରୁ ବାହାରି ହାଲ୍‌କା ହୁଏ ଓ ଅଧିକ ସକ୍ରିୟ ହୁଏ । ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଏ ।

ସିଡିଏ, କଟକ

# କଟକି ରଜ

**ଡାକ୍ତର ସମ୍ରାଟ କର**

ରଜ ଓଡ଼ିଆ ଜନଜୀବନର ବାର୍ତ୍ତାବହ ପାର୍ବଣ । ଦଶହରା ପରେ ସହର ସଂସ୍କୃତିରେ ବିଶେଷକରି କଟକରେ ରଜର ସ୍ଥାନ ନିଆରା । କେବଳ ଗ୍ରାମାଞ୍ଚଳ ନୁହେଁ କଟକ ପରି ସର୍ବବୃହତ୍ତ ସହରରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥାଏ । ହଜାର ବର୍ଷର ସହର କଟକ । ଦଶହରା, ବାଲିଯାତ୍ରା ପରେ କଟକରେ ରଜ ଏକ ମହା ଯାକଜମକର ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ବଜାରରେ ତ ସହଯେ ରଜର ଢ଼େର ପୂର୍ବରୁ ଗହଳି । ରଜ ପୋଡ଼ପିଠା ଠାରୁ ପାନ, ଦୋଳି ଖେଳ ଠାରୁ ପୁଚି ଖେଳ, ଫିଲ୍ମ ଦେଖା ଠାରୁ ବନ୍ଧୁଙ୍କ ସହ ଗମାତ ଆଉ ଖାଶି ମାଂସର ତୁଣ ଭିତରେ ରଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି । ପିଲାଦିନରେ ବାପାଙ୍କ ସହ ରଜ ବୁଲିଛି । ହେତୁ ପାଇବା ପରେ ଜେଜଙ୍କ ସହରରେ ରଜ ବୁଲା ଭିତରେ ଝାପ୍‌ସା ମନେ ପଡୁଛି ଅନେକ କାହାଣୀର କଥା । ଚାନ୍ଦିନୀଚୌକରେ ଥିଲା ବସ୍‌ଷ୍ଟାଣ୍ଡ । ପ୍ରକାଣ୍ଡକାୟ ବରଗଛ ମୂଳେ ରୁବୁ ମିଆଁର ଖାଶି ମାଂସ ତାହା ପୁଣି ତାଳଗଛ ପତ୍ରରେ ପ୍ୟାକିଂ ହେଉଥିଲା । ପୋଡପିଠାର ବାସ୍ନା ସହର ସାରା ବାସର ସୁରଭି ମେଲାଇ ଥିବାବେଳେ ସହର ଭିତରେ ଅନେକ ପୋଖରୀ ଗାଡ଼ିଆ ଭିତରେ ମାଛ ଧରା ହୋଇ ଘରେ ଘରେ ରନ୍ଧା ହେଉଥିଲା । ସେତେବେଳେ କଟକ ସହର ନଥିଲା ଥିଲା ଏକା ଗାଁ । ମହାନଦୀର ଫ୍ୟାରେଡ ରୋଡ଼ରେ ଝିଅ ଝିଆଣୀମାନେ ଆସୁଥିଲେ ରଜ ବୁଲିବାକୁ । ସେତେବେଳେ କଉ ଫିଲ୍ମ ହଲ ଥିଲା ନା କଉ କେବୁଲ ଟିଭିରେ ଫିଲ୍ମ ଦେଖା । ନାଟକ ଦେଖା ଭିତରେ ଖୋଜା ପଡୁଥିଲା ଯାତ୍ରା ସୁଆଙ୍ଗ, ରାମଲୀଳା ଠାରୁ ଚମ୍ପୁର ଗାଆଣ ବଜାଣ । ହେଲେ ସେ ସବୁ ବର୍ତ୍ତମାନ ଇତିହାସର କାହାଣୀ । ବର୍ତ୍ତମାନର ରଜକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ସହର ସାରା ପ୍ରକାଣ୍ଡକାୟ ସପିଂ ମଲ୍‌ର ଡ୍ରେସ୍ ସୋରୁମ୍ ଭିତରେ ହଜିଯାଉଛି ରଜ ସମୟର ସେଦିନର କାସ୍ତାଲୁଗା, ତନ୍ତୁବୁଣା ଶାଢ଼ୀ ନହେଲେ କଲିକତି ଗାମୁଛା । ସତରେ କୁଆଡ଼େ ଗଲା ସେଦିନର ରଜ ?

ସହର ସାରା ଭର୍ତ୍ତି ହୋଇଥିଲା ନାଳି ଗୋଡ଼ିରାସ୍ତା । ସଞ୍ଜ ହେଲେ ରାସ୍ତା କଡ଼ର ଖୁଣ୍ଟରେ ଲଗାଯାଉଥିଲା କିରୋସିନି ତେଲ ଭର୍ତ୍ତିର ଲଣ୍ଠନ ପରି ଆଲୁଅ ବତୀ । ବର୍ତ୍ତମାନ ତ ସବୁଠି ହାଇମାକ୍ସ ଲାଇଟ । ତଥାପି ବନ୍ଧୁବାନ୍ଧବଙ୍କ ସଙ୍ଗୁଳିବାର ଦିବସ ରଜ ନିଜର ପରିଚୟକୁ ହରାଇନାହିଁ । ବନ୍ଧୁବାନ୍ଧବ ଖୋଜା ପଡୁଥିଲେ ଏହି ଦିନରେ । ଆସୁଥିଲେ ବାଡ଼ିବଗିଚାର ଫଳଫୁଲୁରୀ ସହ ନିଜ ଅଞ୍ଚଳର ନାମଜାଦା ଜିନିଷ ନେଇ ବନ୍ଧୁଘରକୁ । ହେଲେ ବର୍ତ୍ତମାନ ମିଠା ଦରବ ଭିତରେ ଏଟିଏମ୍‌ରୁ ଟଙ୍କା ଉଠା ହୋଇ କ୍ଷଣିକ ଭିତରେ ରଜର ବେଭାର ଭର୍ତ୍ତି ହୋଇଯାଉଛି । ସେତେବେଳେ କଉ ଛିଡ଼ା ହୋଇଥିଲା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ? କ୍ୱଚିତ୍ ବସ ମୁଣ୍ଡ ଟେକି ଯାଉଥିଲେ ଚାନ୍ଦିନୀଚୌକ ଛକକୁ । ଖାଲି ପାଦରେ ଚାଲି ଚାଲି ଯିବାକୁ ପଡୁଥିଲା ଢ଼େର ବାଟ । ତେବେ କଟକ ସହରରେ ଅନେକ ସ୍ଥାନରେ ପ୍ରକାଣ୍ଡକାୟ ବରଓହଳ ଭିତରେ ତିଆରି ହେଉଥିଲା ରଜ ଦୋଳି । ଝିଅଝିଆଣୀମାନେ ସେଇଠି ହିଁ ସାରି ଦେଉଥିଲେ ଗୋଟିଏ ଦିନ । ମଜାମଜିଲିସ୍ ଭିତରେ ଖୋଜା ପଡୁଥିବା ରଜ ବର୍ତ୍ତମାନକୁ ଦେଖିଲେ ମନେପଡୁଛି ଢ଼େର କଥା । ମହାନଦୀ ଓ କାଠଯୋଡ଼ିରେ ଏହାଭିତରେ ବିତିଗଲାଣି ଅନେକ ଦିନ । ଦୁଇଟି ନଈର ସୁଅରେ ବୋହିଗଲାଣି ଅନେକ ପାଣି ତଥାପି ଖୋଜା ପୁଡୁଛି ସେଦିନର ସମୟକୁ । ରଜରେ ଖାଣ୍ଟି କଟକିଆଣୀ ହାତରେ ତିଆରି କରୁଥିଲା ପୋଡପିଠା, କାକରା, ବିଭିନ୍ନ ପିଠାପଣା ସହ ରଜର ଖାନ୍‌ଦାନୀ ଶାଗୁଆତିର ଝୋଳ । ସପରିବାର ସହ ମଜା କାଟିବା ଭିତରେ ଝିଅଝିଆଣୀଙ୍କ ଗହଳ ଖୁସିର ମାହଲକୁ ବଢ଼ାଇ ଦେଉଥିଲା । ହେଲେ ସତରେ କୁଆଡ଼େ ଗଲା ସେ ଦିନ ଗୁଡ଼ା ?

କଟକି ସଂସ୍କୃତିରେ ଭାଇଚାରାର ସହର ଭିତରେ ହଜାରେ ବର୍ଷର ପରମ୍ପରାକୁ ନେଇ ଗଢ଼ି ଉଠିଥିବା ରଜ ପାର୍ବଣ ଦଶହରା ଓ ବାଲିଯାତ୍ରା ପରେ ଅନ୍ୟତମ ମହାପାର୍ବଣ ରୂପରେ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ଗଢ଼ି ତୋଳିଛି । ରଜକୁ ନେଇ କଟକିଆଣୀ ଦେଖିଥିବା ସ୍ୱପ୍ନକୁ ସାକାର କରିଥାଏ ତା ମରଦ ମଣିଷଟି । ଘରର ସବୁକିଛି ଖୋଜିଆଣି କିଣି ଦେଇ ଘରଣୀର ମନ ନେଇ ମଜା ମଜଲିସ୍ ଭିତରେ ରଜ ପର୍ବକୁ କିପରି କାଟି ଦିଅନ୍ତି ଯେ କାହାକୁ ସତରେ ଜଣାପଡ଼େ ନାହିଁ । କଟକରେ ରଜ ସହର ନୁହେଁ ବରଂ ଗ୍ରାମ୍ୟ ସଂସ୍କୃତିର ଛାପ ଦେଖିବାକୁ ମିଳିଥାଏ । ସଂସ୍କୃତି ଓ ପରମ୍ପରା ଭିତରେ ମାଆ ଗଡ଼ଚଣ୍ଡୀ, କଟକଚଣ୍ଡୀ, କାଳିଗଳି କାଳୀ ଓ ଗଡେଶ୍ୱର ମହାଦେବଙ୍କୁ ନେଇ ପୂଜା ନୈବେଦ୍ୟ ଅର୍ପଣ କରିବାକୁ ରଜରେ କେହିବି ଭୁଲି ନଥାନ୍ତି । କର୍ମକ୍ଲାନ୍ତ ଜୀବନ ଭିତରେ ବିଶ୍ରାମର ଅବକାଶ ସୃଷ୍ଟି କରିଥାଏ ରଜ । ପ୍ରାଚୀନ ସଂସ୍କୃତିର ଗୌରବ ଗାଥାକୁ ବଜାୟ ରଖି ସ୍ୱତନ୍ତ୍ର ଭାବରେ ବନ୍ଧୁମେଳନର ଓ ମିତଣୀଙ୍କୁ ଭେଟ କରିବାର ଅପୂର୍ବ ସୁଯୋଗ ସୃଷ୍ଟି କରିଥାଏ ଏହି ରଜ । ବର୍ତ୍ତମାନର ଚାକଚକ୍ୟଭରା ସଂସ୍କୃତି ଓ ସୂଚନା ପ୍ରଯୁକ୍ତିର କୌଶଳ ଭିତରେ ରଜ କିନ୍ତୁ ନିଜର ସ୍ୱତନ୍ତ୍ରତା ହରାଇ ନାହିଁ । ତଥାପି ଖୋଜୁଛି ସେଦିନର ବନ୍ଧୁମାନଙ୍କୁ ସେ ସମୟର ଉଜାଣୀ ସୁଅରେ ହଜି ଯାଇଥିବା ମୁହୂର୍ତ୍ତକୁ । ତଥାପି ଭାଇଚାରାର ସହର କଟକରେ ହଜି ନାହିଁ ରଜର ମଉଜ । ପୁଚିଖେଳ, ବାଗୁଡ଼ିର ଗୁରୁ ଗର୍ଜନ ଭିତରେ ଫିଲ୍ମ ହଲର ଡାଇଲଗ୍ ଓ ସିଡ଼ି କ୍ୟାସେଟ୍‌ର ଅତ୍ୟାଧୁନିକ ମ୍ୟୁଜିକ୍ ଭିତରେ ମନଭିତରକୁ ଚାଲି ଆସୁଛି ସେ ସମୟର ସାଂସ୍କୃତିକ ମୁହୂର୍ତ୍ତ । ମୋ ବାପା ଦିବଂଗତ ପ୍ରଫେସର ଗୋପାଳ ଚନ୍ଦ୍ର କର ଯେ କି ସମଗ୍ର ଭାରତର ଜଣେ ସୁନାମଧନ୍ୟ ମାନସିକ ରୋଗ ଚିକିତ୍ସକ ତଥା ମନସ୍ତତ୍ତ୍ୱବିଦ୍ୟାର କୃତୀତ୍ୱ ବିଦ୍ୱାନବିମଣ୍ଡିତ ପ୍ରତିଭା ମା' ଡକ୍ଟର ଗାୟତ୍ରୀ ଦେବୀ ଜଣେ ପ୍ରଥିତ ଯଥା ସମାଜସେବିକା, ଲେଖିକା ଓ ଆଇନବିତ୍, ସେହିମାନଙ୍କ ଅଭୁଲା ସ୍ନେହ ଓ ମୋ କୁନି ଜୀବନକୁ ଚହଲାଇ ଦେଇଥିବା ଜୀବନ ସ୍ମୃତିର ମାର୍ଗପୁରୋଧାଙ୍କ ସ୍ନେହ ଏହି ରଜରେ ମୁଁ ଅନୁଭବ କରିଥାଏ । ମହାପାର୍ବଣର ସ୍ୱାକ୍ଷର ବହନ କରିଥିବା ରଜ ନିଜର ସ୍ଥାନ ସ୍ୱତନ୍ତ୍ର ଭାବରେ ବଜାୟ ରଖିଥିବାବେଳେ ତଥାପି ସେ ଦିନର ସମୟ ଓ ବନ୍ଧୁବର୍ଗଙ୍କ ଭିତରେ ମନେ ପଡ଼ିଯାଉଛି ଅନେକ ସ୍ମୃତି । କାଳର କରାଳ ଗର୍ଭରେ ଇତିହାସ ପାଲଟିଯାଇଥିବା ରଜ ମହାପାର୍ବଣ ଭାବରେ କଟକିଆଙ୍କ ପାଖରେ ନିଜ ସ୍ଥାନ ସ୍ୱତନ୍ତ୍ର ଭାବରେ ବଜାୟ ରଖିଛି । ଏହାକୁ କେହି ବି ଭୁଲିପାରିବେ ନାହିଁ ।

ପୁରୀଘାଟ ରୋଡ଼, କଟକ

ମୋ: ୯୧୩୨୪୩୩୩୩୩

# ରଜ ପୋଡ଼ପିଠା

**ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ**

ପିଠା ଭିତରେ ସାର ରଜ ପୋଡ଼ ପିଠା । ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା । ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ । ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ । ପହିଲିରଜ ପୂର୍ବଦିନ ସଜବାଜ । ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ । ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି । ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ । ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼ । ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ । ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ । ସହଯୋଗ କରେ ଶାଶୂ । ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାତିନଡ଼ିଆ । କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ । ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ । ପଲମରେ ଦିଆଯାଏ କଦଳୀପତ୍ର । ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି ଜୁଆଣି, ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ । ଏତେସବୁ କାମ ଭିତରେ ଘଷି ରଡ଼ନିଆଁ ଝଟକି ଉଠୁଥାଏ ଚୁଲିରେ । ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଡ଼ନିଆଁ । ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ । ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି । ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା । ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ । ଖୁସି କହିଲେ ନସରେ । ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ । ରଙ୍ଗ ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ । ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ । ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ । ଚାରିପଟେ ବେଢ଼ିଯାନ୍ତି ପିଲାମାନେ ।

କଟା ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ । ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା । ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାଣ୍ଟି ଦିଅନ୍ତି । ପିଲାଙ୍କର ମଧ୍ୟ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ । ସାଇପଡ଼ିଶାରେ ଏହି ପିଠା ବଣ୍ଟାଯାଏ । କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡୁ ପିଠା ପହଞ୍ଚିଯାଏ ତାଙ୍କ ଘରେ । ରଜରେ ପୋଡ଼ପିଠା ବାଣ୍ଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା । ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ । ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ । ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ । ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି । ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି ।

ସିଡିଏ, କଟକ

ମୋ :୯୪୩୭୨୨୫୬୮୯

## ସଂପାଦକଙ୍କୁ ପତ୍ର

### ନିଜଠାରୁ ପରିବର୍ତ୍ତନ ଆରମ୍ଭ ହେଉ

ମହାଶୟ,

ବର୍ତ୍ତମାନ ସମୟରେ ମଣିଷ ଏକ ଅନିଶ୍ଚିତ ଭବିଷ୍ୟତ ଦେଇ ଗତି କରୁଛି । ପ୍ରତ୍ୟେକ କ୍ଷେତ୍ରରେ ହତାଶାଭାବ ପରିଲକ୍ଷିତ ହେଉଛି । ଦେଶରେ ଖାଦ୍ୟଦ୍ରବ୍ୟର ବୃଦ୍ଧି ଏବଂ ଅପରାଧି ତତ୍ତ୍ୱଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ବର୍ତ୍ତମାନ ସମୟରେ ଓଡ଼ିଶାରେ ଦିନକୁ ଦିନ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାରେ ଲାଗିଛି । ଅଧିକାଂଶ ମଣିଷ ଅସାଂସ୍କୃତିକ ପରିବେଶରେ ରହୁଥିବାବେଳେ ସେମାନଙ୍କ ଅମାନବୀୟ ଭାବଧାରା ଗୁଡିକର ବିଶେଷ ପରିବର୍ତ୍ତନ ହୋଇପାରୁ ନଥିବା ଦେଖିବାକୁ ମିଳୁଛି । ଜଗତର ସବୁ ଚରାଚର ପ୍ରାଣୀ ଏବଂ ମଣିଷ ମଧ୍ୟରେ ରହିଥିବା କ୍ରୋଧକୁ ତର୍ଜମା କରି ଦେଖିଲେ ଜଣାଯାଏ ଯେ, ମଣିଷ ବ୍ୟତୀତ ସମସ୍ତ ଜୀବ କେବଳ ନିଜର ଜୀବନ ବିପନ୍ନତା କିମ୍ବା ନିଜସ୍ୱ ଖାଦ୍ୟକୁ ଅସୁରକ୍ଷିତ ଅନୁଭବ କରିବା ସମୟରେ ସେମାନଙ୍କ କ୍ରୋଧ ପ୍ରକାଶ କରିଥା'ନ୍ତି । ତାହା ବ୍ୟତୀତ ସେମାନଙ୍କ କ୍ରୋଧ ଅନ୍ୟ ସମୟରେ ଦେଖିବାକୁ ମିଳିବ ନାହିଁ । ସେମାନଙ୍କ କ୍ରୋଧ ପୂର୍ବ ନିର୍ଦ୍ଧାରିତ କିମ୍ବା ଦୀର୍ଘସ୍ଥାୟୀ ହୋଇନଥାଏ । ପୁଣି ସେମାନଙ୍କ କ୍ରୋଧ ସେମାନଙ୍କୁ ଜୀବନସାରା ଜାଳିପୋଡ଼ି ନଷ୍ଟ କରିବାରେ ସହଯୋଗୀ ହୋଇନଥାଏ । ସେମାନେ କ୍ରୋଧାନ୍ବିତ ହେବାର କିଛି ସମୟ ମଧ୍ୟରେ ସବୁ ଭୁଲିଯାଇ ଯଥାରୀତି ନିଜସ୍ୱ କାର୍ଯ୍ୟ ପ୍ରବାହରେ ଲିପ୍ତ ରହିଥା'ନ୍ତି ! ହେଲେ ମଣିଷ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ କେତେକ ଚରିତ୍ର ପ୍ରବାହ କରିଥାଏ ଯାହା ହୁଏତ ସେମାନଙ୍କ ଠାରୁ ଯଥେଷ୍ଟ ଘୃଣ୍ୟ ବିଚାର କରାଯାଇପାରେ, ବିଚାର କରି ଦେଖିବା ପ୍ରଖର ସ୍ମରଣ ଶକ୍ତି ହେତୁ ମଣିଷର ବୁଦ୍ଧି ଏବଂ ବିଚାର ଯଥେଷ୍ଟ ଅଧିକ ଯାହା ଅନ୍ୟାନ୍ୟ ପ୍ରାଣୀଙ୍କ ପାଖରେ ଦେଖିବାକୁ ମିଳିବ ନାହିଁ ! ପ୍ରକୃତିର କ୍ରୂର ରୂପକୁ ଦେଖି ମଧ୍ୟ ମଣିଷ ତଥାପି ସ୍ୱାର୍ଥାନ୍ଧ ହୋଇପଡ଼ିଛି । ତେଣୁ ବର୍ତ୍ତମାନ ମଣିଷକୁ ସବୁଠାରୁ ବଡ଼ ଆବଶ୍ୟକ ହେଉଛି ନିରୋଗ ଜୀବନ । ତେଣୁ ପ୍ରଥମେ ନିଜଠାରୁ ପରିବର୍ତ୍ତନ ଆରମ୍ଭ କରିବା ଉଚିତ ।

ସନ୍ତୋଷ ନାୟକ, ନୟାଗଡ଼



ଲୋକ ସମସ୍ୟା
ପ୍ରଜାତନ୍ତ୍ର





୧୭.୦୭.୨୦୨୫

# ଡାଇରିଆ ନେଉଛି ଜୀବନ, ବଢୁଛି ରୋଗୀ ସଂଖ୍ୟା

ଯାଜପୁର: ଯାଜପୁର ଜିଲ୍ଲାରେ ଡାଇରିଆ ସ୍ଥିତି ଅଣାୟତ ହୋଇପଡ଼ିଛି। ଦୁଇଦିନରେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ ଟପିଥିବାବେଳେ ମୃତ୍ୟୁ ସଂଖ୍ୟା ୬ରେ ପହଂଚିଛି। ଗତକାଲି ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା, ଆଉ ୪ଜଣ ଆଖି ବୁଜିଛନ୍ତି। ଦାନଗଦୀ, କୋରେଇ, ବ୍ୟାସନଗର ଓ ବଡ଼ଚଣା ବ୍ଲକ୍‌ରୁ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦାନଗଦୀ ବ୍ଲକ୍‌ର ତରାଇଲୋ ଗ୍ରାମରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ସେହିଭଳି ବଡ଼ଚଣା ବ୍ଲକ୍‌ରେ ଦୁଇଜଣ ଯୁବକଙ୍କର ଆଜି କଟକ ବଡ଼ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ଯାଜପୁର ଟାଉନ, କୋରେଇ, ଦାନଗଦୀ, ଧର୍ମଶାଳା, ରସୁଲପୁର, ବ୍ୟାସନଗର, ବଡ଼ଚଣା ବ୍ଲକ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟା ଅଭାବରୁ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ପାନୀୟଜଳ, ଖାଦ୍ୟ ବିଷକ୍ରିୟା ଯୋଗୁଁ ଝାଡ଼ାବାନ୍ତି ବ୍ୟାପିଥିବା କୁହାଯାଉଛି। ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ଏ ନେଇ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଦଳ ସ୍ଥିତି ଉପରେ ନଜର ରଖିଛି। ଦାନଗଦୀ ବ୍ଲକ୍ ତରାଇଲୋରୁ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ଗତକାଲି ଏହି ଗ୍ରାମର ସୁଦର୍ଶନ ପାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ସେଠାରୁ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ବସନ୍ତ ପାତ୍ର(୫୫)ଙ୍କର ମୃତ୍ୟୁ ହୋଇଛି। ଆଉ ଜଣେ ସନତ ପାତ୍ର(୩୦)ଙ୍କର ଦାନଗଦୀ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ଆଜି କନ୍ତର ପଂଚାୟତ ଜଳନ୍ଦା ଅଂଚଳର ଜାନକୀ ମଳିକ (୫୫)ଙ୍କର ମୃତ୍ୟୁ ହୋଇଛି। ସେହିପରି ବଡ଼ଚଣା ବ୍ଲକ୍ ସମିଆଁ ପଂଚାୟତ କଳକଳା ଗାଁର ମଦନମୋହନ ନାୟକ (୨୮) ଓ ଶାଳପଡ଼ା ପଂଚାୟତ ତିଳପଦା ଗାଁର ବିରଂଚି ମଲ୍ଲିକ(୨୬)ଙ୍କ ମୃତ୍ୟୁ ହୋଇଛି। ଗତକାଲି ଉଭୟଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତକାଲି ବଡ଼ଚଣା ବ୍ଲକ୍‌ରୁ ୨୦ରୁ ଅଧିକ ଆକ୍ରାନ୍ତ ବଡ଼ଚଣା ଡାକ୍ତରଖାନାକୁ ଆସିଥିଲେ। ସେଠାରୁ କିଛି ଗୁରୁତର ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଯଯାତି କେଶରୀ ମେଡିକାଲ କଲେଜ ହସ୍ପିଟାଲରେ ଝାଡ଼ାବାନ୍ତି ଏବଂ ଡାଇରିଆ ରୋଗୀଙ୍କ ଲମ୍ବା ଧାଡ଼ି ଲାଗିଛି। ଶଯ୍ୟା ଅଭାବରୁ ରୋଗୀ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗୀଙ୍କ ଚିକିତ୍ସା ସେବା ତଦାରଖ କରିଛନ୍ତି। ଏଠାରେ ପଡ଼ୋଶୀ ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାରୁ ମଧ ରୋଗୀ ଭର୍ତ୍ତି ହୋଇଛନ୍ତି। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୧୩୦ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ରୁ ଅଧିକ, ଯାଜପୁରରୋଡ୍ ଡାକ୍ତରଖାନାରେ ଆଜି ୬୫ଜଣ ଚିକିତ୍ସାଧୀନ ରହିଛନ୍ତି। ଦାନଗଦୀ ଡାକ୍ତରଖାନାରେ ୭୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ଜଣଙ୍କୁ କଟକ ଓ ୧୪ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯଯାତି କେଶରୀ ମେଡିକାଲ କଲେଜ ଓ କଟକ ବଡ ଡାକ୍ତରଖାନାରୁ ପୃଥକ୍ ପୃଥକ୍ ଟିମ୍ ବିଭିନ୍ନ ଡାକ୍ତରଖାନାକୁ ଗସ୍ତ କରି ଚିକିତ୍ସା ପ୍ରକ୍ରିୟା ଯାଂଚ କରୁଥିବା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଅଂଚଳକୁ ଯାଇ ଝାଡ଼ାବାନ୍ତି ବ୍ୟାପିବାର ପ୍ରକୃତ କାରଣ ଖୋଜୁଛନ୍ତି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଆଜି ଯାଜପୁର ଆସି ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଯାଜପୁର ଜିଲ୍ଲାରେ ଏଯାଏଁ ଡାଇରିଆ ସ୍ଥିତି ନିୟନ୍ତ୍ରଣକୁ ଆସିନି। ତେବେ ଯେଉଁମାନଙ୍କର ଡାଇରିଆ କାରଣରୁ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି, ତା' ଉପରେ ପ୍ରକୃତ କାରଣ ଅନୁଧ୍ୟାନ କରାଯାଉଛି। ଖାଦ୍ୟରେ ବିଷକ୍ରିୟା କିମ୍ବା ଦୂଷିତ ପାନୀୟଜଳ ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି। ବିଭିନ୍ନ ଅଂଚଳରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଆରଡିସି ଭି. ପରମେଶ୍ୱରନ୍ ମଧ ଯାଜପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ ଚନ୍ଦ୍ର ବଳ କହିଛନ୍ତି ଯେ ଏଯାଏଁ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସ୍ଥିତିକୁ ସାମନା କରିବା ପାଇଁ ସହାୟତା ମଗାଯାଇଛି। ଆତଙ୍କିତ ନ ହୋଇ ଖାଦ୍ୟ ଓ ପାନୀୟ ଜଳ ଗ୍ରହଣ ଉପରେ ଯତ୍ନବାନ ହେବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।







## ବିଲୁପ୍ତ ଅବସ୍ଥାରେ ବାଇ ଚଢେଇ
# ଶୁଭୁନି କିଚିରି ମିଚିରି ଶବ୍ଦ



ସୁନ୍ଦରଗଡ : ବାଇଚଢେଇ ପ୍ରକୃତିର ଏକ ସୁନ୍ଦର ଉପହାର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ପକ୍ଷୀଟି ଯେତିକି ସୁନ୍ଦର ତାହାର ବସା ମଧ ସେତିକି ସୁନ୍ଦର ଓ ଆକର୍ଷଣୀୟ। ତାଳ ଗଛର ପତ୍ରରେ ଝୁଲୁଥିବା ବାଇ ଚଢେଇର ସୁନ୍ଦର ବସାକୁ ଦେଖିଲେ ସମସ୍ତଙ୍କୁ ବିମୋହିତ କରିଥାଏ। ମନୁଷ୍ୟକୁ ବାଇଚଢ଼େଇ ଠାରୁ ଶିଖିବାକୁ ମିଳିଥାଏ ତାର କାରିଗରୀ ଆଉ ଯୌଥ ପରିବାରର ଚଳଣି ସହ ଝଡ଼ବତାସରେ ଦୃଢ ଭଳି ବଂଚି ରହିବାର ବିରଳ ଶିକ୍ଷା। ମାତ୍ର ଆଧୁନିକତାର ସ୍ପର୍ଶରେ ମଣିଷର ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ଏହି ପକ୍ଷୀ ବର୍ତ୍ତମାନ ବିଲୁପ୍ତ ହେବାକୁ ବସିଛି। ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ନଷ୍ଟ ଯୋଗୁଁ ଆଉ ଆଗ ପରି ଗାଁ ଗୁଡିକରେ ତାଳ ଗଛରେ ଆଉ ଶୁଭୁନି ବାଇ ଚଢେଇଙ୍କ କିଚିରି ମିଚିରି ଶବ୍ଦ। ଲାଗୁଛି ସତେ ଯେମିତି ଆଗମୀ ପିଢି ଏହି କୁନି ଚଢେଇର ସଂଘର୍ଷ ଭରା କାହାଣୀ କେବଳ ବହିରେ ପଢିବେ। କିନ୍ତୁ ଆଉ ତାକୁ ଦେଖିବାକୁ ପାଇବେନି। ବଣ ପାହାଡ ଘେରା ଦେବଗଡ ଜିଲ୍ଲାରେ ଏବେ କାଁ ଭାଁ ଦେଖିବାକୁ ମିଳୁଛି ବାଇଚଢେଇ ବସା। କିନ୍ତୁ ଦିନକୁ ଦିନଏହି ଚଢେଇ ପ୍ରାୟ ବିଲୁପ୍ତ ହେବାକୁ ବସିଲେଣି। ପୂର୍ବରୁ ଗାଁ ଗହଳିରେ ଏହି ବାଇଚଢେଇ ଦେଖିବାକୁ ମିଳିଥାଏ। ବର୍ତ୍ତମାନ ପରିସ୍ଥିତିରେ ଏହି ପକ୍ଷୀଟି ବିରଳ ହେବାକୁ ବସିଛି। ଗ୍ରାମାଚଂଳରେ ତାଳଗଛ ଓ ଖଜୁରୀ ଗଛକୁ ସୁରକ୍ଷିତ ଭାବି ଏହି ପକ୍ଷୀ ତାର ବସା ବାନ୍ଧିଥାଏ। ବର୍ଷା ଆଗମନ ପୂର୍ବରୁ ବାଇଚଢେଇ ଗଛରେ ବସା ବାନ୍ଧୁଥିବା ବେଳେ ଏହା ବର୍ଷା ଆଗମନର ସନ୍ଦେଶ ଦେଇଥାଏ ଚାଷୀକୂଳକୁ। ବାଇଚଢେଇ ବସାକୁ ଦେଖି ଚାଷୀ ବର୍ଷାଆଗମନର ସଙ୍କେତ ପାଇ ଚାଷ କାର୍ଯ୍ୟ ଆଗକୁ ବଢ଼ାଇଥାନ୍ତି। କିନ୍ତୁ ବର୍ତ୍ତମାନ ଆଧୁନିକତା ଯୁଗରେ ଅସନ୍ତୁଳନ ପରିବେଶ ଓ ଜୈବ ବିବିଧତା ମଧ୍ୟରେ ଆଉ ଆଗ ପରି ଗ୍ରାମାଚଂଳରେ ତାଳଗଛ ଓ ଖଜୁରୀ ଗଛ ଦେଖିବାକୁ ମିଳୁନଥିବାବେଳେ ବାଇଚଢେଇ ବସା ମଧ ଆଗ ପରି ଦେଖିବାକୁ ମିଳୁନା ନାହିଁ। ବର୍ତ୍ତମାନର ବିଶ୍ୱରେ ତାପମାତ୍ରାରେ ଅସ୍ଥିରତା ଓ ବିଭିନ୍ନପ୍ରାକୃତିକ ଦୁର୍ବିପାକ ଆଜି ଭାଙ୍ଗି ଦେଇଛି ବାଇ ଚଢେଇର ବସା। ପରିବେଶବିତ ଲଳିତ ମୋହନ ସାହୁଙ୍କ କହିବା ଅନୁଯାୟୀ, ଆଗ ପରି ବର୍ତ୍ତମାନ ପରିବେଶ ଓ ଜଳବାୟୁ ଠିକ ରହୁନାହିଁ। ଏହାସହିତ ଜଙ୍ଗଲ ନଷ୍ଟ ଓ ତାଳ, ଖଜୁରୀ ଗଛ ଆଉ ଆଗ ଭଳି ଦେଖିବାକୁ ମିଳୁନାହିଁ, ଯାହା ଫଳରେ ବାଇଚଢେଇ ତାର ଝୁଲା ବସା କରିପାରୁନଥିବାରୁ ଉକ୍ତ ପକ୍ଷୀର ବସା ବର୍ତ୍ତମାନ ଖୋଜିବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି।



# ଝାରସୁଗୁଡ଼ା ମାଟି ଦୁର୍ନୀତି: କାମ କରୁଛି ବଡ଼ ସିଣ୍ଡିକେଟ୍ !



ଝାରସୁଗୁଡ଼ା: ଝାରସୁଗୁଡ଼ା ସହର ଉପକଣ୍ଠରେ ଚାଲିଥିବା ବହୁଚର୍ଚ୍ଚିତ ମାଟି ଦୁର୍ନୀତି ଘଟଣାର ପ୍ରଶାସନିକ ତଦନ୍ତ ଜାରି ରହିଛି। ତଦନ୍ତର ୨ ଦିନ ପରେ ବି ପ୍ରକୃତରେ କେତେ ମାଟି ଚୋରି ହୋଇଛି ତାହା ଖଣି ବିଭାଗ ବି ଆକଳନ କରିପାରିନି। ସେପଟେ, ଏହି ମାଟି ଚୋରି ଘଟଣାର ଏକ ବଡ଼ ଦିଗ ଏବେ ସାମ୍ନାକୁ ଆସିଛି। ସରକାରୀ ଭାବେ ମାଟି କିଣିଲେ ରେଳବାଇ ଠିକାଦାରଙ୍କୁ ଅଧିକ ଦାମ୍ ପଡୁଥିବାରୁ ମାଫିଆଙ୍କ ସହାୟତାରେ ରୟତି ଜମିରୁ ବେଧଡ଼କ ମାଟି ଉଠାଣ କରୁଛନ୍ତି। ଯଦ୍ୱାରା ରେଳବାଇ ଠିକାଦାର ପ୍ରତି ୧୦ ହଜାର ଘନମିଟର ମାଟି ପିଛା ୩ ଲକ୍ଷରୁ ଅଧିକ ଟଙ୍କା ଲାଭରେ ରହୁଥିବାବେଳେ ମାଟି ମାଫିଆ ଓ ଜମି ମାଲିକ ବି ଲାଭବାନ ହେଉଛନ୍ତି। ଲାଭାଂଶର କିଛି ଅଂଶ ସରକାରୀ ଅଧିକାରୀଙ୍କ ପକେଟ୍‌କୁ ଯାଉଥିବାରୁ ବେଆଇନ୍ ମାଟି ଖନନରେ କୌଣସି ଅସୁବିଧା ଉପୁଜୁ ନଥିବା ଅଭିଯୋଗ ହେଉଛି। ଏଥିପାଇଁ ଏକ ବଡ଼ ସିଣ୍ଡିକେଟ୍ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏ ନେଇ ତହସିଲଦାର ସଦାକର କୁମ୍ଭାରଙ୍କୁ ପଚାରିବାରେ, କୌଣସି ଜମିରୁ ୨ ଫୁଟରୁ ଅଧିକ ମାଟି ଖୋଳିବାକୁ ଅନୁମତି ନାହିଁ। ତେଣୁ ତଦନ୍ତ ଶେଷ ହେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଜିଲ୍ଲା ଖଣି ବିଭାଗରେ ପ୍ରତି ଘନମିଟର ମାଟି ପାଇଁ ୩୫ ଟଙ୍କା ରୟାଲ୍‌ଟି, ୨୭ ଟଙ୍କା ସରଚାର୍ଜ, ରୟାଲିଟି ଉପରେ ୩୦ ପ୍ରତିଶତ ଡିଏମ୍ଏଫ୍ ଚାର୍ଜ ବାବଦକୁ ୧୦ ଟଙ୍କା ୫୦ ପଇସା, ୫ ପ୍ରତିଶତ ଇଏମ୍ଏଫ୍ ଚାର୍ଜ ବାବଦକୁ ୧ ଟଙ୍କା ୭୫ ପଇସା ନିଆଯାଉଛି। ଅର୍ଥାତ୍ ୧ ଘନ ମିଟର ମାଟି ବାବଦକୁ ସରକାରୀ ଭାବେ ୭୪.୭୫ ପଇସା ପଡୁଛି। କିନ୍ତୁ ଠିକାଦାରମାନେ ମାଟି ମାଫିଆଙ୍କୁ ହାତ କରି ୧ ଏକର ଜମିରୁ ୧ ମିଟର ଗଭୀରତାର ମାଟି ନେବାକୁ ୪୦ ହଜାର ଟଙ୍କାରେ ଡିଲ୍ କରୁଛନ୍ତି। ୧ ଏକର ଅର୍ଥାତ୍ ୪୦୪୬ ବର୍ଗ ମିଟର। ଅର୍ଥାତ୍ ସରକାରୀ ଦରରେ ୪୦୪୬ ଘନମିଟର ମାଟି ନେବାକୁ ସେମାନଙ୍କୁ ୩ ଲକ୍ଷ ୨ ହଜାର ୪୩୮ ଟଙ୍କା ପୈଠ କରିବାକୁ ପଡୁଛି। ଯେଉଁଠି ଚୋରାରେ ମାଟି ନେଲେ ୧ ଏକର ଜମି ବାବଦକୁ ପ୍ରାୟ ୨ ଲକ୍ଷ ୬୦ ହଜାର ଟଙ୍କାର ଲାଭରେ ରହୁଛନ୍ତି। ସେପଟେ, ମାଟି ମାଫିଆମାନେ ଏଭଳି ସ୍ଥାନରୁ ମାଟି ନେବାକୁ ବାଛୁଛନ୍ତି ଯେଉଁ ଜମି ନିକଟ ଭବିଷ୍ୟତରେ କୌଣସି ପ୍ରକଳ୍ପ ବା କମ୍ପାନି ଦ୍ୱାରା ଅଧିଗ୍ରହଣ ହେବାର ରହିଛି। ଏଥିରେ ଜମି ମାଲିକଙ୍କୁ ୩ ପ୍ରକାର ଲାଭର ପ୍ରଲୋଭନ ଦେଖାଯାଉଛି। ପ୍ରଥମେ, ଜମି ମାଲିକ ମାଟି ବିକି ଟଙ୍କା ରୋଜଗାର କରୁଥିବା ବେଳେ ଉକ୍ତ ଖାଲୁଆ ଜମିରେ ପାଉଁଶ ପୋତିବାକୁ ପାଉଁଶ ମାଫିଆଙ୍କ ସହ ଡିଲ୍ କରି ଏକର ପିଛା ୭୦ ହଜାର ଟଙ୍କା ପାଉଛନ୍ତି। ସେପଟେ, ଜମି ଅଧିଗ୍ରହଣ ହେଲେ କମ୍ପାନି ଦ୍ୱାରା ନିର୍ଦ୍ଧାରିତ ଦର ବି ପାଉଛନ୍ତି। ତେବେ ଏଥିପାଇଁ ଝାରସୁଗୁଡ଼ା ଜିଲ୍ଲାରେ ଏକ ବଡ଼ଧରଣର ସିଣ୍ଡିକେଟ୍ କାମ କରୁଛି। କେଉଁ ଜମି ଅଧିଗ୍ରହଣ ତାଲିକାରେ ଯିବ ପ୍ରଥମେ ତା'ର ଏକ ତାଲିକା ପ୍ରସ୍ତୁତ କରାଯାଇ ସେ ସବୁ ଜମିକୁ ନିଜର ବ୍ୟବସାୟ ପାଇଁ ବ୍ୟବହାର କରାଯାଉଛି। ଏଥିରେ ରେଳବାଇ ଠିକାଦାର, ମାଟି ମାଫିଆ, ପାଉଁଶ ମାଫିଆ ସିଧାସଳଖ ଲାଭବାନ୍ ହେଉଛନ୍ତି। କିନ୍ତୁ ମାଟିର ରୟାଲ୍‌ଟି ବାବଦକୁ ସରକାରୀ ପାଣ୍ଠିକୁ ଯେଉଁ ରାଜସ୍ୱ ଯିବା କଥା ତାହା ଯାଇପାରୁନି।

# ଏଠି ଭାର ହେଉଛି ଭରସା

ନବରଙ୍ଗପୁର : ଗାଁକୁ ପକ୍କା ରାସ୍ତା ଓ ନଦୀରେ ପୋଲ ନିର୍ମାଣ ପାଇଁ ବହୁବାର ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ନିକଟରେ ଗୁହାରି କରାଯାଇଛି। କିନ୍ତୁ କେହି କର୍ଣ୍ଣପାତ କରୁନଥିବାରୁ ଜମି ହିଡ଼ ଓ ନାଳ ପାର ହୋଇ ଯାତାୟାତ କରିବାକୁ ପଡୁଛି। ବର୍ଷାଦିନେ ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୋହି ନେବାକୁ ପଡୁଛି। ପକ୍କା ରାସ୍ତା ନଥିବାରୁ ପ୍ରାୟ ୫୦ବର୍ଷ ହେଲା ଏଭଳି ହନ୍ତସନ୍ତ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ବାଘବେଡ଼ା ଗ୍ରାମବାସୀ। ଝରିଗାଁ ବ୍ଲକ ସଦର ମହକୁମା ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ବାଘବେଡ଼ା ଗାଁରେ ପ୍ରାୟ ୫୦ବର୍ଷ ହେଲା ୨୫ଟି ସାନ୍ତା ପରିବାର ବସବାସ କରୁଛନ୍ତି। ଚାଷ କରି ସମସ୍ତେ ପରିବାର ପ୍ରତିପୋଷଣେ କରନ୍ତି। ଗାଁକୁ ଯିବା ପାଇଁ ଦୁଇଟି ରାସ୍ତା ଥିବା ବେଳେ ମାତିଲି ସାହି ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ହୋଇଥିବା ବେଳେ ସେଠାରୁ ବାଘବେଡା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇନି। ମାତିଲି ସାହିରୁ ପ୍ରାୟ ୧କିଲୋମିଟର ଦୂରରେ ଥିବା ବାଘବେଡା ଗ୍ରାମକୁ ଯିବା ପାଇଁ ନାଳ ପାର ହେବା ସହିତ ଜମି ହିଡ଼ରେ ଚାଲିବାକୁ ପଡ଼ିଥାଏ। ଅନ୍ୟ ଏକ ରାସ୍ତା କୁଡ୍ରିଛାପର ପଞ୍ଚାୟତର ତହରାକାରିଆଗୁଡା ଗ୍ରାମ ଦେଇ ରହିଛି। କିନ୍ତୁ ତହରାକାରିଆଗୁଡା ଠାରୁ ପ୍ରାୟ ଅଢ଼େଇ କିଲୋମିଟର କାଦୁଅ ରାସ୍ତା ଥିବାରୁ ଯାତାୟାତ ବେଳେ ସମସ୍ୟା ଦେଖାଦେଉଛି। ବର୍ଷାଦିନେ ଉଭୟ ରାସ୍ତା ଦେଇ ଗାଡ଼ି ଯାଇପାରୁନଥିବାରୁ ରୋଗୀ ଏବଂ ଗର୍ଭବତୀଙ୍କୁ ଭାରରେ ବୋହି ମାତିଲି ସାହି ଗ ?ାଁ ପର୍ଯ୍ୟନ୍ତ ନେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥାଏ। ଗାଁରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଦ ପଡୁନଥିବା ବେଳେ ଗାଁର ପ୍ରାୟ ମହିଳା ଘରେ ହିଁ ପ୍ରସବ କରୁଥିବା ଗ୍ରାମବାସୀ କହିଛନ୍ତି। ଗୁରୁତର ରୋଗୀ ଓ ପ୍ରସବରେ ସମସ୍ୟା ଦେଖାଦେଲେ ମହିଳାଙ୍କୁ ବାଧ ହୋଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଛି। ପକ୍କା ରାସ୍ତା ପାଇଁ ବହୁବାର ଜନପ୍ରତିନିଧିଙ୍କ ସହିତ ବ୍ଲକ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ମଧ କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ଗ୍ରାମର ବହୁ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତା ଓ ଆବାସ ଯୋଜନାରେ ସାମିଲ କରାଯାଇନି। ବହୁ ପରିବାର ଦଦରା ମାଟି ଘରେ ବିପଦପୂର୍ଣ୍ଣ ଭାବେ ମୁଣ୍ଡ ଗୁଞ୍ଜିଛନ୍ତି। ଗାଁର ପ୍ରାୟ ଘରେ ପ୍ରଶାସନ ପକ୍ଷରୁ ପାଇଖାନା ନିର୍ମାଣ କରାଯାଇଥିଲେ ହେଁ କିଛି ପାଇଖାନାର କବାଟ ନଥିବା ବେଳେ ଆଉ କିଛି ପାଇଖାନା ବ୍ୟବହାର ଉପଯୋଗୀ ନୁହେଁ। ବହୁବାର ଦାବି ପରେ ମଧ ଗାଁରେ ପୋଖରୀ ଖନନ କରାଯାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁକୁ ପକ୍କା ରାସ୍ତା ନିର୍ମାଣ ସହିତ ଅନ୍ୟ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶିଶୁ ଶ୍ରମିକ ନିଷେଧ ସଚେତନତା ରଥର ଶୁଭାରମ୍ଭ

# ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ଆମ ସମସ୍ତଙ୍କ ଲକ୍ଷ୍ୟ ହେଉ

ସୁବର୍ଣ୍ଣପୁର: ଶିଶୁ ଶ୍ରମ ମୁକ୍ତ ଓଡିଶା ଆମ ସମସ୍ତଙ୍କ ଲକ୍ଷ୍ୟ ହେଉ । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ଶିଶୁ ଶ୍ରମିକ ନିୟୋଜନକୁ ନିଷେଧ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ପରିସରରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ଜିଲ୍ଲାପାଳ ଅନନ୍ୟା ଦାସ ଶିଶୁ ଶ୍ରମିକ ନିୟୋଜନ ନିଷେଧ ସଚେତନତା ରଥକୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଛନ୍ତି । ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ସହରାଂଚଳ ସହିତ ସୋନପୁର ମ୍ୟୁନିସିପାଲିଟି ଅଂଚଳ ପରିକ୍ରମା କରି ଜନସାଧାରଣଙ୍କୁ ଶିଶୁ ଶ୍ରମିକ ନିୟୋଜନ ଉପରେ ସଚେତନତା କରାଇବ । ସଚେତନତା କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଆଜି ଠାରୁ ଆଗାମୀ ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବାର ସ୍ଥିର ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଖାକା ସୂଚନା ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରରେ ଆସନ୍ତା ୧୬ ତାରିଖରେ ଏକ ସଚେତନତା ଶୋଭାଯାତ୍ରା ସହ ଶପଥ ପାଠ ସମାରୋହ ଅନୁଷ୍ଠିତ ହେବ । ପୁନଶ୍ଚ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗ ସହଯୋଗରେ ଜୁନ୍ ୨୦ ତାରିଖରେ ଶିଶୁ ଶ୍ରମ ନିଷେଧ ଉପରେ ସଚେତନତା ବୈଠକ ଅନୁଷ୍ଠିତ ହେବ । ତତ୍ ସହ ଆଜି ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଶିଶୁ ସୁରକ୍ଷାକୁ ଅଧିକ ଗୁରୁତ୍ୱାରୋପ କରାଯାଇ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଉପରେ ଚଢ଼ାଉ ତଥା ଶିଶୁ ଉଦ୍ଧାର କାର୍ଯ୍ୟକ୍ରମ କରାଯିବା ଉପରେ ସୂଚନା ଦେଇଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ । ଚଉଦ ବର୍ଷ ପୂରଣ କରିନଥିବା ଶିଶୁଙ୍କୁ କାର୍ଯ୍ୟରେ ନିଯୁକ୍ତି କରିବା ଦଣ୍ଡନୀୟ ଅପରାଧ ଅଟେ । ପୁନଶ୍ଚ ଶିଶୁଙ୍କୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଉଥିବା ବ୍ୟକ୍ତିଙ୍କୁ ମଧ ଆଇନ ଅନୁଯାୟୀ କଠୋର ଦଣ୍ଡର ବ୍ୟବସ୍ଥା ରହିଛି । ଆଜି ଅନୁଷ୍ଠିତ ଶୁଭାରମ୍ଭ ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ସ୍ଥାନୀୟ ନେତୃ ବୃନ୍ଦ, ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା, ଶ୍ରମ ବିଭାଗର କର୍ମଚାରୀ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭିଜନ୍ ୨୦୩୬ ଓ ୨୦୪୭ ବିକଶିତ ଓଡ଼ିଶା ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

ଜୟପୁର : କୋରାପୁଟ ସଦଭାବନା ସଭାଗୃହ ଠାରେ ଓଡିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଓଡିଶା ପାଇଁ ବିକଶିତ ଜିଲ୍ଲା ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ତଥା କୋରାପୁଟ ଜିଲ୍ଲା ପ୍ରଭାରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧତାରେ ଅନୁଷ୍ଠିତ କର୍ମଶାଳାରେ କୋରାପୁଟ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି, ଗୁଣି, ଜ୍ଞାନୀ ଓ ବୈଷୟିକ ଜ୍ଞାନରେ ଦକ୍ଷତା ଥିବା ବ୍ୟକ୍ତି ବିଶେଷ ଉପସ୍ଥିତ ରହି ପ୍ରସ୍ତାବ ମାନ ଉପସ୍ଥାପନା କରିଥିଲେ । ଏହି କର୍ମଶାଳାରେ ଅତି ଉଚ୍ଚ ମାନର ପ୍ରସ୍ତାବ ଆସିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିବା ସହ ଜ୍ଞାନୀ ଗୁଣୀ ବିଜ୍ଞ ବ୍ୟକ୍ତିଙ୍କ ପ୍ରସ୍ତାବକୁ ନେଇ ଭିଜନ ଖସଡ଼ା ଚୁଡାନ୍ତ ରୂପ ନେବ ବୋଲି ସେ କହିଛନ୍ତି । ଆଗାମୀ ଦିନରେ ପଞ୍ଚାୟତ ସ୍ତରରୁ ଆରମ୍ଭ ହୋଇ ଜିଲ୍ଲା ସ୍ତରରେ ଏହି କର୍ମଶାଳାର ରୂପାୟନ ହେବ ଏବଂ ଲୋକଙ୍କ କଥାକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି । ଆର୍ଥିକ ପ୍ରଗତି, କୃଷକଙ୍କ ଆୟ ବୃଦ୍ଧି କରିବା, ପ୍ରାଣୀ ଚାଷୀଙ୍କ ଆୟ ବୃଦ୍ଧି କରିବା, ମତ୍ସ୍ୟ ଚାଷ ଏବଂ ଜଳ କୃଷିକୁ ବୃଦ୍ଧି କରିବା, ଜଳ ସୁରକ୍ଷା, ଜୀବନଯାପନର ସହଜାତରେ ଉନ୍ନତି ଆଣିବା ଏବଂ ଅଣ କୃଷି ନିଯୁକ୍ତି ସୃଷ୍ଟି କରିବା, ସମାନତା ଓ ସମ୍ମାନ ଉପରେ ମୂଳଦୁଆ ପକାଇ ଭବିଷ୍ୟତ ନିର୍ମାଣ କରିବା, ସମସ୍ତଙ୍କ ପାଇଁ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବା, କ୍ରୀଡା କ୍ଷେତ୍ରରେ ଅଗ୍ରଣୀ , ଉଚ୍ଚ ଶିକ୍ଷା, ଗୁଣାତ୍ମକ ଶିକ୍ଷା, ମହିଳା ନେତୃତ୍ୱାଧିନ ବିକାଶ, ଷ୍ଟାର୍ଟ ଅପ ଓଡ଼ିଶା, ଗବେଷଣା ଓ ଜ୍ଞାନ ଭିତ୍ତିକ ଅର୍ଥ ନୀତି, ଶକ୍ତି ଓ ସ୍ଥିରତା, ସହରୀକରଣ ଅଭିବୃଦ୍ଧିର ଏକ ଇଞ୍ଜିନ, ଲଜିଷ୍ଟିକ, ଭିତ୍ତିଭୂମି ଏବଂ ସଂଯୋଗିକରଣ, ସେବାକ୍ଷେତ୍ର ବିସ୍ତାର, ଶିଳ୍ପ, ଖଣିଜ ସମ୍ପଦର ଉପଯୋଗ ଉପରେ ଆଲୋଚନା ହୋଇଛି । ଚାକିରୀ ସୁଯୋଗ ସୃଷ୍ଟି କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଛି । କୋରାପୁଟ ଜିଲ୍ଲା କଫି ଚାଷରେ ଅନେକ ମାଇଲ ଖୁଣ୍ଟ ଅତିକ୍ରମ କଲାଣି, ବିଶ୍ୱ ଦରବାରରେ ମଧ କୋରାପୁଟର କଫି ଆଦୃତ ହୋଇସାରିଛି ଆଗାମୀ ଦିନରେ ବ୍ୟାପକ କଫି ଚାଷ ପାଇଁ ଲକ୍ଷ ରଖାଯାଇଥିବା ସେ କହିଛନ୍ତି । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସ୍ୱାଗତ ଅଭିଭାଷଣ ପ୍ରଦାନ କରାଯାଇଥିବା ବେଳେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଆଇଏଏସ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌରାଧକ୍ଷ ଡ ରାଜେନ୍ଦ୍ର ପାତ୍ର, ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ଓ କୋଟପାଡ଼ ଏନଏସି ଅଧକ୍ଷ ଏମ ଶଙ୍କର ରାଓ ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା କାର୍ଯକ୍ରମ ପରିଚାଳନା କରିଥିଲେ ।

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦଶମ ପ୍ରତିଷ୍ଠା ଦିବସ

ସମ୍ବଲପୁର: ସମ୍ବଲପୁର ବଡ଼ସିଂହାରୀସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂତନ କୋଠା ପରିସରରେ ଦଶମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମକୁ ଡ. ରତ୍ନାକର ରାୟ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ କ୍ରେଷ୍ଟ ଏକ୍ସଓ ସହ-ପ୍ରତିଷ୍ଠାତା ବସନ୍ତ କୁମାର ମିଶ୍ର, ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚର ଭାଇସ୍ ଚାନ୍ସଲର ବିଭୂତି ଭୂଷଣ ବିଶ୍ୱାଳ, ଆଇଆଇଟି ଧନବାଦ (ଆଇଏସ୍ଏମ୍) ନିର୍ଦ୍ଦେଶକ ସୁକୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱବିଦ୍ୟାଳୟର ସଫଳତା ନେଇ ରେଜିଷ୍ଟ୍ରାର ଡ. ଚିତ୍ତରଞ୍ଜନ ବାବୁ ଉପସ୍ଥାପନ କରିଥିଲେ । ଏହି ଅବସରରେ ଆଇଆଇଟି (ଆଇଏସ୍ଏମ୍) ଧାନବାଦ ଓ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଯାହା ଗବେଷଣା, ଶୈକ୍ଷିକ ଆଦାନପ୍ରଦାନ ଏବଂ ସହଭାଗୀ ପଦକ୍ଷେପ ପାଇଁ ନୂତନ ରାସ୍ତା ପ୍ରଦାନ କରିବ ବୋଲି କୁହାଯାଇଛି । ଏହି ଅବସରରେ ପୂର୍ବତନ କୁଳପତି, ରେଜିଷ୍ଟ୍ରାର ଏବଂ ଅର୍ଥ ବିଭାଗ ନିୟନ୍ତ୍ରକମାନଙ୍କୁ ସମ୍ମାନିତ କରାଯାଇଥିଲା । ବସନ୍ତ କୁମାର ମିଶ୍ର ନିଜ ଅଭିଭାଷଣରେ ଉଚ୍ଚଶିକ୍ଷାରେ ପ୍ରଯୁକ୍ତି ବିଦ୍ୟା ଏବଂ ଗବେଷଣାର ବିକଶିତ ଦୃଶ୍ୟପଟ ଉପରେ ଖୁବ୍ ଉପାଦେୟ ମନ୍ତବ୍ୟ ରଖିଥିଲେ । ପ୍ରଫେସର ସୁକୁମାର ମିଶ୍ର ନବ ସୃଜନକୁ ପ୍ରୋତ୍ସାହିତ ଦିଗରେ ଅଭିଭାଷଣ ରଖିଥିଲେ । ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ନିଜ ଅଭିଭାଷଣରେ ଭବିଷ୍ୟତ ପାଇଁ ବିଶ୍ୱବିଦ୍ୟାଳୟର ଯୋଜନା ସମ୍ପର୍କିତ ତଥ୍ୟ ରଖିଥିଲେ । ଏହି ଅବସରରେ ଛାତ୍ର ହେମନ୍ତ ଦୀପଙ୍କ ଦ୍ୱାରା ଲିଖିତ ଦୁଇଟି ପୁସ୍ତକ 'ତୁମର ଗଲା ଦିନୁ' ଏବଂ 'ଏକଲା ଏକଲବ୍ୟ' ଉନ୍ମୋଚିତ ହୋଇଥିଲା । ଶେଷରେ ଇଂରାଜୀ ବିଭାଗର ସହଯୋଗୀ ପ୍ରଫେସର ଡ. ଜିତେନ୍ଦ୍ର ଏବଂ ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ରାଧାକାନ୍ତ ସୁନା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଏନ୍‌ସିସି କ୍ୟାଡେଟ୍‌ଙ୍କ ଶପଥ ଗ୍ରହଣ

ଜୟପୁର, (ହି.ସ.)- ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଏନସିସି କ୍ୟାଡେଟଙ୍କ ଦ୍ୱାରା ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଛି । ଏହି ଦିବସ ଅବସରରେ ମହିଳା ଏନସିସି କ୍ୟାଡେଟ ମାନେ ରକ୍ତ ଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏବଂ ସମସ୍ତେ ମିଶି ଶପଥ ଗ୍ରହଣ କରିଥିଲେ । ଏହାଦ୍ୱାରା କ୍ୟାଡେଟ ମାନେ ନିଜେ ସଚେତନ ହୋଇ ଅନ୍ୟ ମାନଙ୍କୁ କିପରି ସଚେତନ କରିବେ ସେ ବିଷୟ ପ୍ରତି ଧ୍ୟାନ ଦେବା କଥା କହିଥିଲେ । ସିଟିଓ ସନ୍ତୋଷିନ୍ତୀ ମୁଣ୍ଡାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଟିଟିଲାଗଡ଼ ବିଜେପି ଯୁବାମୋର୍ଚ୍ଚା ତରଫରୁ ଉପମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ




ଟିଟିଲାଗଡ : ଟିଟିଲାଗଡ ବିଜେପି ଯୁବା ମୋର୍ଚ୍ଚା ତରଫରୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଜନ୍ମଦିନ ଅବସରରେ ବ୍ୟାପକ ସମାଜସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟିଟିଲାଗଡ଼ ଉପଖଣ୍ଡ ସ୍ତରିୟ ହସ୍ପିଟାଲ୍‌ରେ ରୋଗୀଙ୍କୁ ଫଳ ସହ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ପରେ ଟିଟିଲାଗଡ଼ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ରାସନ୍ ସାମଗ୍ରୀ ସହ ଶୁଖିଲା ଖାଦ୍ୟ, ମାତୃ ଶିଶୁ ହସ୍ପିଟାଲ ରେ ମଧ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହାସହ ସିକିର ଗ୍ରାମରେ ବୃକ୍ଷରୋପଣ ମଧ କରାଯାଇଥିଲା । ଏହିସବୁ ସମାଜସେବା କାର୍ଯ୍ୟକ୍ରମ ଟିଟିଲାଗଡ ଯୁବା ମୋର୍ଚ୍ଚା ନେତା ଇଂ ଅମ୍ଳାନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ର ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ବିଜେପି ନଗର ସଭାପତି ସୁନିଲ ଆଚାର୍ଯ୍ୟ, ଉପସଭାପତି ଲିଙ୍ଗରାଜ ନାୟକ, ସାଧାରଣ ସମ୍ପାଦକ ଶିବା ପାଣିଗ୍ରାହୀ, ଅରବିନ୍ଦ ପାଣିଗ୍ରାହୀ, ପ୍ରିତମ ଦାସ, ଯୁବା ମୋର୍ଚ୍ଚା ନଗର ସଭାପତି ଅଞ୍ଜନୀ ଦାସ, ସମୀର ମନହୀରା, ପ୍ରଦୀପ ନାଗ, ମଞ୍ଜିତ ସିଂ ବରିହା, ତପନ ବଗର୍ତ୍ତୀ, ସୁବ୍ରତ ଭାଟି, ଆସିଫ ଖାନ, ବଳରାମ ପଟେଲ, ହିତେନ ବାଗ, ଯତୀନ ବାଗ, ଯଶୋବନ୍ତ ହର୍ଷ୍ଣ, ପ୍ରତ୍ୟୁଷ ଦାସ, ମଳୟ ପରିଡ଼ା, ସୁରଜ୍ ଦର୍ଜି, ଦିଲୀପ ବାରିକ, ନିରଞ୍ଜନ ରଣା, ସତ୍ୟମ ସାହୁ, ଗୁରୁ ନାଗ, ଭୋଲା ବେହେରା, ପ୍ରଜ୍ଞା ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କନ୍ଧମାଳ ରଜ ମହୋତ୍ସବ

# ପୁନମ୍ ମିସେସ୍ କନ୍ଧମାଳ ଓ ଏମ୍ ବିଜୟଲକ୍ଷ୍ମୀ ମିସ୍ ରଜ କୁଇନ

କନ୍ଧମାଳ(ହି.ସ) : କନ୍ଧମାଳ ରଜ ମହୋତ୍ସବ ୨୦୨୫ ଅବସରରେ ଶୁନିବାର ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ ଠାରେ ମିସେସ କନ୍ଧମାଳ ଓ ମିସ ରଜ କୁଇନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥଲା । କନ୍ଧମାଳ ରଜ ମହୋତ୍ସବ ପରିଚାଳନା କମିଟି ଅଧକ୍ଷ ସୁନୀଲ ପଟ୍ଟନାୟକ, କାର୍ଯ୍ୟକାରୀ ଅଧକ୍ଷ ରାଧାମୋହନ ମହାପାତ୍ର, ଉପସଭାପତି ମହମ୍ମଦ ଚିସ୍ତୀ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗାଲ, ସମାଜସେବୀ ତଥା କୋଷାଧକ୍ଷ ପ୍ରସନ୍ନ କୁମାର ସାଇଁ, ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ । ମିସେସ କନ୍ଧମାଳ ଭାବେ କୃଷି ବିଭାଗ ଅଧିକାରିଣୀ ପୁନମ ଚାନ୍ଦ ଯୋଗ୍ୟା ବିବେଚିତ ହୋଇଥିବା ବେଳେ ରନର୍ସ ଅପ ଭାବେ ଅନୁଶୟା ପାଣଗ୍ରାହୀ, କାଜଲ ନାୟକ ଓ ମୌସୁମୀ ମହାନ୍ତି ମନୋନୀତ ହୋଇଛନ୍ତି । ସେହିପରି ମିସ ରଜ କୁଇନ ଭାବେ ବାଲିଗୁଡ଼ା ଅଂଚଳ ର ଏମ. ବିଜୟ ଲକ୍ଷ୍ମୀ ଦୋରା, ଯୋଗ୍ୟା ବିବେଚିତ ହୋଇଥିବା ବେଳେ ରନର୍ସ ଅପ ଭାବେ ସୌମ୍ୟ ପ୍ରିୟଦର୍ଶିନୀ, ଲିନି ରାଣୀ ନାୟକ ଓ ସୁଜ୍ଞାନୀ ନାୟକ ମନୋନିତ ହୋଇଛନ୍ତି । ଏ ଦୁଇ କାର୍ଯ୍ୟକ୍ରମର ବିଚାରକ ଭାବେ ବଲାଙ୍ଗୀର ର କୋରିଓଗ୍ରାଫର୍ ଓ ୟୁ ଟ୍ୟୁବର୍ ମୋନୋଜ ହରପାଲ୍, ମନିସ ହର ପାଲ ଓ ଶୁଭ ଲକ୍ଷ୍ମୀ ପାତ୍ର ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧରେ ମୁସ୍କାନ ସୁଆର, ଅନିତା ପଟ୍ଟନାୟକ, ସାଗତିକା ପଟ୍ଟନାୟକ, ଭାରତୀ ପଣ୍ଡା, ନିବେଦିତା, ଶୁଭ୍ରା ପଟ୍ଟନାୟକ, ସାଗରିକା ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଆଙ୍କର୍ ଅଶୋକ ମହାନ୍ତି ମଂଚକୁ ସୁଚାରୁରୂପେ ସମ୍ପାଦନା କରିଥିଲେ । ସମସ୍ତ ପ୍ରତିଯୋଗୀ ଙ୍କୁ କମିଟି ପକ୍ଷରୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ମାନପତ୍ର ଓ ଟ୍ରଫି ପ୍ରଦାନ କରା ଯାଇଥିଲା । ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସଙ୍ଗୀତ ସାଧନା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ଆସନ୍ତା କାଲି ପାରମ୍ପରିକ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହେବ । ସନ୍ଧ୍ୟାରେ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

# ରଜପର୍ବରେ ଦୋଳି ଖେଳିଲେ, ପିଠା ଓ ମିଠା ବାଣ୍ଟିଲେ



ରାଉରକେଲା(ପିପିଏସ୍) : ଓଡ଼ିଆ ସଂସ୍କୃତି ପରମ୍ପରାର ଅନନ୍ୟ ପର୍ବ ରଜପର୍ବ ପାଳନ ସମାରୋହ ୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସିଭିଲ ଟାଉନସିପ ସାଂସ୍କୃତିକ ପରିଷଦ, ସିଭିଲ ଚାର୍ଜର୍ସ ଓ ମା' ଇନ୍ଦିରା ମହିଳା ସମିତି ର ମିଳିତ ଆନୁକୂଲ୍ୟରେ ସିଭିଲ ଟାଉନସିପ ସ୍ଥିତ ଯୋଗପାର୍କ ଠାରେ ଆୟୋଜିତ ଏହି ସମାରୋହରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ଦିପ୍ତିରଞ୍ଜନ ପଟ୍ଟନାୟକ ଯୋଗଦେଇ ରଜ ପର୍ବ ପାଳନ କାହିଁକି କରାଯାଏ ନିଜର ଦୁଇ ପଦ ବକ୍ତବ୍ୟ ରଖୁଥିଲେ । ଅନ୍ୟତମ ଅତିଥି ମଧରେ ବିରେନ ସେନାପତି, ପ୍ରାକ୍ତନ ନଗରପାଳ ରଶ୍ମିବାଳା ମିଶ୍ର, ଗଗନ ପଣ୍ଡା, ସୁନିଲ କାୟଲ, ହିମାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାର ଏହି ଅନନ୍ୟ ପର୍ବର ମାହାତ୍ମ୍ୟ ଓ ପାଳନର ଆବଶ୍ୟକତା ତଥା ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଶ୍ରୀ ନାୟକ ଏହାକୁ ଏକ ଭାଇଚାରା ଓ ସମସ୍ତଙ୍କ ମଧରେ ଐକ୍ୟବଦ୍ଧତା ତଥା ସୌହାର୍ଦ୍ଦପୂର୍ଣ୍ଣ ସର୍ବୋପରି ଓଡ଼ିଶାର ଅସ୍ମିତାର ପର୍ବ ବୋଲି ଉଲ୍ଲେଖ କରିଥିଲେ । ପୁଷ୍ପା ଲେଙ୍କା ଓ ସୁଜିତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁଚିଖେଳ, ପଚିଠା, ପାନଭଙ୍ଗା, ମ୍ୟୁଜିକ ଚେୟାର, ହୁଳହୁଳି, ଶଙ୍ଖ ଫୁଙ୍କା ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହାସହ ତାସ ଖେଳ ଓ ସମସ୍ତଙ୍କ ମଧରେ ପିଠା, ମିଠା ଆଦି ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ପ୍ରମୋଦ କୁମାର ନାୟକ, ସୁଧାଂଶୁ ସାମଲ, ଶଶାଙ୍କ ଶେଖର ପ୍ରଧାନ, ପ୍ରତୀକ ଭୂୟାଁ, ପିଙ୍କୁ ଜୟସ୍ୱାଲ, ପ୍ରକାଶ ଚନ୍ଦ୍ର ଧଳ, ବିଭୁତି ପୁହାଣ, ବିରଞ୍ଚି ସାମଲ, ସଂଗିତା ମହାନ୍ତି, ଲୀଳାବତୀ ସାହୁ, ସଞ୍ଜୁଲତା ଦାସ, ସୁଜାତା ପ୍ରଧାନ, ପ୍ରଭାତୀ ପରିଡ଼ା, ବୁଲୁ ଜେନା, ରାଜେଶ ମଲ୍ଲିକ, ଅଜୟ ଜେନା, ଭିକି ପରିଡ଼ା, ଦୀପକ ସାହୁ, କ୍ରିଷ୍ଣା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।

## ରକ୍ତଦାତା ସଚେତନତା ଶୋଭାଯାତ୍ରା

ଜୟପୁର(ହି.ସ.)- ବିଶ୍ୱ ରକ୍ତଦାତା ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ଏହି ସଚେତନତା ଶୋଭାଯାତ୍ରା ବାହାରିଥିଲା । ଜୟପୁର ରଜାନହର ଛକ ଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ଟ୍ରାଫିକ ଛକ ଦେଇ କୋଭିଡ ହଲପିଟାଲ ନିକଟରେ ଶେଷ ହୋଇଥିଲା । ଏହି ଶୋଭାଯାତ୍ରାକୁ ବ୍ଲଡ ବ୍ୟାଙ୍କ ଅଫିସର ଡାକ୍ତର ସୂର୍ଯ୍ୟ ଶେଖର ମିଶ୍ର ସବୁଜ ପତକା ଦେଖାଇ ଉଦଘାଟନ କରିଥିଲେ । ଏହି ସଚେତନତା ଶୋଭାଯାତ୍ରାରେ ଏଏନଏମ ଛାତ୍ରୀ, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଏନସିସି କ୍ୟାଡେଟଙ୍କ ସହ ରକ୍ତଦାତା ମାନେ ସାମିଲ ହୋଇଥିଲେ । ରକ୍ତ ଦେବା ଅନ୍ୟର ଜୀବନ ବଂଚାଇବା, ରକ୍ତ ଦାନ ମହତ ଦାନ, ରକ୍ତ ଦାନ ରୋଗୀକୁ ଦିଏ ନୂଆ ଜୀବନ ସ୍ଲୋଗାନ ଦିଆଯାଇଥିଲା । ପରେ ଜୟପୁର ସ୍ଥିତ ଜିଲ ମୁଖ୍ୟ ଚିକିତ୍ସାଳୟରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଜିଲା ଚିକିତ୍ସାଳୟର ସୁପରିଟେଣ୍ଡେଂଟ ଡାକ୍ତର ଦିଲ୍ଲିପ ବିଶ୍ୱାଳ, ଡାକ୍ତର ସୂର୍ଯ୍ୟ ଶେଖର ମିଶ୍ର, ସ୍ୱେଚ୍ଛାସେବି ପ୍ରମୋଦ କୁମାର ରାଉଳ, ବ୍ଲଡବ୍ୟାଙ୍କର ଅଭୟ କୁମାର ପଣ୍ଡା, ଲାଛିଲ ଜାନି ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ୧୫ ଜଣ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା ।

# ବଲାଙ୍ଗୀର ଜିଲ୍ଲା ପୁରାତନ ମନ୍ଦିରର ଉନ୍ନତିକରଣ ଦାବି

ବଲାଙ୍ଗିର: ଦେବାଳୟ ସୁରକ୍ଷା କମିଟି ବଲାଙ୍ଗିର ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର କରାଯାଇଛି । ଐତିହ୍ୟ ସମ୍ପନ୍ନ ବଲାଙ୍ଗିର ଜିଲ୍ଲାର ପାଟଣା ରାଜ୍ୟର ଇଷ୍ଟଦେବୀ ମା ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ୧ କୋଟି ୧୨ ଲକ୍ଷ ଟଙ୍କା, ମା ସମଲେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ୩ କୋଟି ୧୫ ଲକ୍ଷ ୮୦ ହଜାର ଟଙ୍କା ଏବଂ ଗୋପାଳଜୀ ମନ୍ଦିର ପାଇଁ ୫ କୋଟି ୭୦ ଲକ୍ଷ ୭୨ ହଜାର ଟଙ୍କା, କୋଶଳ କଳାମଣ୍ଡଳ ଉନ୍ନତିକରଣ ପାଇଁ ୩ କୋଟି ୭୦ ଲକ୍ଷ ଏବଂ ୫୦୦ ବିଶିଷ୍ଟ ଅଡିଟରିୟମ ପୂର୍ବତନ ସରକାର ଜରିଆରେ ଅର୍ଥ ଅନୁଦାନ ବିଭିନ୍ନ ଉନ୍ନତି ସକାଶେ ଅର୍ଥ ଦେଢ ବର୍ଷରୁ ଉର୍ଦ୍ଧ୍ୱ ହେବ ପଡିରହିଛି । ଆସନ୍ତା ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଗସ୍ତ ଓ ଚାଷୀ ସମାବେଶ ଅବସରରେ ୪ ଗୋଟି ଦାବି ବଲାଙ୍ଗିର ଉଦ୍ଦେଶ୍ୟରେ ଆମର ଦାବି । ଓଡିଶା ଅସ୍ମିତାକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନତିକରଣ କରୁଥିବା ବେଳେ ବଲାଙ୍ଗିର ଜିଲ୍ଲାର ଐତିହ୍ୟ ବହନ କରୁଥିବା ରାଣିପୁର ଝରିଏଲରୁ ବିରଳ ଫଟୋଚିତ୍ର ଗାୟବ । ଜାତୀୟ ସଂଗ୍ରାହଳୟରେ କିଛି ଉଦ୍ଦେଶ୍ୟ କାରଣରୁ ଏହାକୁ କଢାଯାଇଛି, ଏହାକୁ ପୁନର୍ବାର ଲଗାଇବା ପାଇଁ ଦାବି । ବଲାଙ୍ଗିର ଲୋଇସିଂହା ନିର୍ବାଚନ ମଣ୍ଡଳି କୁଶଙ୍ଗାଇ ଦେବୀ ମନ୍ଦିର ଉନ୍ନତିକରଣ ପାଇଁ ୪ କୋଟି ଟଙ୍କା ଦାବି ଏବଂ ପର୍ଯ୍ୟଟନ ମାନ୍ୟତା ଦାବି । ସାଉନ୍ତପୁର ସାଉନ୍ତେଶ୍ୱରୀ ଦେବିଙ୍କ ମନ୍ଦିର ଉନ୍ନତିକରଣ ପାଇଁ ଅର୍ଥ ବରାଦ କରିବା ପାଇଁ ଦାବି ହୋଇଛି । ଗତ ୧୭ ତାରିଖ ଦିନ ଆୟୋଜିତ ହେଉଥିବା ଚାଷୀ ସମାବେଶରେ ଘୋଷଣା କରାଯାଉ ଯେ, ପୋନି ସୁଗରକୁ ପୁନଃଉଦ୍ଧାର କରାଯାଉ, କାରଣ ବଲାଙ୍ଗିର ଶିଳ୍ପ ବିହିନ ଥିବାରୁ ଏହି ପୋନି ସୁଗର ଚାଲିଲେ କୃଷକମାନେ ଉପକୃତ ହେବେ । ଐତିହ୍ୟ ବହନ କରୁଥିବା ସର୍ବପୁରାଣ ଜଳଗଞ୍ଜନ ପ୍ରେସକୁ ପୁନଃଉଦ୍ଧାର ଦାବି ଏବଂ ୧୭ ଗୋଟି ଜଳାଶୟକୁ ପୁନଃଉଦ୍ଧାର କରିବା ପାଇଁ ଦାବି ହୋଇଛି । ଦାବିପତ୍ର ପ୍ରଦାନ ସମୟରେ ଦେବାଳୟ ସୁରକ୍ଷା କମିଟିର ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ପ୍ରଶାନ୍ତ ମହାକୁର, ଶମ୍ଭୁ ଶତପଥି, ଆଲୋକ ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ, ଆଶୁତୋଷ ବାଗ ପ୍ରମୁଖ ସାମିଲ ଥିଲେ ।

# କାଟ୍ ଖାଇଲା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା

ନବରଙ୍ଗପୁର :ନବରଙ୍ଗପୁର ଜିଲା ରାଜନୀତିରେ ରୋଚକ ଦୃଶ୍ୟ । ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣି ଭୋଟିଂ ବେଳେ ଅନୁପସ୍ଥିତ ରହିଲେ ସରପଞ୍ଚ ଓ ସମିତି ସଭ୍ୟ । ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ କାଟ ଖାଇଲା ଅନାସ୍ଥା । ତେନ୍ତୁଳିଖୁଣ୍ଟି ବ୍ଲକ ଚେୟାରମ୍ୟାନ ନିଳେନ୍ଦ୍ରୀ ନାୟକଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବ କାଟ ଖାଇଲା । ଆଜି ଏନେଇ ଭୋଟିଂପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ପୂର୍ବରୁ ଅଧକ୍ଷାଙ୍କ କାର୍ଯ୍ୟକଳାପକୁ ବିରୋଧ କରି ବ୍ଲକର ୨୩ ଜଣ ସରପଞ୍ଚ ଓ ସମିତି ସଭ୍ୟ ମିଳିତ ଭାବେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଏନେଇ ବ୍ଲକ ସମ୍ମିଳନୀ କକ୍ଷରେ ନିର୍ବାଚନ ସ୍ଥାନ ହୋଇଥିଲା । କିନ୍ତୁ ନିର୍ବାଚନ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ ସମୟ ଅତିକ୍ରାନ୍ତ ପରେ ମଧ କୌଣସି ଜଣେ ମଧ ସମିତି ସଭ୍ୟ ଓ ସରପଞ୍ଚ ଭୋଟ ଦାନ ପାଇଁ ଆସିନଥିଲେ । ଯାହାଫଳରେ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା କାଟ ଖାଇଛି । ଯାହାଫଳରେ ବର୍ତ୍ତମାନର ଚେୟାରମ୍ୟାନ ନିଳେନ୍ଦ୍ରୀ ନାୟକ ନିଜ ପଦବୀ ବଜାୟ ରଖିଛନ୍ତି । ଏନେଇ ନିର୍ବାଚନ ଦାୟିତ୍ୱ ରେ ଥିବା ତେନ୍ତୁଳିଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ସୂଚନା ଦେଇଛନ୍ତି ।

# ରିଷିଡ଼ାରେ ପହଞ୍ଚିଲା ବିକାଶ ବାହନ ରଥ

ରିଷିଡ଼ା : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ରଥ ଶନିବାର ରିଷିଡ଼ାରେ ପହଞ୍ଚି ଥିଲା । ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ରଥକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଏଲ୍ ?ଇଡି ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ସରପଞ୍ଚ ସେବତୀ ରଣା ସଭାପତିତ୍ୱ କରିଥିବା ବେଳେ ନାଏକ ସରପଞ୍ଚ ନରେଶ ଦାଶ, ବନ ବିଭାଗର ସତ୍ୟଭାମା ନାଏକ ସାଇଚନ୍ଦନ ନାଏକ, ଟୁନୁ ଛତିଆ, ପଶୁସମ୍ପଦ ବିଭାଗର ସୁବଳୟା ମଞ୍ଜରୀ ବଳିୟାର ସିଂ, କୃଷି ବିଭାଗରୁ ପ୍ରିତିସ୍ୱିନୀ ରାଉତରାୟ, ସ୍ୱାସ୍ଥ୍ୟ ବିଭାଗରୁ ଜଟିଳା ମଞ୍ଜରୀ ଲେଙ୍କା, ଆଇସିଡିଏସ୍ ପକ୍ଷରୁ ସୁବ୍ରତ ରଣା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଜନସାଧାରଣ କିପରି ଏହାର ଲାଭ ଉଠାଇପାରିବେ ସେ ନେଇ ଅବଗତ କରିଥିଲେ । ପିଇଓ ଦେବରାଜ ରଣା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ନରୋତ୍ତମ ସେଲମା ସଭା ସଂଯୋଜନା କରିଥିଲେ । ମଞ୍ଚରେ ଭାଜପା ନେତା ସଞ୍ଜୟ ଜୈନ, ସିତାରାମ ରଣା ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ଗୃହ କାର୍ଯ୍ୟଦେଶ, ରାଶନ କାର୍ଡ, ଭତ୍ତା ଆଦି ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ

ସୁବର୍ଣ୍ଣପୁର, (ହି.ସ.)- ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସେମିନାର ହଲ ସୁବର୍ଣ୍ଣପୁର ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ-୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବର୍ଣ୍ଣପୁର ଡ଼ା. ପ୍ରଦୀପ କୁମାର ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ା. ଦୁର୍ଗା ଦତ ଦାସ ଓ ଅଧୀକ୍ଷକ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ସୋନପୁର ସ୍ଥିତ । ଶ୍ରୀ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରକ୍ତଦାନ କରିବା, ନୂଆଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣ ରକ୍ଷା କରିବା ଉପରେ ବିଷଦ ଭାବରେ ଆଲୋଚନା କରି ଆମେ ସମସ୍ତେ ସନ୍ତୁଳିତ ଖାଦ୍ୟ, ଉତମ ଜୀବନ ଶୈଳୀ, ନିଶାଯୁକ୍ତ ଖାଦ୍ୟରୁ ବିରତ ହୋଇ ଶାରୀରିକ ପରିଶ୍ରମ କରିବା, ଧୁମପାନରୁ ସମ୍ପୂର୍ଣ୍ଣ ମାତ୍ରାରେ ମୁକ୍ତ ରହିବା, ଯୋଗ ଓ ଧ୍ୟାନ ଅଭ୍ୟାସ କରିବା ଉପରେ ସମସ୍ତଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ଓ ସୁସ୍ଥ ସୁନ୍ଦର ସମାଜ ଗଠନ ସମ୍ଭବ ହୋଇପାରିବା ଉପରେ ବୁଝାଇ ଥିଲେ । ଆଜିର ଦିବସ ଅବସରରେ ୧୫ ଜଣ ବ୍ୟକ୍ତି ବିଶେଷ ରକ୍ତ ଦାନ କରିଛନ୍ତି । ଉକ୍ତ ସଭାରେ ବିଭିନ୍ନ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ କର୍ମକର୍ତ୍ତା ବୃନ୍ଦ, ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ର ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଜଗତ ଦରଓ୍ୱାନ ସହଯୋଗ କରିଥିଲେ । ଉକ୍ତ ସଭାରେ ଜୀବନ ଯାକ ମଧରେ ୫୨ ଥର ରକ୍ତଦାନ କରି ନୂତନ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇ ଥିବା ପୋଲିସ ହାବିଲଦାର ମନୋଜ ପଣ୍ଡା, ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବୁଢା ରଜା ୟୁଥ ଆସୋସିଏସନ ର ଶିବ ଶଙ୍କର ନାଏକ, ବରିଷ୍ଠ ସାମ୍ବାଦିକ ତଥା ସ୍ୱଚ୍ଛଭାରତ ସଂଗଠନର କୋର୍ଡ଼ିନେଟର ମନୋରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ନୂତନ ରକ୍ତଦାତାଙ୍କୁ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ । ଜିଲ୍ଲା ପୋଲିସ ଆସୋସିଏସନ ର ସଭାପତି ଦିନେଶ ମିଶ୍ର ମଧ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଳଗୁମରେ ରଜ ବାଦୀପାଲା ଆରମ୍ଭ

**ଭୁବନେଶ୍ୱର (ପିପିଏସ୍):** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଐତିହ୍ୟ ଗ୍ରାମ ଅଳଗୁମଠାରେ ପ୍ରତିବର୍ଷ ପରି ଚଳିତ ବର୍ଷର ରଜପର୍ବ ଅବସରରେ ବାଦୀ ପାଲା ଅନୁଷ୍ଠିତ ହେଉଛି। ପହଲି ରଜଠାରୁ ଆରମ୍ଭ ହୋଇଥିବା ଏହି ପାଲା ୪ଦିନ ଧରି ଅନୁଷ୍ଠିତ ହେବ। ଜଗତସିଂହପୁରର ପାଲା ଗାୟକ ନାରାୟଣ ମହାରଣା ଓ ଭୁଷଣ୍ଡପୁରରର ରବୀନ୍ଦ୍ର କୁମାର ସାମନ୍ତରାୟ ପାଲା ପରିବେଷଣ କରୁଛନ୍ତି। ଜାଗେଶ୍ୱରୀ ଦେଶ ପରିଚାଳନା କମିଟି ତଥା ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଗ୍ରାମର ଆରାଧ୍ୟା ଦେବୀ ମା' ଜାଗେଶ୍ୱରୀ ଓ ଶ୍ରୀଗଡିଶ୍ୱର ମହାଦେବଙ୍କ ବେଢ଼ା ମଧ୍ୟରେ ଥିବା ପାଲା ମଣ୍ଡପରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ପ୍ରଥମ ଦିନରୁ ଆଖପାଖ ଅଞ୍ଚଳର ବହୁ ପାଲା ତଥା ସଂସ୍କୃତିପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଛି।

# ସାନିଟାରୀ ଦୋକାନରୁ ଚୋରି

**ଭୁବନେଶ୍ୱର (ପିପିଏସ୍):** ସହିଦନଗର ଥାନା ପୋଷ୍ଟାଲ କଲୋନୀ ତାରିଣୀ ମନ୍ଦିର ନିକଟରେ ଥିବା ଏକ ସାନିଟାରୀ ଦୋକାନରୁ ଚୋରି ହୋଇଛି। ଦୋକାନୀ ମାଲିକ ସୁବ୍ରମନ୍ୟୁ ଦଳେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ୨ଲକ୍ଷରୁ ଅଧିକ ଟଙ୍କାର ସାନିଟାରୀ ସାମଗ୍ରୀ ଚୋରି ହୋଇଛି। ସୁବ୍ରମନ୍ୟୁ କୌଣସି କାମରେ ଗାଁକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଦୋକାନରୁ ଚୋରି କରିଥିଲେ। ସେ ଗାଁରୁ ଫେରିବା ପରେ ଦୋକାନରୁ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି।

# ମଶାଲ ପକ୍ଷରୁ ରଜ ମହୋତ୍ସବ

**ଭୁବନେଶ୍ୱର (ପିପିଏସ୍):** 'ମଶାଲ' ଅନୁଷ୍ଠାନ ପକ୍ଷରୁ ୨୫ ତମ ରାଜ୍ୟସ୍ତରୀୟ ରଜ ମହୋତ୍ସବ ଉତ୍କଳ ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରଜ ଦୋଳି ଓ ପାନ ସାଙ୍ଗକୁ ମୁଖ୍ୟ ଆକର୍ଷଣ ପାଲଟିଥିଲା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ। ଇଜେଡସିସି କୋଲକତା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାଦ୍ୟ ମେଳା, ପାନ ଷ୍ଟଲ, ଦୋଳି, ପିଠା, ପଣାର ସମ୍ଭାର ଦେଖିବାକୁ ମିଳିଥିଲା। ପ୍ରଥମ ପର୍ଯ୍ୟାୟକୁ ସମାଜସେବୀ ପବିତ୍ର କୁମାର ରାଉତରାୟ ଉଦ୍‌ଘାଟନ କରିବା ପରେ ଓଡ଼ିଶାରେ ବୌଦ୍ଧ ସ୍ଥଳୀଗୁଡ଼ିକ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହା ସାଙ୍ଗକୁ କଣ୍ଢେଇ ନାଚ, ଘୋଡ଼ା ନାଚ, ଶ୍ରେଷ୍ଠ ଓଡ଼ିଆଣୀ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳା ସାମାଜିକ କର୍ମୀ ଶୁଭସ୍ମିତା ପଣ୍ଡାଙ୍କୁ ମଶାଲ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ନୃତ୍ୟ-ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଓଡ଼ିଆ ଭୋକାଲିଷ୍ଟ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଚଳଚ୍ଚିତ୍ର ନିର୍ମାତା ଶ୍ରୀକାନ୍ତ ଗୌତମ, ଅଭିନେତା କୁନା ତ୍ରିପାଠୀ, ହରିହର ମହାପାତ୍ର, ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗ ଦେଇଥିଲେ। ମଶାଲ'ର ସଭ୍ୟ ସଚିବ ଶ୍ୟାମ ସୁନ୍ଦର ପାଢ଼ୀଙ୍କ ସଭାରେ ଅଧକ୍ଷତାରେ କରିଥିବାବେଳେ ନିର୍ଦ୍ଦେଶକ ସନ୍ଦୀପ କୁମାର ରଥ ଧନ୍ୟବାଦ ଦେଇଥିଲେ।

# ବନ୍ଧୁକ ମୁନରେ ଡକାୟତି ଉଦ୍ୟମ ପଣ୍ଡ



**ଭୁବନେଶ୍ୱର (ପିପିଏସ୍):** ବନ୍ଧୁକ ମୁନରେ ଡକାୟତି ଯୋଜନାକୁ ପଣ୍ଡ କରିଛି ନନ୍ଦନକାନନ ଥାନା ପୁଲିସ। କଲ୍ୟାଣପୁର ଗାଁ ବାହାର ପଟରେ ଥିବା ପରିତ୍ୟକ୍ତ ସ୍ଥାନରୁ ୬ ଜଣଙ୍କୁ ଗିରଫ। ଗିରଫ ଅଭିଯୁକ୍ତମାନେ ହେଲେ କଲ୍ୟାଣପୁରର ସୁଶାନ୍ତ କୁମାର ସାହୁ ଓରଫ ଗଣେଶ (୩୪), ସନ୍ତୋଷ ବେହେରା ଓରଫ ସନ୍ତୁ (୩୨), ଜିତେନ୍ଦ୍ର ସାହୁ ଓରଫ ଜିତୁ (୩୫), ମନୋଜ ସାହୁ ଓରଫ ମୁନା (୨୮), ପ୍ରତାପ ସାହୁ (୪୫) ଓ ଫତେଗଡ଼ ଥାନା ଖାଣପୁରର ଗଣେଶ ଜେନା (୨୩)। ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ମଧ୍ୟରାତ୍ରିରେ ନନ୍ଦନକାନନ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ କଲ୍ୟାଣପୁର ଅଞ୍ଚଳରେ ଡକାୟତି ଯୋଜନା ଚାଲିଥିବା ଖବର ମିଳିଥିଲା। ଥାନାର ଏକ ସତନ୍ତ୍ର ଟିମ୍ କଲ୍ୟାଣପୁର ଗାଁ ବାହାର ପଟରେ ଥିବା ଏକ ପରିତ୍ୟକ୍ତ ସ୍ଥାନରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ସେଠାରେ ଡକାୟତି ଯୋଜନା କରୁଥିବା ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ୬ ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ଖଣ୍ଡା, କଟୁରି, ଲୁହା ଛଡ଼, ଗୋଟା ସ୍କୋପିଓ, ଦୁଇଟି ବାଇକ ଓ ୬ଟି ମୋବାଇଲ ଫୋନ ଜବତ କରିଥିଲା। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ସେମାନେ କଲ୍ୟାଣପୁର ଗାଁର ଏକ ଘରୁ ଡକାୟତି କରିବାକୁ ଯୋଜନା କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ପୁଲିସ ନିଜଆଡୁ ମାମଲା ରୁଜୁ କରି ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଦେଶୀ ବନ୍ଧୁକ ସେମାନେ କେଉଁଠାରୁ ଆଣିଲେ ସେନେଇ ପୁଲିସ ଖୋଳତାଡ଼ ଜାରି ରଖିଛି। ନନ୍ଦନକାନନ ଥାନାରେ ପୂର୍ବରୁ ସୁଶାନ୍ତ ନାଁରେ ୪ଟି ଓ ପ୍ରତାପ ନାଁରେ ୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ସ୍ନେହ ପକ୍ଷରୁ 'ରଜ ଉତ୍ସବ-୨୦୨୫'



**ଭୁବନେଶ୍ୱର (ପିପିଏସ୍):** ସୋସାଇଟି ଫର ନେଚର, ଏଜୁକେଶନ ଏଣ୍ଡ ହେଲ୍ଥ ବା ସ୍ନେହ ଅନୁଷ୍ଠାନ ପକ୍ଷରୁ ସାଲିଆସାହି ବସ୍ତିରେ 'ରଜ ଉତ୍ସବ-୨୦୨୫' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଲିଆସାହି ବସ୍ତିର ପ୍ରାୟ ୨୦୦ କିଶୋର କିଶୋରୀ ଏବଂ ମହିଳା ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମଟି ବର୍ଷରେ ବସ୍ତିରେ ବାସକରୁଥିବା ଯୁବତୀ ଏବଂ ମହିଳାମାନଙ୍କର ଲୁକ୍କାୟିତ ପ୍ରତିଭା ଏବଂ ଆତ୍ମବିଶ୍ୱାସ ବିକାଶ ଲକ୍ଷ୍ୟ ନେଇ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ସିନେତାରକା ଉଷସୀ ମିଶ୍ର, ଦିପା ମିଶ୍ର, ଏନ୍ କି ରେଡି, ସାମାଜିକ କର୍ମୀ ଏବଂ କର୍ପୋରେଟର ଯୋଗଦେଇଥିଲେ। ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଯଥା - ପିଠା ତିଆରି, ରଜ ସଜବାଜ, ମେହେନ୍ଦି, ପ୍ରଶ୍ନ, ଡମସର ଆର୍ଟ ଆଦିର ଆୟୋଜନ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ମୁଖର କରିଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଖେଳାଳିମାନଙ୍କୁ ସ୍ନେହ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସଭାନେତ୍ରୀ ସୁବର୍ଣ୍ଣା ଘୋଷ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବଡ଼ରଘୁନାଥପୁର ଅଞ୍ଚଳରେ ରଜ ମଉଜ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ, ବଡ଼ରଘୁନାଥପୁର, ମଦନପୁର, ମେଖାଶାଳା, କାଇମାଟିଆ ଜାଗସାରା, ପାଇକରାପୁର ଆଦି ଅଞ୍ଚଳରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଁ ଗାଁରେ ଦୋଳି ଝୁଲା ସହ ପିଠାପଣାର ଆସର ଦେଖିବାକୁ ମିଳିଥିଲା। ମଦନପୁର ଠାରେ ଅନୁଷ୍ଠିତ ରଜ ଉତ୍ସବରେ ଦୋଳି ସାଙ୍ଗକୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇ ଝିଅ ଓ ବୋହୂଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ରଜ ପଡ଼ିଆରେ ମୀନାବଜାର ସାଙ୍ଗକୁ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ତେବେ ବଡ଼ରଘୁନାଥପୁର ଅଞ୍ଚଳରେ ଥିବା ବିଦ୍ୟାବିହାରରେ ଅନେକ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ଥିବାରୁ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନେ ରଜର ମଜା ନେଇଥିଲେ।

# ବାଇକ୍ ଚୋରି ଗ୍ୟାଙ୍ଗ୍‌ର ୫ ଗିରଫ; ୧୧ ଗାଡ଼ି ଜବତ



**ଭୁବନେଶ୍ୱର (ପିପିଏସ୍):** ୫ଜଣ ବାଇକ୍ ଚୋରଙ୍କୁ କାବୁ କରିଛି ତମାଣ୍ଡୋ ଥାନା ପୁଲିସ। ଗୋଟିଏ ବାଇକ୍ ଚୋରି ମାମଲାର ତଦନ୍ତ କରୁଥିବା ପୁଲିସ ଏହି ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଗାଡ଼ି ଚୋରିକରି ରାଜଧାନୀରେ ଆତଙ୍କ ରଚିଥିବା ଗ୍ୟାଙ୍ଗର ୫ ଜଣଙ୍କୁ ଧରିବା ସହ ବହୁ ତଥ୍ୟ ସେମାନଙ୍କଠାରୁ ହାସଲ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଏମ୍‌ସ ନଗରର ମନୀଷ ପଟ୍ଟନାୟକ (୨୧), ରାଜ ସୁନାଖଳାର ବାବୁରାଓ ଆଚାର୍ଯ୍ୟ (୨୪), ପାତ୍ରପଡ଼ା କ୍ରିଷ୍ଣା ବିହାରର ସନ୍ତୋଷ କୁମାର ବେହେରା (୨୨), କଲ୍ୟାଣୀ ନଗରର ସଚ୍ଚିନ ଗୌଡ଼ (୨୩) ଓ ବାଲିଆପଡ଼ାର ବିଜନ କୁମାର ସାଇଁ (୩୧)। ପୁଲିସ ସୂଚନା ଅନୁସାରେ, ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ରହୁଥିବା ସନ୍ତୋଷ କୁମାର ସାହୁ ଗତ ଗୁରୁବାର କଳିଙ୍ଗନଗର ହାଟ ନିକଟରେ ଗାଡ଼ି ପାର୍କିଂ କରି କିଣାକିଣି କରୁଥିଲେ। ସେହି ସମୟରେ ମନୀଷ ଓ ବାବୁରାଓ ତାଙ୍କ ଗାଡ଼ିକୁ ଚୋରିକରି ନେଇଥିଲେ। ଶୁକ୍ରବାର ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ କରିଥିଲା ପୁଲିସ। ପ୍ରଥମେ ମନୀଷ ଓ ପରେ ବାବୁରାଓକୁ ଉଠାଇ ଆଣିବା ସହିତ ସନ୍ତୋଷଙ୍କ ବାଇକ୍ ଜବତ କରିଥିଲା। ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। କମ୍ପ୍ୟୁଟର ସାଇନ୍ସରେ ଡିପ୍ଲୋମା କରିଥିବା ମନୀଷ ଚୋରିରେ ଏକପ୍ରକାର ପିଜି କରିଥିଲା ବୋଲି କୁହାଯାଇପାରେ। ଆଖି ପିଛୁଳାକେ ହାଣ୍ଡଲ୍ ଲକ୍ ଭାଙ୍ଗି ବୁଲେଟ ଚୋରି କରି ନେଉଥିଲା। ବୁଲେଟ ଭଳି ଦାମୀ ବାଇକ୍‌କୁ ମାତ୍ର ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲା। ପୁଲିସ ସେମାନଙ୍କୁ ଧରି ବିଭିନ୍ନ ଇନଫୋଭ୍ୟାଲି ଓ ଚନ୍ଦକା ଥାନା ଅଞ୍ଚଳରେ ଚଢ଼ଉ କରିଥିଲା। ମନୀଷ ହେପାଜତରୁ ୪ଟି ଓ ବାବୁରାଓଙ୍କ ହେପାଜତରୁ ୪ଟି ଚୋରି ଗାଡ଼ି ଜବତ କରିଥିଲା। ତେବେ କେବଳ ଭୁବନେଶ୍ୱର ନୁହେଁ, ବରଂ ପିପିଲି ଥାନା ଅଞ୍ଚଳରୁ ମଧ ଗାଡ଼ି ଚୋରି କରିଥିବା ପୁଲିସ ଜାଣିବାକୁ ପାଇଥିଲା। ତଦନ୍ତ ବେଳେ ୩ ଜଣ ରିସିଭରଙ୍କ ନାଁ ମଧ ସାମ୍ନାକୁ ଆସିଥିଲା। ରିସିଭର ସନ୍ତୋଷ, ସଚ୍ଚିନ ଓ ବିଜନଙ୍କୁ ତିନୋଟି ଚୋରି ବୁଲେଟ ଜବତ କରିଥିଲା। ୫ ଅଭିଯୁକ୍ତଙ୍କ ଠାରୁ ୬ଟି ବୁଲେଟ ସମେତ ୧୧ଟି ବାଇକ୍ ଜବତ କରିଥିଲା। ମନୀଷ ଓ ବାବୁରାଓ ପୂର୍ବରୁ ଶ୍ରୀ ଲିଙ୍ଗରାଜ, ମୈତ୍ରୀ ବିହାର ଓ ପିପିଲି ଥାନାର ୩ଟି ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେହିପରି ବିଜନ ନାମରେ ମଧ ପୂର୍ବରୁ ତମାଣ୍ଡୋ ଥାନାରେ ୫ଟି ମାମଲା ରହିଛି।

# ଦାଦାବଟି ପାଇଁ ଆକ୍ରମଣ

**ଭୁବନେଶ୍ୱର (ପିପିଏସ୍):** ଦାଦାବଟିକୁ କେନ୍ଦ୍ରକରି ଧଉଳି ଥାନା ଅଞ୍ଚଳରେ କାଚ୍ ବୋତଲରେ ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଥିବା ବେଳେ ଏହି ଘଟଣାରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ଶିଶୁପାଳଗଡ଼ ଅଞ୍ଚଳର ଉତ୍ତମ ଓରଫ ଚନ୍ଦନ ମହାପାତ୍ର(୨୭)। ସେହିପରି ଆହତ ହେଲେ ଅଭିଯୋଗକାରୀ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ତାଙ୍କ କର୍ମଚାରୀ ଶିବପ୍ରସାଦ ସେଠି। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପୁଲିସର କହିବାନୁଯାୟୀ ସ୍ୱପ୍ନେଶ୍ୱରଙ୍କ ଉକ୍ତ ଥାନା ଅଧୀନ ଲିଙ୍ଗିପୁର ଛକରେ ଏକ ପୁରୁଣା ବାଇକ ସୋରୁମ ଅଛି। ଶୁକ୍ରବାର ରାତିରେ ସେ ସୋରୁମ ବନ୍ଦ କରି ସ୍ୱପ୍ନେଶ୍ୱର କାର ଯୋଗେଁ ନିଜ ଗ୍ରାମ ବାଲିପାଟଣା ଥାନା ବିଶ୍ୱନାଥପୁରକୁ ବାହାରିବା ସମୟରେ ଶିଶୁପାଳଗଡ଼ ଅଞ୍ଚଳର ହାପି ଭୋଇ ଓ ଉତ୍ତମ ମହାପାତ୍ର ଆସି କାରକୁ ଅଟକାଇ ଗାଳିଗୁଲଜ କରିଥିଲେ। ଏଥିସହ ସେମାନେ ସ୍ୱପ୍ନେଶ୍ୱରଙ୍କୁ କାର୍ ଭିତରୁ ବାହାର କରି କାଚ୍ ବୋତଲରେ ମୁଣ୍ଡକୁ ସେମାନେ ଆକ୍ରମଣ କରିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ସୋରୁମ କର୍ମଚାରୀ ଶିବ ପ୍ରସାଦ ଆସି ସେମାନଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ସ୍ୱପ୍ନେଶ୍ୱର ଓ ଶିବପ୍ରସାଦ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ସେଠାରେ ପଡ଼ିଥିବା ବେଳେ ରାତି ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ଉଭୟଙ୍କୁ ଉଦ୍ଧାର କରି ବାଳକାଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଦୁଇ ବନ୍ଧୁଙ୍କୁ ଖଣ୍ଡାରେ ହାଣି ୪ ଗିରଫ



**ଭୁବନେଶ୍ୱର (ପିପିଏସ୍):** ଦୁଇ ବନ୍ଧୁଙ୍କୁ ରାସ୍ତାରେ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁବାସ ନଗର ବସ୍ତିର ଗୌର ମହାପାତ୍ର (୨୦), କିଡ୍‌ସ ହସ୍ପିଟାଲ ନିକଟରେ ରହୁଥିବା ରଞ୍ଜିତ ପ୍ରଧାନ ଓରଫ୍ ମାଟି (୨୦), ରଘୁନାଥ ନଗରର ଗୁଣ୍ଡିଚ୍ ନାୟକ (୨୦) ଓ କସ୍‌ମୋପଲିସ୍ ମଙ୍ଗଳା ବସ୍ତିର ରାଜେଶ ସାଇଁ (୨୧)। ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ଣରେ ଅଲେଖ ମହାରଣା ଓ ବନ୍ଧୁ ସୋମନାଥ ଓଝା କାମରୁ ଫେରୁଥିବାବେଳେ ସୁବାସ ନଗର ବସ୍ତିର ହନୁମାନ ମନ୍ଦିର ନିକଟରେ ଗୌର, ମାଟି, ଗୁଣ୍ଡିଚ୍ ଓ ରାଜେଶ ମିଶି ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହିତ ଅଲେଖଙ୍କ ମୁଣ୍ଡକୁ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ସୋମନାଥ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇଥିଲେ। ଘଟଣାସ୍ଥଳ ଛାଡ଼ିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ପଛେ ପଛେ ଯାଇ ଖଣ୍ଡାରେ ସୋମନାଥଙ୍କୁ ହାଣିଥିଲେ। ଫଳରେ ତାଙ୍କ ହାତରେ ଆଘାତ ଲାଗିଥିଲା। ଅଲେଖଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ହେପାଜତରୁ ଗୋଟିଏ ତେଲେଙ୍ଗା କଟୁରି, ଗୋଟିଏ ଲୁହାଛଡ଼ ଓ ଗୋଟିଏ ଚ଼ାପଡ଼ ଜବତ କରିଥିଲା।

# ୯ ଲକ୍ଷ ନେଇଗଲେ ସାଇବର ଠକ

**ଭୁବନେଶ୍ୱର (ପିପିଏସ୍):** ଆଜିକାଲି ଅଧିକାଂଶ ସୋସିଆଲ ମିଡ଼ିଆରେ ଆକ୍ଟିଭ। ଟିକେ ସମୟ ପାଇଲେ ସେମାନେ ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, ଏକ୍ସ ଏବଂ ଅନ୍ୟାନ୍ୟ ଆପ୍‌ରେ ସମୟ ଅତିବାହିତ କରୁଛନ୍ତି। କିନ୍ତୁ ଏହାର ଫାଇଦା ନେଉଛନ୍ତି ସାଇବର୍ ଠକ। ଏହିଭଳି ଜଣେ ସୁନ୍ଦରୀ ମହିଳାଙ୍କ ଫଟୋ ଲଗାଇ ଜଣେ ଯୁବକଙ୍କ ଠାରୁ ୮ ଲକ୍ଷ ଠକି ନେଇଛନ୍ତି ସାଇବର ଠକ। ଠକାମିର ଶିକାର ହୋଇଥିବା ବ୍ୟକ୍ତି ସାଇବର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଠକ ପ୍ରଥମେ ଠକ ଫେସ୍‌ବୁକ୍‌ରେ ଫେକ୍ ଆକାଉଣ୍ଟ ଖୋଲି ଜଣେ ମହିଳାଙ୍କ ଫଟୋ ଲଗାଇଥିଲେ। ପରେ ବିନୋଦ ନାମକ ଜଣେ ଯୁବକଙ୍କ ନିକଟରେ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଏହାକୁ ବିନୋଦ ଗ୍ରହଣ କରିବା ପରେ ଠକ ତାଙ୍କ ସହ ଚାଟିଂ କରିଥିଲେ। କିଛି ଦିନର ବନ୍ଧୁତ୍ୱ ପରେ ନିଜର ଦାରିଦ୍ର୍ୟ ଓ ସ୍ୱାସ୍ଥ୍ୟଗତ ଅସୁବିଧା ଜଣାଇ ଟଙ୍କା ମାଗି ନେଉଛନ୍ତି। ହେଲେ ଫେରାଇବା ବେଳକୁ ଫସେଇ ଦେବାକୁ ଧମକ ଦେଇଥିଲେ। ଭୟରେ ଆସି ବିନୋଦ ସାଇବର ଥାନାରେ ଅଭିଯୋଗ କରି ନ ଥିଲେ।

# ସୁନାଗହଣା, ଟଙ୍କା ନେଇଗଲେ ଚୋର

**ଭୁବନେଶ୍ୱର (ପିପିଏସ୍):** ରାଜାରାଣୀ କଲୋନୀର ଏକ ଘରେ କଳାକନା ବୁଲାଇଛନ୍ତି ମହିଳା। ପରିବାର ଲୋକ ଗୋଟିଏ ରୁମରେ ଥିବାବେଳେ ଅନ୍ୟ ରୁମରୁ ସୁନାଗହଣା ଓ ଟଙ୍କା ଚୋରି କରି ନେଇଛନ୍ତି। ଏନେଇ ସ୍ୱାଗତ ପତି ବଡ଼ଗଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସ୍ୱାଗତ ଓ ତାଙ୍କ ପରିବାର ରାଜାରାଣୀ କଲୋନୀ ପ୍ଲଟ ନଂ - ୧୪ ରେ ରୁହନ୍ତି। ଗତ ଗୁରୁବାର ଦ୍ୱିପହର ସମୟରେ ଖୋଲା ଥିବା ମୁଖ୍ୟ ଦ୍ୱାର ଦେଇ ଜଣେ ମହିଳା ଘର ଭିତରେ ପଶିଥିଲେ। ଗୋଟିଏ ରୁମରେ ତାଙ୍କ ପତ୍ନୀ ଅନ୍ୟ ରୁମରେ ଥିବାବେଳେ ମହିଳା ଜଣକ ଅନ୍ୟ ରୁମକୁ ଯାଇଥିଲେ। ସେହି ଘରେ ଥିବା ସୁନା ରୁପା ଗହଣା ଓ ୭୫ ହଜାର ଟଙ୍କା ଚୋରି କରି ନେଇଥିଲେ। ଏସବୁ କଳା କାରନାମା ଘରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜରେ କଏଦ ହୋଇଛି। ଏନେଇ ସ୍ୱାଗତ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିଥିଲେ ମଧ ଏପର୍ଯ୍ୟନ୍ତ କାହାରିକୁ ଠାବ କରିପାରିନାହିଁ।

ପୁରୁଣା କାର୍ ବିକ୍ରି ଆଳରେ ଠକେଇ (ଫ)

ଭୁବନେଶ୍ୱର, ୧୪।୬ (ସମିସ): ପୁରୁଣା କାର ବିକ୍ରି ନାଁରେ ୮୬ ହଜାର ଟଙ୍କା ଠକି ନେଇଥିବା ଠକକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଶରଣା ଗାଁର ଚନ୍ଦନ କୁମାର ବେଉରା (୩୮)। ପୁଲିସ ସୂଚନା ଅନୁସାରେ, ସଦାଶିବ ମହାପାତ୍ର ୨୦୨୩ ମାର୍ଚ୍ଚ ମାସରେ ଏକ ସେକେଣ୍ଡ-ହ୍ୟାଣ୍ଡ କାର କିଣିବା ପାଇଁ ଚନ୍ଦନ ସହିତ ଯୋଗାଯୋଗ କରିଥିଲେ। ସଦାଶିବ ତା' କଥାରେ ବିଶ୍ୱାସ କରି ସେହିବର୍ଷ ଏପ୍ରିଲ ମାସ ଠାରୁ ୨୦୨୪ ଜାନୁୟାରୀ ମଧରେ ଚନ୍ଦନକୁ ମୋଟ ୮୬ ହଜାର ୨୦୦ ଟଙ୍କା ଦେଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଚନ୍ଦନ ଗାଡ଼ି ଦେଇ ନ ଥିଲା କି ଟଙ୍କା ମଧ ଫେରାଇ ନ ଥିଲା। ପ୍ରାୟ ଏକ ବର୍ଷରୁ ଅଧିକ ସମୟ ଧରି ଫେରାର ହୋଇଯାଇଥିଲା। ସଦାଶିବଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି କଳ୍ପନା ଫ୍ଲାଟ୍ ଅଞ୍ଚଳରେ ଚଢ଼ଉ କରି ଚନ୍ଦନକୁ ଗିରଫ କରିଥିଲା। ପୂର୍ବରୁ ତା' ନାମରେ ଲକ୍ଷ୍ମୀସାଗର ଓ ମହିଳା ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳୁ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦାବି ଜୋରଦାର ହେବାରେ ଲାଗିଛି। ଓଡ଼ିଶାରୁ ଆରମ୍ଭ ହୋଇଥିବା ଏହି କଳା ଏବେ ଆଉ ଓଡିଶା କିମ୍ବା ଭାରତ ଭିତରେ ସୀମିତ ହୋଇ ନାହିଁ। ହେଲେ ଓଡ଼ିଶୀ ସଙ୍ଗୀତକୁ ଏହି ଶାସ୍ତ୍ରୀୟ ମାନ୍ୟତା ଏଯାଏଁ ମିଳିପାରି ନାହିଁ। ଏନେଇ ରାଜ୍ୟର ଅନେକ ସଙ୍ଗୀତଜ୍ଞ, କଳାକାର, ନୃତ୍ୟଶିଳ୍ପୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଦାବି ହେଉଥିବାବେଳେ ଅନ୍ୟପଟେ ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଶୀ ସଙ୍ଗୀତ ଶିଖିବାକୁ ଅଧିକ ଆଗ୍ରହ ପରିଲକ୍ଷିତ ହେଉଛି। ଓଡ଼ିଶୀ ନୃତ୍ୟର ପ୍ରମୁଖ ଉପାଦାନ ହେଉଛି ଓଡ଼ିଶୀ ସଙ୍ଗୀତ। ବହୁ ଭାଷାର ସଙ୍ଗୀତ ତୁଳନାରେ ଓଡିଶୀ ସଙ୍ଗୀତ ଢେର ପୁରୁଣା ଏବଂ ଏହାର ସତନ୍ତ୍ର ମର୍ଯ୍ୟାଦା ଓ ଆଦର ମଧ ରହିଆସିଛି। ଯେଉଁଥିରେ ରାଗ ସଙ୍ଗୀତ, ଛାନ୍ଦ, ଚମ୍ପୂ, ଭଜନ, ଜଣାଣ, ନାଟ୍ୟାଙ୍ଗ, ଧ୍ରୁବ ପଦାଙ୍ଗ ଆଦି ଅନ୍ତର୍ଭୁକ୍ତ। ଅନ୍ତର୍ଜାତୀୟସ୍ତରରେ ଓଡିଶୀ ନୃତ୍ୟ ପ୍ରଶଂସିତ ହେଉଥିବାବେଳେ ଓଡିଶୀ ସଂଗୀତକୁ ଏବେ ଶାସ୍ତ୍ରୀୟ ମାନ୍ୟତା ଦେବ ପାଇଁ ବର୍ଷ ବର୍ଷ ଧରି ଦାବି ହୋଇଆସୁଛି। ଅନ୍ୟପଟେ ଯୁବପିଢ଼ିଙ୍କ ମଧ୍ୟରେ ଏହି ନୃତ୍ୟ ସହ ସଂଗୀତ ପ୍ରତି ମଧ୍ୟ ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ପୂର୍ବ ଅପେକ୍ଷା ଓଡ଼ିଶୀ ସଂଗୀତ ପାଠ୍ୟକ୍ରମରେ ପିଲାଙ୍କ ସଂଖ୍ୟା ବଢିବା ସହ ଯୁବ ପିଢି ମଧ୍ୟ ଏ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଥିବା ନଜରକୁ ଆସୁଛି। ସେ ନେଇ ରାଜଧାନୀରେ ୧୫ରୁ ଅଧିକ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ଖୋଲିଲାଣି। ଯେଉଁଠି ପିଲାଙ୍କୁ ଓଡିଶୀ ସଙ୍ଗୀତ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ଖୋଲିଲାଣି। ସେହପରି ସରକାରୀସ୍ତରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସଂଗୀତ ମହାବିଦ୍ୟାଳୟ ରହିଛି। ଯେଉଁଠି ଦୁଇ ଶହରୁ ତିନି ଶହ ପାଖାପାଖି ପିଲା ପ୍ରତି ବର୍ଷ ଏହି ପାଠ୍ୟକ୍ରମରେ ନାମ ଲେଖାଉଛନ୍ତି। କେବଳ ରାଜଧାନୀ ନୁହଁ ବରଂ ପୁରା ରାଜ୍ୟରୁ ବିଭିନ୍ନ ଜିଲ୍ଲାରୁ ଆସି ପିଲା ଏହି ବିଭାଗରେ ନାମ ଲେଖାଉଛନ୍ତି। ଫଳରେ ଆଗ ଅପେକ୍ଷା ଏହି ବିଭାଗରେ ସଂଖ୍ୟା ବଢିଥିବା ଦେଖିବାକୁ ମିଳୁଛି। ଅଭିଜ୍ଞ ଶିକ୍ଷକ ତଥା ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ କହିବାନୁଯାୟୀ ପୂର୍ବରୁ ଏଥିରେ ସୁଯୋଗ କମ ରହୁଥିଲା। ଯେଉଁଠି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା ଓଡ଼ିଶୀ ନୃତ୍ୟ ପରିବେଷଣ ଅନୁଯାୟୀ ସଙ୍ଗୀତ ମଧ୍ୟ ପରିବେଷଣ ହେଉଥିଲା। ହେଲେ ଆଗ ଅପେକ୍ଷା ଏବେ ଏଥିରେ ନିଯୁକ୍ତିର ସୁଯୋଗ ମଧ୍ୟ ବଢିଛି। ବିଭିନ୍ନ ସମୟରେ ହେଉଥିବା ସରକାରୀ କାର୍ଯ୍ୟକ୍ରମ, କଲେଜ ଏବଂ ସ୍କୁଲରେ ନିଯୁକ୍ତି, ସଭା ସମିତି ଆଦିରେ ନୃତ୍ୟ ପରିବେଷଣ ସାଙ୍ଗକୁ ସଂଗୀତ ମଧ୍ୟ ଆଦର ପାଉଛି। କେବଳ ସେତିକି ନୁହଁ ବାହାର ଦେଶରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଓ ସଂଗୀତ ପରିବେଷଣ ଯୁବଗୋଷ୍ଠୀକୁ ଏ ଦିଗରେ ଆସିବାକୁ ପ୍ରେରଣା ଦେଉଛି। ଏନେଇ ଉତ୍କଳ ସଂଗୀତ ମହାବିଦ୍ୟାଳୟ ପ୍ରଫେସର ପ୍ରମୋଦ ସାହୁ କୁହନ୍ତି, ଓଡ଼ିଶୀ ନୃତ୍ୟ ଯେତିକି ଗୁରୁତ୍ୱ ରହିଛି ଓଡ଼ିଶୀ ସଙ୍ଗୀତର ପ୍ରାଧାନ୍ୟ ରହିଛି। ହେଲେ ଦୁଃଖର ବିଷୟ କି ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲେ ହେଁ ଓଡ଼ିଶୀ ସଂଗୀତକୁ ଏଯାଏଁ ମାନ୍ୟତା ମିଳିମାରିଲା ନାହିଁ।

# ବିମାନବନ୍ଦର ପାଖରୁ ହଟିବ ବେଆଇନ୍ କୋଠା




**ଭୁବନେଶ୍ୱର (ପିପିଏସ୍):** ଏୟାରପୋର୍ଟ ଅଞ୍ଚଳରୁ ଭାଙ୍ଗିବ ବେଆଇନ୍ କୋଠା। କଟାଯିବ ବଡ଼ବଡ଼ ଗଛ। ବିମାନ ଚଳାଚଳର ସୁରକ୍ଷା ଦିଗରେ ଯାହା ବି କିଛି ବାଧା ଉପୁଜୁଛି ସେସବୁକୁ ହଟାଇ ଦିଆଯିବ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦର ସୁରକ୍ଷା ଦୃଷ୍ଟିରୁ ଏଭଳି କରାଯିବ। ଏୟାରପୋର୍ଟ ଅଥରିଟିଙ୍କ ପକ୍ଷରୁ ଏସମ୍ପର୍କିତ ଏକ ସର୍ଭେ କରାଯାଇଛି। ଏହି ସର୍ଭେରେ ବିମାନ ଚଳାଚଳ ପାଇଁ ସୃଷ୍ଟି ହେଉଥିବା ବିପଦର ଆକଳନ କରାଯାଇଛି। ଏହାପରେ ବିଏମ୍‌ସି କମିସନରଙ୍କୁ ବେଆଇନ୍ ଅଟ୍ଟାଳିକା ଏବଂ ପାଖାପାଖି ଥିବା ବଡ଼ ଗଛ ସମ୍ପର୍କରେ ଅବଗତ କରାଯିବ। ଆଗାମୀ ଦିନରେ ଏହାକୁ ହଟାଇବାକୁ ନେଇ ବିଏମ୍‌ସିକୁ ଚିଠି ଲେଖାଯିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି। ସେହିପରି ନଡ଼ିଆ ଚାରା ଫାର୍ମ ସମ୍ପର୍କରେ ଓୟୁଏଟି କର୍ତ୍ତୃପକ୍ଷଙ୍କ ସହ ମଧ ଆଲୋଚନା କରାଯାଇଛି। ଅନ୍ୟପକ୍ଷରେ ଅହମଦାବାଦ ବିମାନ ଦୁର୍ଘଟଣା ପରେ ଚେଇଁ ଉଠିଛି ଡିଜିସିଏ। ବିମାନବନ୍ଦର ସୁରକ୍ଷା ଏବଂ ବିମାନ ଦୁର୍ଘଟଣା ପରେ ମୁକାବିଲା କିଭଳି ଭାବେ ହୋଇପାରିବ ସେ ନେଇ ପ୍ରସ୍ତୁତ ରହିବାକୁ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ପ୍ରସ୍ତୁତ ରହିବାକୁ ଡିଜିସିଏ ପକ୍ଷରୁ କୁହାଯାଇଛି। ଆଗାମୀ ଜୁନ୍ ୩୦ ତାରିଖରେ ଭୁବନେଶ୍ୱର ବିମାନ ବନ୍ଦର ପରିସରରେ ଏକ ଅଭ୍ୟାସ କରାଯିବ। ବିମାନ ଦୁର୍ଘଟଣାର ଆଶଙ୍କାକୁ ଅନୁଧ୍ୟାନ କରାଯିବ। ବେଆଇନ୍ ନିର୍ମାଣ ହଟାଇବା ଉପରେ ବିମାନବନ୍ଦର କର୍ତ୍ତୃପକ୍ଷ ଏହାର ଗୁରୁତ୍ୱ ଦେଇଛନ୍ତି। ଏହାସହ ବେଆଇନ୍ ନିର୍ମାଣକୁ ଉଚ୍ଛେଦ କରାଯିବ।

# ରାଜଧାନୀରେ ଜମିଲା ରଜମଉଜ, ଦୋଳି ଖେଳିବାକୁ ଭିଡ଼



**ଭୁବନେଶ୍ୱର (ପିପିଏସ୍):** ରାଜ୍ୟର ପାରମ୍ପରିକ ଗଣପର୍ବ ରାଜଧାନୀରେ ବେଶ ଉତ୍ସାହର ସହ ପାଳିତ ହୋଇଛି। ଗତକାଲି ପହିଲି ରଜରେ ଗଳିକନ୍ଦିରେ ଦେଖିବାକୁ ମିଳିଥିଲା ବେଳେ ଖଣ୍ଡଗିରିଠାରୁ ଆରମ୍ଭ କରି ପାତ୍ରପଡ଼ା, ପଟିଆ କଲ୍ୟାଣପୁର, ନୂଆପଲ୍ଲୀ ରାବଣପୋଡ଼ି ପଡ଼ିଆ, ଆଦି ଅଞ୍ଚଳରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଏହିସବୁ ଅଞ୍ଚଳରେ ପିଠାପଣା ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳି, ଓ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ସନ୍ଧ୍ୟାରେ ପୁରସ୍କୃତ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରମୁଖ ରଜ ଉତ୍ସବ ଅବସରରେ ମୀନା ବଜାର ଥିଲା ପ୍ରମୁଖ ଆକର୍ଷଣ।

ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଓଡ଼ିଶା ବିକାଶ ମେଳା ପରିସରରେ ଓଟିଡିସି ପକ୍ଷରୁ ଆୟୋଜିତ ହୋଇଛି ରଜ ମହୋତ୍ସବ-୨୦୨୫। ଏଠାରେ ପାରମ୍ପରିକ ବିଭିନ୍ନ ପିଠା ଖାଇବା ସହ ପରିବାର ସଦସ୍ୟଙ୍କ ପାଇଁ ମଧ ନେଇଥିବା ଦେଖିବାକୁ ମିଳିଥିଲା। ଏଠାରେ ଦୋଳିଗୁଡ଼ିକ ଫୁଲରେ ସଜାଯାଇଥିବାରୁ ସମସ୍ତେ ଏଠାରେ ରିଲ୍‌ସ ଓ ସହ ଫଟୋ ମଧ ଉଠାଇଥିଲେ। ଉତ୍ସବର ପ୍ରଥମ ଦିନରେ ୫ଶହରୁ ଉର୍ଦ୍ଧ୍ୱ ମହିଳା ଏଠାରେ ରଜ ପାଳନ କରିଛନ୍ତି। ସେହିପରି 'ପିଠା ଅନ୍ ହ୍ୱିଲ୍' ମାଧ୍ୟମରେ ବିଭିନ୍ନ ଛକରେ ପିଠା ବିକ୍ରି ଆରମ୍ଭ ହୋଇଛି। ସେହିଭଳି ଖଣ୍ଡଗିରି ନିକଟରେ ଚାଲିଥିବା ରଜ ଉତ୍ସବରେ ଲାଗିଥିବା ଦୋଳିର ମଜା ନେଇଥିଲେ ସ୍ଥାନୀୟ ଅଞ୍ଚଳବାସୀ। ନିକଟରେ ଥିବା ଖଣ୍ଡଗିରି ପାହାଡ଼ ବୁଲିବାକୁ ଆସିଥିବା ବଙ୍ଗୀୟ ପର୍ଯ୍ୟଟକ ମଧ ଏଠାରେ ସାମିଲ ହୋଇ ରଜ ମଉଜ କରିଥିଲେ। ଚଳିତବର୍ଷ ପାତ୍ରପଡ଼ାରେ ପାତ୍ରପଡ଼ା-ଭଗବାନପୁର ଯୁବ ବାହିନୀ ଓ ମହାରାଜା କ୍ରିକେଟ୍ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି ରଜ ଉତ୍ସବ। ୪ ଦିନିଆ ଉତ୍ସବରେ ଲାଗିଛି ୧୫୦ରୁ ଅଧିକ ଦୋଳି। ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସହ, ବିଧାୟକ, ସ୍ଥାନୀୟ କର୍ପୋରେଟର ଉଦ୍‌ଘାଟନ କରିଛନ୍ତି। ଏହାସହ ଝିଅମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ମେହେନ୍ଦି ପ୍ରତିଯୋଗିତା। ପଟିଆସ୍ଥିତ ଏଲ୍‌ଏ ଲନ୍ ଠାରେ 'ପଟିଆ ଗଡ଼ ରଜ ଉତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଅଭୟ ବଡଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ୩ ନମ୍ବର ନଂ ଓ୍ୱାର୍ଡର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ପଟିଆ ଗ୍ରାମର ଯୁବନେତା ତଥା କର୍ପୋରେଟର ମିହିର କୁମାର ରାଉତ, କବୟିତ୍ରୀ ଲଳିତା ଜେନା ଯୋଗ ଦେଇଥିଲେ। ଏଠାରେ ୧୫ ଓ ୧୬ ରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ମନୋଜ ତ୍ରିପାଠୀ ଓ ନବକିଶୋର ଜେନା ପରିଚାଳନା କରିଥିଲେ। ଗୀତଗୋବିନ୍ଦ ସଦନ ଠାରେ ସଂଭାବନା ପକ୍ଷରୁ 'ରଜ ମଉଜ' ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଡ଼ିଆଣୀମାନେ ସ୍ୱରଚିତ କବିତା ଓ ସଂଗୀତ ଗାନ କରିଥିଲେ। ତ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନେ ପଲ୍ଲିଗୀତ ସହ ମନଛୁଆଁ ଓଡ଼ିଆ ସଂଗୀତ ପରିବେଷଣ କରିଥିଲେ। ନୂଆପଲ୍ଲୀ ରାବଣ ପୋଡ଼ି ପଡ଼ିଆରେ ଅନୁଷ୍ଠିତ ମହୋତ୍ସବରେ ମହିଳାମାନେ ନିଜ ନିଜ ହାତ ତିଆରି ପିଠା ପଣା ସାଙ୍ଗକୁ ବିଭିନ୍ନ ଖାଦ୍ୟ ପରିବେଷଣ କରିଥିଲେ। ସେହିପରି ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ପରିସରରେ ରାମ ଦୋଳି, ବ୍ରେକ୍ ଡ୍ୟାନ୍ସ, ବେଲୁନ ଦୋଳି, ଡ୍ରାଗନ୍ ଦୋଳିର ମଜା ନେବା ସହ ମୀନା ବଜାରର ପ୍ରବଳ ଗହଳି ଜମିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୧୯ରେ ମହାକାଶକୁ ଯିବ ଆକ୍ସିଅମ୍-୪ ମିଶନ



ନୂଆଦିଲ୍ଲୀ,୧୫।୬: ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଓ ଅନ୍ୟ ୩ ଜଣ ଆସନ୍ତା ୧୯ ତାରିଖରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଯିବା ଆଶା କରାଯାଉଛି। ସେମାନଙ୍କୁ ନେଇ ମହାକାଶ ଯିବାକୁ ଥିବା ଫାଲ୍କନ୍-୯ ରକେଟରେ ତରଳ ଅକ୍ସିଜେନ୍ ଲିକ୍ କାରଣରୁ ଏହାର ଲଞ୍ଚିଂକୁ ଗତ ୮, ୧୦ ଏବଂ ୧୧ ତାରିଖରେ ସ୍ଥଗିତ ରଖାଯାଇଥିଲା। ସ୍ପେସ୍ଏକ୍ସ ଉକ୍ତ ସମସ୍ୟାର ସମାଧାନ କରିଥିବା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ(ଇସ୍ରୋ) ଶନିବାର ଘୋଷଣା କରିଛି।

ନାସାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଗତ ୧୧ ତାରିଖରେ ଆକ୍ସିଅମ୍ ସ୍ପେସ୍ ମିଶନ୍ ଉତ୍କ୍ଷେପଣ ହେବାକୁ ଥିବାବେଳେ ଫାଲ୍କନ୍-୯ ରକେଟରେ ଇନ୍ଧନ ଲିକ୍ ଏବଂ ଆଇଏସ୍ଏସ୍ର ରୁଷିଆ ସେକ୍ସନରେ ଲିକ୍ ଯୋଗୁ ଏହାକୁ ବିଳମ୍ବିତ କରାଯାଇଥିଲା। ଏବେ ଆକ୍ସିଅମ୍ ସ୍ପେସ୍ ୧୯ ତାରିଖରେ ଲଞ୍ଚ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ଇସ୍ରୋ କହିଛି।

# ସରୁନି ପ୍ଲେନ୍ କ୍ରାସ୍ ମୃତକଙ୍କ ପରିଚୟ ଖୋଜା

**ଅହମ୍ମଦାବାଦ,(ଏଜେନ୍ସି):**

ଅହମ୍ମଦାବାଦ ବିମାନ ଟ୍ରାଜେଡିକୁ ବିତିଲାଣି ୩ ଦିନ। ଏବେ ବି ଶୁଖୁନି ଆତ୍ମୀୟ ସ୍ୱଜନଙ୍କ ଲୁହ, ଏବେ ବି ବନ୍ଧୁ ପରିଜନଙ୍କ ମୃତଦେହ ଅପେକ୍ଷାରେ ଅଧିକାଂଶ। ଡିଏନ୍ଏ ପରୀକ୍ଷାର ବିଧି ବ୍ୟବସ୍ଥା ଭିତରେ ୨୪୮ଟି ମୃତଦେହ ମଧ୍ୟରୁ ଏଯାଏଁ ୪୧ଟିର ନମୂନା ମ୍ୟାଚ୍ କରିଛି। ତା ଭିତରେ ଅଛି, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣିଙ୍କ ମରଶରୀର। ସିଭିଲ୍ ହସ୍ପିଟାଲ୍ ପକ୍ଷରୁ ୧୬ ଜଣଙ୍କ

## ଏଯାଏଁ ୪୧ଟିର ନମୁନା ମ୍ୟାଚ୍

ମୃତଦେହ ହସ୍ତାନ୍ତର କରାଯାଇଛି ସେମାନଙ୍କ ପରିବାରକୁ। ଅପରପକ୍ଷେ ବିମାନ ଦୁର୍ଘଟଣାଗ୍ରସ୍ତ ମେଘାନୀ ନଗରରେ ସ୍ଥିତି ସ୍ୱାଭାବିକ ହେଉଛି ସତ, କିନ୍ତୁ ମୁଣ୍ଡ ଉପରେ ଉଡୁଥିବା ବିମାନ ଦେଖିଲେ ଏବେ ବି ଛାତିରେ ଛନକା ପଶୁଥିବା କହିଛନ୍ତି ଅଞ୍ଚଳବାସୀ। ସରୁନି ପ୍ଲେନ୍ କ୍ରାସରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପରିଚୟ ଖୋଜା। ଡିଏନ୍ଏ ଟେଷ୍ଟର ବିଧିବ୍ୟବସ୍ଥା ଭିତରେ ବଢ଼ିବାରେ ଲାଗିଛି ଆତ୍ମୀୟ ସ୍ୱଜନଙ୍କ ଭିଡ଼।



ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ମୃତଦେହ ଚିହ୍ନଟ


କାରଣ ରିପୋର୍ଟ ହିଁ କହୁଛି, ଦୁର୍ଘଟଣା ପରେ ଜଳିପୋଡ଼ି କଳାକାଠ ପାଲଟିଯାଇଥିବା ମରଶରୀରଟି କାହାର। ଆଉ ଯେଉଁ ଘଉଇ ମ୍ୟାଚ୍ କଲା, ସଂପର୍କୀୟଙ୍କୁ ଡାକି ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ସିଭିଲ୍ ହସ୍ପିଟାଲ୍ ପକ୍ଷରୁ ହସ୍ତାନ୍ତର କରାଯାଉଛି ମରଶରୀର ଅବଶେଷ। ରାଜସ୍ଥାନର ଖୁସବୁ, ଯିଏ ଗତ ଜାନୁୟାରୀରେ ବିବାହ କରିଥିଲେ ଆଉ ବ୍ରିଟେନରେ ଚାକିରି କରିଥିବା ସ୍ୱାମୀଙ୍କ ପାଖକୁ ଯାଉଥିଲେ। ଯିବା ପୂର୍ବରୁ ବାପା ମଦନ ସିଂ ଝିଅ ସହ ଉଠାଇଥିଲେ ଫଟୋ ଖଣ୍ଡିକ। ଆଶୀର୍ବାଦ ଦେଇ ସୋସିଆଲ୍ ମିଡ଼ିଆରେ ଏକ ବାର୍ତ୍ତା ବି ଦେଇଥିଲେ। କିନ୍ତୁ ଦୁର୍ଘଟଣାରେ ଲିଭିଗଲା ସବୁକିଛି। ଏବେ ଡିଏନଏ ମ୍ୟାଚ୍ କରିବା ପରେ ସଂପର୍କୀୟ ପହଞ୍ଚିଛନ୍ତି ମୃତଦେହକୁ ନେବାକୁ। ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଉଘଇ ବି ମ୍ୟାଚ୍ କରିଛି ସମ୍ପର୍କୀୟଙ୍କ ସହ। ତେଣୁ ମରଶରୀର ନେବାକୁ ପହଞ୍ଚିଥିଲେ ସଂପର୍କୀୟ। ରାଜକୋଟରେ ପରିବାର ଲୋକେ ତାଙ୍କ ଶେଷକୃତ୍ୟ କରିବେ ବୋଲି ଜଣାପଡ଼ିଛି। ଏଭଳି ଭାବେ ଉଘଇ ଟେଷ୍ଟ କରାଯାଉଥିବା ମୋଟ୍ ୨୪୮ଟି ମୃତଦେହ ମଧ୍ୟରୁ ଶେଷ ସୂଚନା ଯାଏଁ ୪୧ ଜଣଙ୍କ ନମୁନା ମ୍ୟାଚ୍ କରିଛି। ତା ମଧ୍ୟରୁ ପ୍ରାୟ ୧୬ ଜଣଙ୍କ ଡେଡବଡ଼ି ହସ୍ତାନ୍ତର କରାଯାଇଛି ସଂପର୍କୀୟଙ୍କୁ। ଜୁନ୍ ୧୨, ସମୟ ୧ଟା ୪୦ ମିନିଟ୍। ବିମାନ ଦୁର୍ଘଟଣା ପରେ କେମିତି ଥିଲା ରେସ୍କ୍ୟୁ ଅପରେସନ୍, ବଖାଣିଛନ୍ତି ଅହମ୍ମଦାବାଦ ମ୍ୟୁନିସିପାଲିଟିର ଓଡ଼ିଆ କମିଶନର ବାଞ୍ଛାନିଧି ପାଣି । କହିଛନ୍ତି, ରେସ୍କ୍ୟୁ ଅପରେସନ୍ ପାଇଁ ପ୍ରଥମେ କରାଯାଇଥିଲା ଗ୍ରୀନ୍ କରିଡର୍। ଶତାଧିକ ଆଗ୍ନିକ, ଶହେରୁ ଅଧିକ ଆମ୍ବୁଲାନ୍ସ ନିୟୋଜିତ କରି ଆହତ ଓ ମୃତକଙ୍କୁ ନିଆଯାଇଥିଲା ସିଭିଲ୍ ହସ୍ପିଟାଲ । ତାହାରି ଭିତରେ ଥିଲେ ୨୮ ମେଡିକାଲ୍ ଛାତ୍ର, ଅନ୍ୟ ୨ ସାଧାରଣ ଲୋକ। କିନ୍ତୁ ବିମାନରୁ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର ସମ୍ଭବ ନଥିଲା। ତଥାପି ଅଗ୍ନିଶମ ବିଭାଗର ସ୍ୱତନ୍ତ୍ର ଯାନ ରୋବୋ ଏବଂ ୩୪ରୁ ଅଧିକ ଗଜରାଜ ଜରିଆରେ ପ୍ରାୟ ସାଢ଼େ ୭ ଲକ୍ଷ ଲିଟର ପାଣି ପ୍ରୟୋଗ କରି ନିଆଁ ଲିଭାଇ ଉଦ୍ଧାର କରାଯାଇଥିଲା ଯାତ୍ରୀଙ୍କୁ। ସାମ୍ନାକୁ ଆସିଛି ଦୁର୍ଘଟଣାବେଳର ସେହି ଲାଇଭ୍ ଚିତ୍ର, ଯାହାକୁ ନେଇ ସାରା ବିଶ୍ୱରେ ହଲଚଲ୍ । କୁହାଯାଉଛି, ଏହି ଛାତିଥରା ଭିଡ଼ିଓକୁ ନିଜ ମୋବାଇଲରେ ସୁଟ୍ କରିଥିଲେ ଲକ୍ଷ୍ମୀନଗରର ଆର୍ଯ୍ୟନ୍ ଅସାରୀ। ସେ ଭାବୁଥିଲେ ପ୍ଲେନଟି ହଠାତ୍ କାହିଁକି ଓହ୍ଲାଉଛି ? ଆଉ ଏହାକୁ ରେକର୍ଡିଂ କରିବା ଭିତରେ ବିମାନଟି ଖସିପଡ଼ିବା ସହ ଭୟଙ୍କର ବିସ୍ଫୋରଣରେ ଘଟି ଜଳିଯାଇଥିଲା । ସେପଟେ ଆଜି ବି ଅତି ନିକଟରେ ଲ୍ୟାଣ୍ଡିଂ ଓ ଟେକ-ଅଫ୍ କରୁଥିବା ବିମାନ ଦେଖିଲେ ଭୟ ଲାଗୁଥିବା କହିଛନ୍ତି ମେଘାନୀନଗର ବସ୍ତି ବାସିନ୍ଦା।

# ମୁନିରଙ୍କୁ ସତରେ କ'ଣ ମିଲିଟାରୀ ପରେଡ୍ ପାଇଁ ମିଳିଛି ନିମନ୍ତ୍ରଣ ?

ୱାଶିଂଟନ,୧୫।୬: ଶନିବାର (୧୪ ଜୁନ) ଆମେରିକାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜନ୍ମଦିନ ଏବଂ ଆମେରିକୀୟ ସେନା ପ୍ରତିଷ୍ଠାର ୨୫୦ତମ ବାର୍ଷିକୀ। ଏହି ଐତିହାସିକ ଅବସର ୱାଶିଂଟନ ଡିସିରେ ଏକ ମହାନ ସାମରିକ ପରେଡ ସହିତ ପାଳନ କରାଯାଇଥିଲା, କିନ୍ତୁ ଏହି ସମାରୋହ ମଧ୍ୟରେ ଏକ ବଡ଼ ରାଜନୈତିକ ବିବାଦ ସୃଷ୍ଟି ହୋଇଥିଲା ଯେତେବେଳେ କଂଗ୍ରେସ ନେତା ଜୟରାମ ରମେଶ ଦାବି କରିଥିଲେ ଯେ ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କୁ ପରେଡରେ 'ଅତିଥି' ଭାବରେ ନିମନ୍ତ୍ରଣ କରାଯାଇଥିଲା। ହ୍ୱାଇଟ ହାଉସକୁ ଏହା ଉପରେ ସ୍ପଷ୍ଟୀକରଣ ଦେବାକୁ ପଡିଲା।

ଆମେରିକୀୟ ସେନା ପ୍ରତିଷ୍ଠାର ୨୫୦ତମ ବାର୍ଷିକୀରେ ରାଜଧାନୀ ୱାଶିଂଟନ ଡିସିରେ ଏକ ବିଶାଳ ସାମରିକ ପରେଡ ଆୟୋଜନ କରାଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଅନେକ ହାଇ-ପ୍ରୋଫାଇଲ କୂଟନୀତିଜ୍ଞ ଏବଂ ସାମରିକ ଅଧିକାରୀ ଏହି ପରେଡରେ ଅଂଶଗ୍ରହଣ କରିଥିଲେ। ଏହି ପରେଡରେ ୬,୦୦୦ ରୁ ଅଧିକ ଆମେରିକୀୟ ସୈନିକ, ୧୫୦ ରୁ ଅଧିକ ସଶସ୍ତ୍ର ସାମରିକ ଯାନ ଏବଂ ୫୦ରୁ ଅଧିକ ଲଢୁଆ ବିମାନ ଅଂଶଗ୍ରହଣ କରିଥିଲେ। ଏହି ପରେଡରେ ୩୫୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ଆକଳନ କରାଯାଉଛି, ଯାହାକୁ ଦେଶରେ କଡ଼ା ସମାଲୋଚନା ମଧ୍ୟ କରାଯାଉଛି। ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଏକ ସୋସିଆଲ ମିଡିଆ ପୋଷ୍ଟରେ ଦାବି କରିଛନ୍ତି ଯେ ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କୁ ଆମେରିକୀୟ ସାମରିକ ପରେଡରେ ଏକ ବିଶେଷ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିଲା। ସେ ଏହି କଥିତ ନିମନ୍ତ୍ରଣକୁ ଭାରତ ପାଇଁ ଏକ କୂଟନୈତିକ ଏବଂ ରଣନୈତିକ ଧକ୍କା ବୋଲି କହିଛନ୍ତି। ରମେଶ କହିଛନ୍ତି ଯେ ଏହି ସେହି ଜେନେରାଲ ମୁନିର ଯିଏ ପହଲଗାମ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ଉତ୍ତେଜନାମୂଳକ ବୟାନ ଦେଇଥିଲେ। ସେ ଆମେରିକାର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ଏପରି ପଦକ୍ଷେପ ଭାରତ-ଆମେରିକା ସମ୍ପର୍କକୁ ପ୍ରଭାବିତ କରିପାରେ।

ରବିବାର, ହ୍ୱାଇଟ ହାଉସ ଏହି କଳ୍ପନାଜଳ୍ପନା ଉପରେ ଏକ ସରକାରୀ ବିବୃତ୍ତି ଜାରି କରି ଏହାକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିଛି। ଜଣେ ବରିଷ୍ଠ ଆମେରିକୀୟ ଅଧିକାରୀ ସ୍ପଷ୍ଟ ଭାବରେ କହିଛନ୍ତି, 'କୌଣସି ବିଦେଶୀ ସାମରିକ ଅଧିକାରୀଙ୍କୁ ସାମରିକ ପରେଡରେ ନିମନ୍ତ୍ରଣ କରାଯାଇ ନଥିଲା। ଏହି ଦାବି ସମ୍ପୂର୍ଣ୍ଣ ମିଥ୍ୟା।' ହ୍ୱାଇଟ ହାଉସ ପକ୍ଷରୁ ଏହି ସ୍ପଷ୍ଟୀକରଣ ପରେ, ଭାଜପା ଜୟରାମ ରମେଶଙ୍କୁ ମିଥ୍ୟା ପ୍ରଚାର କରିବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଘୃଣା ଦ୍ୱାରା ପ୍ରେରିତ ହେବାର ଅଭିଯୋଗ କରିଛି। ଭାଜପା ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ କହିଛନ୍ତି ଯେ ରମେଶ ତଥ୍ୟ ଯାଞ୍ଚ ନ କରି ଏକ ରାଜନୈତିକ ଏଜେଣ୍ଡା ଅଧୀନରେ ଏକ ଭ୍ରାମକ ପୋଷ୍ଟ ପୋଷ୍ଟ କରିଛନ୍ତି।



ସାଇପ୍ରସ୍‌ରେ ପ୍ରଧନମନ୍ତ୍ରୀ ମୋଦୀ

# ଆକ୍ରମଣ ବନ୍ଦହେବନି, ବରବାଦ ହେବ ଇରାନ'

ଜେରୁଜେଲମ: ରବିବାର ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ ନୂଆ ଆକ୍ରମଣ ଆରମ୍ଭ କରି ଏକ ବ୍ୟାପକ ସଂଘର୍ଷର ଆଶଙ୍କା ସୃଷ୍ଟି କରିଛି। ବିଶ୍ୱର ସର୍ବବୃହତ ଗ୍ୟାସ କ୍ଷେତ୍ର ଉପରେ ଆକ୍ରମଣ କରି ଇସ୍ରାଏଲ ଇରାନ ବିରୁଦ୍ଧରେ ତା'ର ଆଶ୍ଚର୍ଯ୍ୟଜନକ ଅଭିଯାନକୁ ବିସ୍ତାର କରିଛି। ତେହରାନ ପରମାଣୁ ଆଲୋଚନାକୁ ବାତିଲ କରିଛି, ଯାହାକୁ ୱାଶିଂଟନ କହିଛି ଯେ ଇସ୍ରାଏଲର ବୋମାମାଡ଼ ବନ୍ଦ କରିବାର ଏକମାତ୍ର ଉପାୟ। ଇସ୍ରାଏଲୀ ବାୟୁସେନା ତେହରାନରେ ଇରାନର ପ୍ରତିରକ୍ଷା ନବସୃଜନ ଏବଂ ଗବେଷଣା ସଂଗଠନ (ଝଚଘଉ) ମୁଖ୍ୟାଳୟକୁ ଟାର୍ଗେଟ କରିଛି।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ ଆଗାମୀ ଦିନରେ ଏହି ଆକ୍ରମଣ ବୃଦ୍ଧି ପାଇବ ଏବଂ ଇରାନ ଯାହା ଦେଖିବ ତା ତୁଳନାରେ ଏହା କିଛି ନୁହେଁ। ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ସଂଯମତା ପାଇଁ ଅନ୍ତର୍ଜାତୀୟ ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ କହିଛନ୍ତି ଯେ ଆଗାମୀ ଦିନରେ ଇରାନ



ଉପରେ ଆକ୍ରମଣ ବୃଦ୍ଧି ପାଇବ।

ସେ ଆହୁରି କହିଛନ୍ତି ଯେ ଆମେ ଆୟାତୋଲ୍ଲା ଶାସନର ପ୍ରତ୍ୟେକ ସଙ୍କେତ ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିବୁ। ନେତାନ୍ୟାହୁ ଏକ ଚ୍ୟାଲେଞ୍ଜିଂ ସ୍ୱରରେ କହିଛନ୍ତି, ଆଗାମୀ ଦିନରେ ଇରାନରେ ଯାହା ଘଟିବ ତାହା ଆଜିର ପରିସ୍ଥିତି ସହିତ ତୁଳନୀୟ ହେବ ନାହିଁ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ଦେଶକୁ ଏକ ଭିଡିଓ ବାର୍ତ୍ତାରେ ଏହି କଥା କହିଛନ୍ତି। ଏହା ସହିତ, ଶନିବାର ଇସ୍ରାଏଲ ବିଶ୍ୱର ସର୍ବବୃହତ ଗ୍ୟାସ କ୍ଷେତ୍ର ଦକ୍ଷିଣ ପାର୍ସରେ ଅବସ୍ଥିତ ତୈଳ ବିଶୋଧନାଗାର ଉପରେ ଏକ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରି ଏହାକୁ ପ୍ରବଳ କ୍ଷତି ପହଞ୍ଚାଇଛି। ଏହା ଇରାନର ପରମାଣୁ ପ୍ରତିଷ୍ଠାନ ଏବଂ ସାମରିକ ଘାଟି ବ୍ୟତୀତ ଇରାନର ତୈଳ ବ୍ୟବସାୟ ଉପରେ ଇସ୍ରାଏଲର ପ୍ରଥମ ଆକ୍ରମଣ। ଏହା ଯୋଗୁ ଅନ୍ତର୍ଜାତୀୟ ତୈଳ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଶନିବାର ମଧ୍ୟ ବିମାନ ଆକ୍ରମଣ ଜାରି ରହିଛି। ଇସ୍ରାଏଲର ଶୁକ୍ରବାର ଆକ୍ରମଣର ଜବାବରେ, ଇରାନ ଶୁକ୍ରବାର-ଶନିବାର ରାତିରେ ଇସ୍ରାଏଲୀ ସହରଗୁଡ଼ିକ ଉପରେ ୩୦୦ରୁ ଅଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ କରିଥିଲା। ଇରାନୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଅନେକ ସ୍ତରରେ ବନ୍ଦ ହୋଇଥିଲେ ମଧ୍ୟ, ତେଲ ଅଭିଭ, ଜେରୁସାଲେମ ଏବଂ ଅନ୍ୟାନ୍ୟ ଅନେକ ସହରରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ପହଞ୍ଚିଥିବା ଜଣାପଡ଼ିଛି।'ଆକ୍ରମଣ ବନ୍ଦ ହେବନି, ବରବାଦ ହେବ ଇରାନ', କିଛି ବଡ଼ ଘଟଣା ଘଟାଇବ କି ଇସ୍ରାଏଲ ?

# ସାଉଦିଆରବ ନେଲା ନିଷ୍ପତ୍ତି: ଭାରତ ସହ ୧୪ ଦେଶ ପାଇବେ ଲାଭ

ନୂଆଦିଲ୍ଲୀ: ହଜ -୨୦୨୫ ପରେ ସୌଦି ଆରବ ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଅନ୍ୟାନ୍ୟ ୧୨ଟି ଦେଶ ପାଇଁ ବ୍ଲକ ୱାର୍କ ଭିଜା ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଉଠାଇ ଦେଇଛି। ସୌଦି ମାନବ ସମ୍ବଳ ଏବଂ ସାମାଜିକ ବିକାଶ ମନ୍ତ୍ରଣାଳୟ ଏହି ନିଷ୍ପତ୍ତିକୁ ନିଶ୍ଚିତ କରିଛି। ଏହା ପ୍ରବାସୀ ଶ୍ରମିକମାନଙ୍କୁ ନିଯୁକ୍ତି ପ୍ରତି ଏକ ନୂତନ ଆଶା ଦେଇଛି। ବିଶ୍ୱର ୧୪ଟି ଦେଶ ବ୍ଲକ ୱାର୍କ ଭିଜା ପ୍ରତିବନ୍ଧକ ଉଠାଇବାର ଲାଭ ପାଇବେ। ଏଥିରେ ଭାରତ, ପାକିସ୍ତାନ, ବାଂଲାଦେଶ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାକ, ଜୋର୍ଡାନ, ମରକ୍କୋ, ନାଇଜେରିଆ, ସୁଡାନ, ଟ୍ୟୁନିସିଆ, ୟେମେନ ଏବଂ ଆଲଜେରିଆ ଅନ୍ତର୍ଭୁକ୍ତ।

ବ୍ଲକ ୱାର୍କ ଭିଜା ସୌଦି ଆରବର ଏକ କେନ୍ଦ୍ରୀୟ ଭିଜା ବ୍ୟବସ୍ଥା ଯାହା ଅଧୀନରେ ସେଠାକାର କମ୍ପାନୀଗୁଡ଼ିକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦିଆଯାଇଛି। ଏହି ଭିଜା ବିଶେଷ ଭାବରେ ବଡ଼ ନିର୍ମାଣ ଏବଂ ସେବା କ୍ଷେତ୍ର କମ୍ପାନୀଗୁଡ଼ିକ ପାଇଁ ବ୍ୟବହୃତ ହୁଏ। ଏହା ପୂର୍ବରୁ ଅନୁମୋଦିତ ସଂଖ୍ୟାରେ ବହୁ ସଂଖ୍ୟାରେ ଶ୍ରମିକଙ୍କୁ ନିଯୁକ୍ତି ଦେବା ପାଇଁ ବ୍ୟବହୃତ ହୁଏ। ଏହା ଭିଜା ପ୍ରକ୍ରିୟାକୁ ଦ୍ରୁତ ଏବଂ ସଂରଚିତ କରିବାରେ ସାହାଯ୍ୟ କରେ। ହଜ ସମୟରେ ଭିଡ଼ ଏବଂ ବିଶୃଙ୍ଖଳା ଏଡାଇବା ପାଇଁ ସୌଦି ସରକାର ଜାନୁଆରୀ ୨୦୨୫ ରେ ଏହି ଭିଜା କୋଟାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଥିଲେ।

ସୌଦି ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହଜାର ହଜାର ଦକ୍ଷ ଶ୍ରମିକ ଏବେ ନୂତନ କାର୍ଯ୍ୟ ସୁଯୋଗ ପାଇବେ। ହଜ ଋତୁ ଯୋଗୁ ଯେଉଁମାନଙ୍କର ନିଯୁକ୍ତି ବାତିଲ କିମ୍ବା ସ୍ଥଗିତ କରାଯାଇଥିଲା ସେମାନଙ୍କ ପାଇଁ ଏହା ଏକ ଆଶ୍ୱସ୍ତି ଖବର। ଏହି ନିଷ୍ପତ୍ତି ବିଶେଷକରି ଭାରତ ପାଇଁ ବହୁତ ଲାଭଦାୟକ, କାରଣ ସୌଦି ଆରବରେ ଭାରତୀୟ ଶ୍ରମିକଙ୍କ ସଂଖ୍ୟା ୨୬ ଲକ୍ଷରୁ ଅଧିକ। ପ୍ରତିବର୍ଷ ହଜାର ହଜାର ଭାରତୀୟ ନିଯୁକ୍ତି ସନ୍ଧାନରେ ସୌଦି ଯାଆନ୍ତି। ସେଠାରେ ପ୍ରବାସୀ ଭାରତୀୟଙ୍କ ବୃଦ୍ଧି ହାର ୧୦% ରୁ ଅଧିକ ହୋଇଛି।


ବିଗତ ବର୍ଷଗୁଡ଼ିକରେ ଦେଖାଯାଇଛି ଯେ ଅନେକ କାର୍ଯ୍ୟ ଭିଜାଧାରୀ ମଧ୍ୟ ହଜ କରିବାକୁ ଚେଷ୍ଟା କରନ୍ତି, ଯାହା ପଞ୍ଜୀକରଣ ବାହାରେ ତୀର୍ଥଯାତ୍ରୀଙ୍କ ଭିଡ଼ ସୃଷ୍ଟି କରେ। ୨୦୨୪ ମସିହାରେ, ଗରମ ଏବଂ ବିଶୃଙ୍ଖଳା ଯୋଗୁ ହଜ ସମୟରେ ଅନେକ ମୃତ୍ୟୁ ଘଟିଥିଲା, ଯାହା ବୈଧ ଅନୁମତି କିମ୍ବା ପଞ୍ଜୀକରଣ ବିନା ଆସୁଥିବା ତୀର୍ଥଯାତ୍ରୀଙ୍କ ଯୋଗୁ ହୋଇଥିବା ବିଶ୍ୱାସ କରାଯାଉଥିଲା। ଏହି କାରଣରୁ, ପ୍ରତିବର୍ଷ ସୌଦି ସରକାର ହଜ ସମୟରେ କାର୍ଯ୍ୟ ଭିଜା, ଯାତ୍ରା ଅନୁମତି ଏବଂ ମକ୍କା ପ୍ରବେଶ ଉପରେ ଅନେକ କଠୋର ପଦକ୍ଷେପ ଗ୍ରହଣ କରନ୍ତି।

# ସତ ହେବ କି ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ !

ନୂଆଦିଲ୍ଲୀ,: ବାବା ଭେଙ୍ଗା ଜଣେ ବୁଲଗେରିଆନ ଭବିଷ୍ୟବକ୍ତା ଥିଲେ, ଯିଏ ୧୨ ବର୍ଷ ବୟସରେ ଦୃଷ୍ଟିଶକ୍ତି ହରାଇଥିଲେ। ୧୯୧୧ ମସିହାରେ ଜନ୍ମଗ୍ରହଣ କରିଥିବା ଏବଂ ୧୯୯୬ ମସିହାରେ ୮୬ ବର୍ଷ ବୟସରେ ମୃତ୍ୟୁବରଣ କରିଥିବା ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ ଏବେ ବି ଆଲୋଚନାର ବିଷୟ। ୯/୧୧ ଆକ୍ରମଣ ଏବଂ ବ୍ରେକ୍ସିଟ ଭଳି ତାଙ୍କର ଅନେକ ଭବିଷ୍ୟବାଣୀ ସତ୍ୟ ହୋଇଛି, ଯେଉଁଥିଲାଗି ଲୋକମାନେ ୨୦୨୫ ବିଷୟରେ ତାଙ୍କର ଭବିଷ୍ୟବାଣୀକୁ ଗମ୍ଭୀରତାର ସହିତ ଧ୍ୟାନ ଦେଉଛନ୍ତି। ଏହା ବିଶ୍ୱାସ କରାଯାଏ ଯେ ତାଙ୍କର ଭବିଷ୍ୟବାଣୀ ଗୋଟିଏ ପରେ ଗୋଟିଏ ସତ ହେଉଛି, କିନ୍ତୁ କିଛି ବିଶେଷଜ୍ଞ ଏହାକୁ କେବଳ ଏକ ସଂଯୋଗ ବୋଲି ବିବେଚନା କରନ୍ତି।

୨୦୨୫ ର ପ୍ରମୁଖ ଭବିଷ୍ୟବାଣୀ – ବିଶ୍ୱରେ ବଡ଼ ଜନସଂଗ୍ରାମ

ବାବା ଭେଙ୍ଗା ୨୦୨୫ ବିଷୟରେ କହିଥିଲେ ଯେ ବିଶ୍ୱ ଦୁଇଟି ବଡ଼ ଦଳରେ ବିଭକ୍ତ ହେବ। ବିଶ୍ୱରେ ଗମ୍ଭୀର ସଂଘର୍ଷର ପରିସ୍ଥିତି ସୃଷ୍ଟି ହୋଇପାରେ। ସେ ଚେତାବନୀ ଦେଇଥିଲେ ଯେ ଏହି ସଂଘର୍ଷ କେବଳ ରାଜନୈତିକ ନୁହେଁ ବରଂ ଅର୍ଥନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ଶ୍ରେଷ୍ଠତା ବିଷୟରେ ମଧ୍ୟ ହୋଇପାରେ। ତେବେ ୨୦୨୫ ମସିହା ଆରମ୍ଭରୁ, ବିଶ୍ୱରେ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି – ରୁଷ-ୟୁକ୍ରେନ ଯୁଦ୍ଧ ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ, ଆମେରିକା ଏବଂ ଚାଇନା ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଏବଂ ସାମରିକ ପ୍ରତିଯୋଗିତା ତୀବ୍ର ହେଉଛି, ଯେତେବେଳେ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ମଧ୍ୟ ଅଶାନ୍ତ ରହିଛି। ଏହା ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀକୁ କେଉଁଠି ନା କେଉଁଠି ସଠିକ ମନେ କରୁଛି।



ପ୍ରଯୁକ୍ତିବିଦ୍ୟାର ଉତ୍ଥାନ-ପତନ ଏବଂ ଇଓର ପ୍ରାଧାନ୍ୟ

ବାବା ଭେଙ୍ଗା ଏହା ମଧ୍ୟ ସୂଚାଇ ଦେଇଥିଲେ ଯେ ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟା ଏତେ ପ୍ରଭାବଶାଳୀ ହୋଇଯିବ ଯେ ମାନବ ଜୀବନ ସମ୍ପୂର୍ଣ୍ଣ ଭାବରେ ମେସିନ ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ ନିର୍ଭରଶୀଳ ହୋଇଯିବ। ୨୦୨୫ ମସିହାରେ, ଇଓ ଏକ ଅଭୂତପୂର୍ବ ଗତିରେ ବିକାଶ କରୁଛି। ଅନେକ ଦେଶ ଏବଂ କମ୍ପାନୀ ସାମରିକ, ଚିକିତ୍ସା, ଶିକ୍ଷା ଏବଂ ଆର୍ଥିକ କ୍ଷେତ୍ରରେ ଇଓକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରୁଛନ୍ତି। ଲୋକଙ୍କ ଚାକିରି ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି।

ପ୍ରାକୃତିକ ବିପର୍ଯ୍ୟୟରେ ବୃଦ୍ଧି:

ବାବା ଭେଙ୍ଗା କହିଛନ୍ତି ଯେ ୨୦୨୫ ପାଖାପାଖି ପୃଥିବୀରେ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବ – ଯେପରିକି ଭୂମିକମ୍ପ, ବନ୍ୟା ଏବଂ ପାଗରେ ଅସ୍ୱାଭାବିକ ପରିବର୍ତ୍ତନ। ୨୦୨୫ ମସିହାରେ, ଏସିଆ ଏବଂ ଆମେରିକାରେ ଅତ୍ୟଧିକ ଗରମ, ପ୍ରବଳ ତୁଷାରପାତ ଏବଂ ବନ୍ୟା ଭଳି ଘଟଣା ନିରନ୍ତର ଘଟୁଛି। ବିଶ୍ୱ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହେତୁ ଏହି ଭବିଷ୍ୟବାଣୀ ମଧ୍ୟ ବହୁତ ପ୍ରାସଙ୍ଗିକ ମନେହୁଏ।

ସ୍ୱାସ୍ଥ୍ୟ ସଙ୍କଟ କିମ୍ବା ନୂତନ ରୋଗର ସୂଚନା:

ବାବା ଭାଙ୍ଗା ଭବିଷ୍ୟତରେ ଏକ ନୂତନ ରୋଗ କିମ୍ବା ଭାଇରସ ବ୍ୟାପିବାର ମଧ୍ୟ ସୂଚନା ଦେଇଥିଲେ, ଯାହା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପୁଣି ଚାପ ବୃଦ୍ଧି କରିପାରେ। ଯଦିଓ ଏପର୍ଯ୍ୟନ୍ତ କୌଣସି ନୂତନ ବିଶ୍ୱବ୍ୟାପୀ ମହାମାରୀ ଦେଖାଯାଇ ନାହିଁ, ଡଔଙ ଏବଂ ବୈଜ୍ଞାନିକ ସମ୍ପ୍ରଦାୟ ନୂତନ ରୋଗ ଏବଂ ଭାଇରସ – ଯେପରିକି ବାର୍ଡ ଫ୍ଲୁ, ନିପା ଭାଇରସ ଏବଂ ଆଣ୍ଟିବାୟୋଟିକ ପ୍ରତିରୋଧର ବିପଦ ବିଷୟରେ ନିରନ୍ତର ଚେତାବନୀ ଦେଇ ଆସୁଛନ୍ତି।

# ଇରାନ-ଇସ୍ରାଏଲ ଯୁଦ୍ଧ ରୋକିଦେବେ ଟ୍ରମ୍ପ୍ ?

ନୂଆଦିଲ୍ଲୀ: ଶନିବାର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା ପରେ ରାଷ୍ଟ୍ରପତି ଟ୍ରମ୍ପ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ସମ୍ପର୍କରେ ଏକ ବଡ଼ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଶେଷ ହେବା ଉଚିତ। ଆପଣଙ୍କୁ କହି ରଖୁଛୁ ଯେ ଇସ୍ରାଏଲ ଇରାନ ବିରୁଦ୍ଧରେ ଆକ୍ରମଣ ଆରମ୍ଭ କରିବାର ୪୮ ଘଣ୍ଟା ପରେ ଯୁଦ୍ଧ ଶେଷ କରିବା ପାଇଁ ଟ୍ରମ୍ପଙ୍କ ଏହି ବିବୃତ୍ତି ଆସିଛି।

ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରପତି ପୁଟିନ ମୋତେ ଜନ୍ମଦିନର ଶୁଭେଚ୍ଛା ଜଣାଇବାକୁ ଫୋନ କରିଥିଲେ। ଏହି ସମୟରେ ଇରାନ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଟ୍ରମ୍ପ ତାଙ୍କ ଟ୍ରୁଥ୍ ସୋସିଆଲ ଆକାଉଣ୍ଟରେ ଲେଖିଛନ୍ତି, ପୁଟିନ ଅନୁଭବ କରନ୍ତି ଏବଂ ମୁଁ ମଧ୍ୟ ଚାହୁଁଛି ଯେ ଇସ୍ରାଏଲ-ଇରାନରେ ଏହି ଯୁଦ୍ଧ ଶେଷ ହେଉ, ଯାହା ମୁଁ ମଧ୍ୟ କହିଛି। ପ୍ରକୃତରେ, ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଏବଂ ୟୁକ୍ରେନ ଶାନ୍ତି ଆଲୋଚନା ଉପରେ ଆଲୋଚନା କରିବା ପାଇଁ ଶନିବାର ରୁଷିଆ ରାଷ୍ଟ୍ରପତି ପୁଟିନ ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ୫୦ ମିନିଟ ପାଇଁ ଫୋନରେ କଥା ହୋଇଥିଲେ। କଥାବାର୍ତ୍ତା ସମୟରେ ପୁଟିନ ଇରାନ ଏବଂ ଇସ୍ରାଏଲର ନେତାମାନଙ୍କ ସହ ତାଙ୍କର ସାମ୍ପ୍ରତିକ ଆଲୋଚନା ବିଷୟରେ ଟ୍ରମ୍ପଙ୍କୁ ଅବଗତ କରାଇଥିଲେ। ଇରାନ ପରମାଣୁ ସମସ୍ୟାର ସମାଧାନ ଖୋଜିବା ପାଇଁ ରୁଷଆର ପ୍ରସ୍ତାବକୁ ମଧ୍ୟ ପୁନରାବୃତ୍ତି କରିଥିଲେ। ପୁଟିନ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ପରେ, ଉଶାକୋଭ ସାମ୍ବାଦିକମାନଙ୍କୁ କହିଥିଲେ ଯେ ସ୍ୱାଭାବିକ ଭାବରେ, ପଶ୍ଚିମ ଏସିଆରେ ଉତ୍ତେଜନାର ବିପଦପୂର୍ଣ୍ଣ ବୃଦ୍ଧି ମତ ବିନିମୟର କେନ୍ଦ୍ରରେ ଥିଲା। ସେ କହିଛନ୍ତି ଯେ ଟ୍ରମ୍ପ ଆଞ୍ଚଳିକ ପରିସ୍ଥିତିକୁ ଅତ୍ୟନ୍ତ ଚିନ୍ତାଜନକ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ଇରାନ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନାର ସମ୍ଭାବନାକୁ ଦୁଇ ନେତାଙ୍କ ମଧ୍ୟରୁ କେହି ବି ଅସ୍ୱୀକାର କରିନାହାଁନ୍ତି।

# ଶଙ୍ଖଚିଲା ହାଟରେ ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନରେ ବ୍ୟାସନଗର ତହସିଲଦାରଙ୍କ ଚଢ଼ଉ

କୋରେଇ, (ପିପିଏସ): ଯାଜପୁର ଜିଲ୍ଲାରେ ଡାଇ ରିଆ ସ୍ଥିତି ଦିନକୁ ଦିନ ସଙ୍କଟଜନକ ହୋଇଥିବା ବେଳେ ଯାଜପୁର, ବ୍ୟାସନଗର, ପାଣିକୋଇଲି, ଧର୍ମଶାଳା, ଦାନଗଡି, ସୁକିନ୍ଦାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ ଓ ଜଳ ଖିଆ ଦୋକାନ ରାସ୍ତା କଡ଼ରେ ଥିବା ପାଷ୍ଟଫୁଡ



ଦୋକାନୀମାନଙ୍କୁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଇ ତାଗିଦ କରିଥିବା ବେଳେ ରବିବାର ଦିନ ଶଙ୍ଖଚିଲା ହାଟରେ ବ୍ୟାସନଗର ତହସିଲଦାର, ବଡବିରୁଆଁ ଆର ଆଇ, ଶଙ୍ଖଚିଲା ଫାଣ୍ଡି କର୍ମଚାରୀ ହାଟରେ ଥିବା ଜଳଖିଆ ଦୋକାନ, ଫାଷ୍ଟଫୁଡ ଦୋକାନ, ହୋଟେଲ ମାନଙ୍କରେ ତନ ତନ କରି ଖାଦ୍ୟରମାନ ଯାଞ୍ଚ କରିବା ସହିତ ଦୋକାନୀ ମାନଙ୍କୁ ତାଗିଦ୍ କରିଥିଲେ। ଏହି ଯାଞ୍ଚ ରେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ବଡବିରୁଆଁ ଆର ଆଇ ରଶ୍ମିତା ସେଠୀ, କଷ୍ଟେ ପୃତି, ଶଙ୍ଖଚିଲା ଫାଣ୍ଡି କର୍ମଚାରୀ ଶୁଭାଶିଷ ଦାସ, ଭୀମ ଚରଣ ନାୟକ ପ୍ରମୁଖ ସାମିଲ ଥିଲେ।

# ଚଣ୍ଡିଗାଁ ପଞ୍ଚାୟତରେ ପହଞ୍ଚିଲା ବିକାଶ ବାହନ ରଥ

ଭଦ୍ରକ, (ପିପିଏସ୍): ଭଦ୍ରକ ବ୍ଲକ୍ ଅଧିନସ୍ଥ ଚଣ୍ଡିଗାଁ ଗ୍ରାମପଂଚାୟତ ରେ ଆଜି ବିକାଶ ବାହନ ରଥ ଆସି ପହଂଚିଥିଲା । କେନ୍ଦ୍ର ସରକାରଙ୍କର ଏଗାର ବର୍ଷ ପୂର୍ତ୍ତି ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ରେ ସରକାରଙ୍କ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ସମ୍ବନ୍ଧରେ ଜନସାଧାରଣ ମାନଙ୍କୁ ପାଲା, କୀର୍ତ୍ତନ ଏବଂ ଏଲ୍ ଇ ଡି ମାଧ୍ୟମରେ ଅବଗତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କମଳା କାନ୍ତ ନାୟକ, କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ପାତ୍ର, ଗ୍ରାମ ସେବକ ରାମଚନ୍ଦ୍ର ମୁର୍ମୁ, ଏ ଡି ଇ ଓ ଭାଗିରଥି ସାହୁ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ଗ୍ରାମ ପଂଚାୟତ ର ସରପଂଚ ଅଭିମନ୍ୟୁ ଜେନା, ସମାଜ



ସେବୀ ଶରତ କୁମାର ପରିଡ଼ା , ବିମଳ ବିଶ୍ୱାଳ, ପବିତ୍ର ଉଛାୟାତ, ବୁଲୁ ବିଶ୍ୱାଳ ଙ୍କ ସହଯୋଗରେ ଆଜି ଅନ୍ତ୍ୟୋଦୟ ଗୃହ ଯୋଜନାରେ ବାର ଜଣ ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ , ପନ୍ଦର ଜଣଙ୍କୁ ନୂତନ ଜବ୍ କାର୍ଡ, ଦଶ ଜଣଙ୍କୁ ଆୟୁଷ୍ମାନ କାର୍ଡ , ପାଂଚ ଜଣ ହିତାଧିକାରୀଙ୍କୁ ନୂତନ ରେସନ୍ କାର୍ଡ ଏବଂ ବାର ଜଣଙ୍କୁ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା । ପୂର୍ବରୁ ପାଇଥିବା ସୁଭଦ୍ରା ଯୋଜନା ଓ ନୂତନ ଭତା ପାଇଥିବା ସମସ୍ତ ହିତାଧିକାରୀ ମାନେ ଆମ୍ଭର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଭୂୟସୀ ପ୍ରଶଂସା, ଶୁଭେଚ୍ଛା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆଜି ଶେଷ ରଜ, ଗାଁ ଠୁ ସହର ଉତ୍ସବ ମୁଖର

ଅସ୍ତରଙ୍ଗ (ପିପିଏସ୍): ଓଡିଶାର ସଂସ୍କୃତି ଓ ପରମ୍ପରାର ପର୍ବ ରଜ। ପହିଲି ରଜ, ରଜ ସଂକ୍ରାନ୍ତି ପରେ ଆଜି ଶେଷ ରଜ ପାଳୁଛନ୍ତି ରାଜ୍ୟବାସୀ। ଶେଷ ରଜକୁ ଧୁମଧାମରେ ପାଳିବା ପାଇଁ ଉତ୍ସବମୁଖର ହୋଇଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁ। ପହିଲି ରଜକୁ ଉପଭୋଗ କରିବା ପରେ ରଜ ସଂକ୍ରାନ୍ତିର ମାହୋଲ ବେଶ ଜମିଥିଲା। ପିଠାପଣାର ବାସ୍ନାରେ ପୁରପଲ୍ଲୀରେ ମହକୁଛି। ଏହି ଦିନକୁ ମାଟି ଓ ମୌସୁମୀର ମିଳନ ପର୍ବ ବୋଲି କୁହାଯାଏ। ସଂକ୍ରାନ୍ତିରେ ଭଗବାନଙ୍କୁ ଦର୍ଶନ କରିବା ସହ ପିଠା ଖାଇ ସଜ ହୋଇ ରଜ ମଉଜ କରିଥିଲେ ସଭିଏଁ। ଶେଷ ରଜର ସକାଳକୁ ଉତ୍ସାହ ଓ ଉଦ୍ଦୀପନାର ସହ ସଭିଏଁ ସ୍ୱାଗତ କରିଛନ୍ତି। ତିନିଦିନ ଧରି ପାଳିତ ହେଉଥିବା ଏହି ଗଣ ପର୍ବର ଆଜି ତୃତୀୟ ଦିନ। ସମାନ ଭାବରେ ଗାଁରୁ ନେଇ ସହର ଚଳଚଞ୍ଚଳ ହୋଇଛି।



ପ୍ରତି ବର୍ଷ ଏହି ତିନିଦିନକୁ ଉତ୍ସାହର ସହିତ ପାଳନ କରନ୍ତି ପ୍ରତିଟି ଓଡିଆ। ସାଧାରଣତଃ କୃଷକମାନେ ରଜ ସଂକ୍ରାନ୍ତି ପୂର୍ବରୁ ଜମିରେ ଧାନ ବୁଣି ବର୍ଷାର ଆଗମନକୁ ଅପେକ୍ଷା କରିଥାନ୍ତି। ଆଷାଢ଼ର ପ୍ରଥମ ବର୍ଷା ପୃଥିବୀକୁ ଶୀତଳ କରିଥାଏ। ରଜ ତିନିଦିନ ଧରା ଉପରେ କୌଣସି କାର୍ଯ୍ୟ କରାଯାଇନଥାଏ। ସମସ୍ତ କୃଷି କାର୍ଯ୍ୟରୁ ବିରତି ନେଇ ଆନନ୍ଦଉଲ୍ଲାସରେ ମାତି ଯାଇଥାନ୍ତି କୃଷକଭାଇ। ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ। ମାଟି ମା' ହୁଏ ରଜସ୍ୱଳା। ମାଟି ମା' ବସୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ। କୁମାରୀମାନଙ୍କ ପାଇଁ ରଜପର୍ବ ବିଶେଷ ଗୁରୁତ୍ୱବହନ କରେ। ତେଣୁ ମା'ମାଟିକୁ ଝିଅମାନଙ୍କ ସହ ତୁଳନା କରାଯାଇ ସେମାନଙ୍କୁ ବିଶ୍ରାମ ଦିଆଯାଏ। ଆସନ୍ତାକାଲି (ମଙ୍ଗଳବାର) ବସୁମତୀ ସ୍ନାନ। ମାଟି ମାଆକୁ ପୂଜା କରାଯାଏ।

## କେନ୍ଦ୍ରାପଡାରେ ବ୍ୟାପିଲା ଝାଡ଼ାବାନ୍ତି

# ଜଣେ ମୃତ, ୨୦ ଅସୁସ୍ଥ

କେନ୍ଦ୍ରାପଡା, (ପିପିଏସ୍):କେନ୍ଦ୍ରାପଡ଼ା ଜିଲା ଓ ଯାଜପୁର ଜିଲାର ସୀମାରେଖାରେ ଥିବା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅଧିନ ଶ୍ୟାମସୁନ୍ଦରପୁର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏହାସହ ୨୦ରୁ ଅଧିକ ଗ୍ରାମବାସୀ ଅସୁସ୍ଥ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ସଜନୀ ମଲ୍ଲିକ(୬୦)। ସେହିପରି ତାଙ୍କ ବଡ଼ ପୁଅ ଭାଗିରଥୀ ମଲ୍ଲିକ(୪୩) ଓ ସାନ ପୁଅ ନିରଞ୍ଜନ ମଲ୍ଲିକ(୩୨)ଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଏହି ଗ୍ରାମର ସୁଧାଂଶ ମଲ୍ଲିକଙ୍କ ସମେତ ୨୦ରୁ ଅଧିକ ଅସୁସ୍ଥ ହୋଇଛନ୍ତି। ବିଜେପି ନେତା ତେଜେଶ୍ୱର ପରିଡ଼ା ଏହି ଗ୍ରାମକୁ ପରିଦର୍ଶନରେ ଯାଇ ମୃତକ ପରିବାରକୁ ଭେଟିଛନ୍ତି। ଏହାସହ ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ନିବେଦନ କରିଛନ୍ତି। ସେହିପରି ଗ୍ରାମର ଅବସ୍ଥା ସଂକ୍ରାନ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଓ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି।

# ଭାରସାମ୍ୟ ହରାଇ ଘରେ ପିଟିଲା କାର, ଅଳ୍ପକେ ବର୍ତ୍ତିଲେ ୪

ଗୋପ (ପିପିଏସ): ଗୋପ ଥାନା ଅନ୍ତର୍ଗତ ଗୋପ ବଜାର ଠାରେ ଦ୍ରୁତ ଗତିରେ ଆସୁଥିବା ଏକ ଡିଜିଆର କାର ଭାରସ୍ୟମ ହରାଇ ଏକ ଘରେ ପିଟି ହୋଇଯାଇଥିଲା ଫଳରେ ଅଳ୍ପକେ ବର୍ତ୍ତୀଯାଇଛନ୍ତି କାର ଭିତରେ ଥିବା ଚାରିଜଣ ଯାତ୍ରୀ। ସୂଚନା ଅନୁସାରେ ନିଆଳୀ ତମ୍ପଡା ଅଞ୍ଚଳରୁ କୋଣାର୍କ ବୁଲି ଫେରୁଥିବା ବେଳେ ଗୋପ ଦେବୀବଜାର ଠାରେ ଭାରସ୍ୟମ ହରାଇ ଓଡି ୦୨ ସିଜେ ୮୨୩୩ ନମ୍ବର ଏକ ଡିଜିଆର କାର ଦୋକାନ ଘରେ ପିଟିହୋଯାଇଥିଲା। ଘଟଣା ସ୍ଥଳରେ ଘରର ସିମେଣ୍ଟ କାନ୍ଥ ଭାଙ୍ଗିଯିବା ସହ ଘରର ଆଜବେଷ୍ଟେଜ ଅଜାଡି ହୋଇ ପଡିଥିଲା। ଦୃଘଟଣା



ପରେ ସ୍ଥାନୀୟ ଲୋକେ କାର ଭିତରେ ଥିବା ଚାରିଜଣ ଯୁବକଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରିଥିଲେ। ଫଳରେ କିଛି ସମୟ ପାଇଁ ଗୋପ କୋଣାର୍କ ରାସ୍ତା ଯାମର ସମ୍ମୁଖୀନ ହୋଇଥିଲା। ଘଟଣା ସ୍ଥଳରେ ଗୋପ ପୋଲିସ ପହଁଚି ଦୃଘଟଣା କାର ଟିକୁ ରାସ୍ତାରୁ ଉଠାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏପଟେ କାର ଦୃଘଟଣାରେ ଘର ଭାଙ୍ଗିଯାଇଥିବାରୁ ଘର ମାଲିକ କାଳନ୍ଦୀ ସାହୁ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ଗୋପ ପୋଲିସ କାର ଟିକୁ ଜବତ କରି ତଦନ୍ତ ଚଳାଇଛି।

# ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଚାରିଛକ,(ପିପିଏସ): ଚାରିଛକ ଥାନା ଅନ୍ତର୍ଗତ ବେଲପଡା ନିକଟସ୍ଥ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠଠାରେ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ବଂଶୀଧର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ବିଶ୍ୱଶାନ୍ତି ମହାଯଜ୍ଞରେ ଆଖ ପାଖ ଗ୍ରାମର ମହିଳା ଓ ପୁରୁଷ ଭକ୍ତମାନେ ଯୋଗ ଦେଇଥିଲେ। ୫୦ ଜଣ ଭକ୍ତ ଏକ ଶୋଭାଯାତ୍ରାରେ ଯାଇ ପୁଣ୍ୟତୋୟା ପ୍ରାଚୀ ନଦୀରୁ ପାଣି ତୋଳି ଆସିବା ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ବିଜୟ କୁମାର ସାହୁ କାର୍ଯ୍ୟ କରିଥିଲେ। ଏହି ମହାଯଜ୍ଞ ତିନିଦିନ ଧରି ଅନୁଷ୍ଠିତ ହେବା ସହିତ ରବିବାର ସଂଧ୍ୟାରେ ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା ଓ ଶହ ଶହ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ତିନି ଦିନ ଧରି ପ୍ରତ୍ୟେକ ରାତ୍ରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ରହ୍ମାକୁମାରୀ ଆଶ୍ରମରେ ରଜପର୍ବ ପାଳିତ

ଭଦ୍ରକ, (ପିପିଏସ୍): ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଭଦ୍ରକ କେନ୍ଦ୍ର ରେ ରଜ ପର୍ବ ପାଳନ ସହ ଭଦ୍ରକ ସେବା କେନ୍ଦ୍ର ର ମୁଖ୍ୟ ସଂଚାଳିକା ବ୍ରହ୍ମକୁମାରୀ ମଞ୍ଜୁ ଭଉଣୀଙ୍କ ୭୦ତମ ଜନ୍ମଦିନ ବହୁ ଆନନ୍ଦ ଉଲ୍ଲାସ ସେ ପାଳିତ ହୋଇ ଯାଇଛି। ଉକ୍ତ କାର୍ଯକ୍ରମ ରେ ମାଉଂଟ ଆବୁ ରାଜସ୍ଥାନ ରୁ ରାଜ ଯୋଗୀ ବ୍ରହ୍ମକୁମାର ଓଁକାର ଭାଇ ତଥା ଜକ୍ଷଲୋରେ ରାଜସ୍ଥାନରୁ ବ୍ରହ୍ମାକୁମାରୀ ରଞ୍ଜୁ ଭଉଣୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅବସରପ୍ରାପ୍ତ ଡିଏସପି ଧୀରେନ୍ଦ୍ର ଦାସ, ବାଲିଆପାଳ ରୁ ଅଧ୍ୟାପିକା ବ୍ରହ୍ମକୁମାରୀ ପ୍ରତିଭା, ବାଲେଶ୍ୱର ରୁ ବ୍ରହ୍ମକୁମାରୀ ମଧୁସ୍ମିତା ପ୍ରମୁଖ ଯୋଗ ଦେଇଥିଲେ। ଜନ୍ମଦିନ ଅବସରରେ ଭଦ୍ରକର ବିଭିନ୍ନ ସ୍ଥାନରୁ



ଦୁଇ ଶହରୁ ଉର୍ଦ୍ଧ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ। କାର୍ଯକ୍ରମ ଆରମ୍ଭରେ ବ୍ରହ୍ମକୁମାରୀ ଅର୍ପିତା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ , ଅଦ୍ୟକ୍ଷସା, ଶ୍ରଦ୍ଧାଞ୍ଜଳି ,ଅଙ୍କିତା,ବ୍ରହ୍ମକୁମାର ଦୀପକ , ବ୍ରହ୍ମକୁମାର ସୌଭାଗ୍ୟ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ବ୍ରହ୍ମାକୁମାର ସୁରେନ୍ଦ୍ର ଓ ଆଦିତ୍ୟ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରିଥିଲେ।ମଞ୍ଜୁ ଭଉଣୀଙ୍କ ତ୍ୟାଗ ଓ ତପସ୍ୟା ର ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ।ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମଞ୍ଜୁ ଜନ୍ମଦିନ ଅବସର ରେ ଭଉଣୀଙ୍କ ସ୍ନେହ ଓ ଆଧ୍ୟାତ୍ମିକତା ପ୍ରତି ନିଷ୍ଠା ର ବର୍ଣ୍ଣନା କରିଥିଲେ। ଜନ୍ମଦିନରେ କେକ୍ କଟିଙ୍ଗ କରା ଯାଇଥିଲା ଓ ଜନ୍ମଦିନ ପାଇଁ ଇଶ୍ୱରୀୟ ଉପହାର ପ୍ରଦାନ କରାଯାଇ ଥିଲା ଓ ସମସ୍ତେ ବ୍ରହ୍ମାଭୋଜନ କରିଥିଲେ।

# ରଜରେ ଜୁଆଖେଳ, ୫ଗିରଫ

ଚୌଦ୍ୱାର,(ପିପିଏସ୍): ରଜ ସଂକ୍ରାନ୍ତିରେ ବିଭିନ୍ନସ୍ଥାନରେ ଜୁଆଖେଳ ଚାଲିଥିବା ଖବର ପାଇ ଚୌଦ୍ୱାର ପୋଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ନଗଦ ଟଙ୍କା ଓ ତାସ୍ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲ୍ଲା ମିର୍ଜାପୁରର ପଞ୍ଚାନନ ସାହୁ (୫୫), ସଲେପୁର ଥାନା ମାଳଲେଖନପୁରର ରଞ୍ଜିତ ଲେଙ୍କା(୩୬), ଚୌଦ୍ୱାର ନୂଆବଣିଆସାହିର କିଶୋର ମହାରଣା(୪୦), ପ୍ରତାପ ଚନ୍ଦ୍ର ବାରିକ(୩୮) ଓ ରବିନ୍ଦ୍ର ମହାରଣା (୨୨) । ସେମାନଙ୍କ ନିକଟରୁ ନଗଦ ୩ହଜାର ୭୬୦ଟଙ୍କା ଓ ତାସମୁଠା ଜବତ କରାଯାଇଛି । ଏମାନେ ଚୌଦ୍ୱାର ମଙ୍ଗଳାସାହି ନିକଟ ଚାଟେଶ୍ୱର ଶ୍ମଶାନ ପିଣ୍ଡିରେ ଜୁଆ ଖେଳୁଥିବା ବେଳେ ପୋଲିସ ହାତରେ ଧରା ପଡ଼ିଥିଲେ।

# ବରିଷ୍ଠମାନଙ୍କ ପ୍ରତି ଅନ୍ୟାୟ, ଅବହେଳା ସମ୍ପର୍କିତ ସଚେତନତା ଶିବିର

ଭଦ୍ରକ, (ପିପିଏସ୍): ଜାତୀୟ ଆଇନ୍ସେବା ପ୍ରାଧିକରଣ, ନୂଆଦିଲ୍ଲୀଙ୍କ ପ୍ରଦତ୍ତ ବିଶ୍ୱ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଏବଂ ଅବହେଳା ସମ୍ପର୍କିତ ସଚେତନତା ଶିବିରକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂସ୍କୃତି ବିଭାଗ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଲୋକ ରଥ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତାପସ କୁମାର ମହାନ୍ତି, ମୋଜାହିଦ୍ ଅଖତାର ଖାନ, ଏଲ.ଏ.ଡି.ସି.ଏସ.ର କର୍ମୀ, ଭଦ୍ରକ, ସୁବାଷ ଚନ୍ଦ୍ର ନାୟକ, ଭାରପ୍ରାପ୍ତ, ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଲଲାଟେନ୍ଦୁ ମହାନ୍ତି, ସଭାପତି, କୈଳାସ ଚନ୍ଦ୍ର ମହାପାତ୍ର, ସଂପାଦକ, ପଦ୍ମନ କୁମାର ରାୟ, ଉପସଭାପତି, ବରିଷ୍ଠ ନାଗରିକ ମହାସଂଘ, ଭଦ୍ରକ ପ୍ରମୁଖ ଅତିଥିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଥିବା ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କୁ ସେମାନଙ୍କ ପାଇଁ ଥିବା ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜାତୀୟ ଆଇନ୍ ସେବା ୧୫୧୦୦ (ଦେୟମୁକ୍ତ) ସହାୟତା ନମ୍ବର ଜରିଆରେ ମଧ ସହାୟତା ପାଇଁ ଜଣାଇ ଦିଆଯାଇଥିଲା। ସମସ୍ତ ଅତିଥିବୃନ୍ଦ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ପାଇଁ ଥିବା ଆଇନ୍ ସମ୍ପର୍କରେ ସଚେତନ କରାଇଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜର ବୟୋବୃଦ୍ଧ ପିତାମାତାଙ୍କୁ ଅବହେଳା ନକରି ସେମାନଙ୍କୁ ଉଚିତ୍ ସମ୍ମାନ ଦିଅନ୍ତୁ ଏବଂ ପରିଣତ ବୟସରେ ସେମାନଙ୍କର ଦାୟିତ୍ୱ ଏବଂ ଯତ୍ନ ନିଅନ୍ତୁ ଯଦ୍ୱାରା ବରିଷ୍ଠ ବ୍ୟକ୍ତିଟିଏ ନିଜକୁ ଆଉ ଅସହାୟ ଭାବିବ ନାହିଁ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ନିମିତ୍ତ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଡାକ୍ତର ମାନଙ୍କ ସହଯୋଗରେ ସେମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପରୀକ୍ଷା କରାଯାଇଥିଲା ତଥା ବୟୋବୃଦ୍ଧ ଏବଂ ବୃଦ୍ଧାମାନେ ଏବେ କିପରି ଖାଦ୍ୟ ଖାଇବା, ବ୍ୟାୟାମ କରିବା ଆବଶ୍ୟକ ସେ ସମ୍ପର୍କରେ ମଧ ଉପଦେଶ ଦିଆଯାଇ ସଚେତନ କରାଯାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସହଯୋଗ କରି ଆଗେଇ ନେଇଥିଲେ।

# କବି ବସନ୍ତ ମୁଦୁଲିଙ୍କ ୩୯ତମ ଶ୍ରାଦ୍ଧୋତ୍ସବ

ଭଦ୍ରକ, (ପିପିଏସ୍): କବିଟିଏର ପାର୍ଥିବ ଶରୀର ଭଙ୍ଗୁର ହେଲେ ବି ତା'ର ସ୍ୱପ୍ନ ଓ ଚେତନାର ମୃତ୍ୟୁ ନ ଥାଏ।ଅବର୍ତମାନରେ ମଧ୍ୟ ତାଙ୍କ କାବ୍ୟସ୍ୱର ଅନୁରଣିତ ହେଉଥାଏ ପରପୀଢିର କବିମାନଙ୍କ ସୃଷ୍ଟିରେ।କାଳଜୟୀ କବି ବସନ୍ତ ମୁଦୁଲିଙ୍କ କବିତାର ପ୍ରେମ ଓ ବିଦ୍ରୋହର ସ୍ୱର ଏବେର ସ୍ରଷ୍ଟାଙ୍କୁ ଆଲୋଡିତ କରୁଛି ବୋଲି କବିଙ୍କ ୩୯ତମ ଶ୍ରାଦ୍ଧୋତ୍ସବରେ ମତ ପ୍ରକାଶ ପାଇଛି। ଚିଙ୍ଗୁଡିପୁରସ୍ଥିତ କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ସଭାପତି ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ କବିଙ୍କ ସ୍ମୃତିରେ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ପାଠାଗାର ପରିସରରେ ଆୟୋଜିତ ସଭାରେ ସାହିତ୍ୟିକ ବାସୁଦେବ ବାରିକ ମୁଖ୍ୟ ଅତିଥି, 'ପ୍ରେମ ପୃଥିବୀ'ର ସଂପାଦକ କୈଳାଶ ଚନ୍ଦ୍ର



ପଣ୍ଡା ମୁଖ୍ୟବକ୍ତା ଏବଂ ସାହିତ୍ୟିକ ରମେଶ ସ୍ୱାଇଁ,ସ୍ଥାନୀୟ ସରପଂଚ ଅମୂଲ୍ୟ ନାୟକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ କୁମାର ଖିଲାର ଯୋଗଦେଇଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ନାୟକ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସ୍ମୃତି ସଂସଦର ସହ ସଂପାଦକ ଅମିତାଭ ଖିଲାର। ଏହି ଅବସରରେ ନିକଟରେ ପରଲୋକପ୍ରାପ୍ତ ସ୍ମୃତି ସଂସଦର ସଦସ୍ୟ ରଘୁନାଥ ଦାସଙ୍କ ନିମନ୍ତେ ଏକମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।ଏହି ଶ୍ରାଦ୍ଧୋତ୍ସବରେ ଶିକ୍ଷାବିତ ବିନୋଦ ମହାରଣା,ନିରଂଜନ ସ୍ୱାଇଁ, ପ୍ରମୋଦ ପରିଡା,ବିଜୟ କୁମାର ଖିଲାର,ନିରଂଜନ ବାରିକ, ରାମ ରାଉତ,ମହେଶ୍ୱର ରାଉଳ,ସୁଶାନ୍ତ କୁମାର ନାୟକ, କବି ଜୟ ଜଗନ୍ନାଥ ମଲ୍ଲିକ, ସାମ୍ବାଦିକ ସାଇଶଙ୍କର ମହାକୁଡ, ସୁବାସ ସାମଲ ପ୍ରମୁଖ ଯୋଗ ଦେଇ କବିଙ୍କ ସ୍ମୃତିଚାରଣ କରିଥିଲେ।

# ଆକ୍ରମଣ ଘଟଣାରେ ଜଣେ ଗିରଫ

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ପଦାଗାଁରେ ଶନିବାର ଦିନବେଳା ରଜ ଉତ୍ସବ ଚାଲିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ସାଗର ବାରିକ(୨୫) ନାମକ ଜଣେ ବ୍ୟକ୍ତି ଏକ ଫାର୍ସାରେ ସେହି ଗ୍ରାମର କ୍ଷୀର ବାରିକ୍ଙ୍କୁ ଆକ୍ରମଣ କରିଥିଲେ । ଫାର୍ସା ମାଡ଼ରେ କ୍ଷୀର ଗୁରୁତର ଆହତ ହେବାରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ମେଡ଼ିକାଲକୁ ପଠା ଯାଇଛି। ଅଭିଯୋଗପାଇ ପୋଲିସ୍ ଘଟଣାରେ ଅନୁସଂଧାନ କରି ଅଭିଯୁକ୍ତ ସାଗରକୁ ଗିରଫ କରି ରବିବାରଦିନ କୋର୍ଟ ଚାଲାଣ କରିଛି।

# ବନ୍ଦେ ଉତ୍କଳ ପକ୍ଷରୁ ରଜୋତ୍ସବ

କଟକ: ବନ୍ଦେ ଉତ୍କଳ ଅନୁଷ୍ଠାନ ତରଫରୁ ରଜ ଉତ୍ସବ ଆଜି ସନ୍ଧ୍ୟାରେ ବଙ୍ଗାଳିସାହିସ୍ଥିତ 'ମା ଶାରଳା ସଦନ' ଠାରେ ପ୍ରତିଷ୍ଠାତା ଆଇନଜୀବୀ ଶ୍ରୀ ଦେବସ୍ମାନ ଦାସଙ୍କ ସଭାପତିତ୍ୱରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି କ୍ଷ ନଳିନୀ ଦେବୀ ମହାବିଦ୍ୟାଳୟ, ଭୁବନେଶ୍ୱରର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଡ଼ଃ ବ୍ରଜ କିଶୋର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ 'ରଜ ଉତ୍ସବ' କୁ ଉଦଘାଟନ କରି ମାତୃଶକ୍ତିର ଜାଗ୍ରତ ଦ୍ୱାରାହିଁ ଜାତିର ଯଥାର୍ଥ ବିକାଶ ସମ୍ଭବପର ହେବ ବୋଲି କହିଥିଲେ କ୍ଷ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ ବରେଣ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ କଟକ ବାର ଆସୋସିଏସନର ସଭାପତି ଶ୍ରୀ ଦାମୋଦର ଦେଓଙ୍କୁ ବନ୍ଦେ ଉତ୍କଳ ତରଫରୁ 'ରଜ ସମ୍ମାନ' ରେ ସମ୍ମାନିତ କରାଯଇଥିଲା । ଏହି ଅବସରରେ 'ଶ୍ରୀମାଳିନୀ ନୃତ୍ୟ ଅନୁଷ୍ଠାନ'ର ପ୍ରତିଷ୍ଠାତା ଶ୍ରୀମତୀ ଶ୍ରୀମାଳିନୀ ଦାଶଙ୍କ ସଂଯୋଜନାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଗୋପ ତୁଳସୀ ଆଞ୍ଚଳିକ ମଞ୍ଚ ତରଫରୁ ୪ର୍ଥ ବାର୍ଷିକ ରଜୋତ୍ସବ

ଗୋପ (ପିପିଏସ): ଓଡ଼ିଶାର କୃଷି ଭିତିକ ଗଣପର୍ବ ରଜ ପର୍ବ ର ଦ୍ୱିତୀୟ ଦିବସକୁ ଧୂମ୍ ଧାମରେ ପାଳିତ ହେଉଛି ରଜ ମହୋତ୍ସବ। ଗାଁ ଠୁ ସହର ଯାଏ ପିଠା ଓ ମିଠା ର ବାସ୍ନାରେ ମହକୁଛି। ହେଲେ ଓଡ଼ିଶାର ଗଣପର୍ବ ଭାବେ ପରିଚିତ ରଜ ପର୍ବ ଗାଁ ଗହଳିରୁ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଲାଣି। ପୂର୍ବଭଳି ଆଉ ଆମ୍ବ ତୋଟା ରେ ରଜ ଦୋଳି ଦେଖିବାକୁ ମିଳୁନି କି ପୋଡପିଠାର ମହକ ମିଳୁନି। ହେଲେ ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଅଣ୍ଟା ଭିଡିଛନ୍ତି ଗୋପ ତୁଳସୀ ଆଂଚଳିକ ମଂଚ। ଏହି ମଞ୍ଚ ପକ୍ଷରୁ ରଜର ଦ୍ୱିତୀୟ ଦିବସ ତଥା ରଜ ସଂକ୍ରାନ୍ତି ଅବସରରେ ଆଜି ଗୋପ ଆଖଣ୍ଡଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ୪ର୍ଥ ବାର୍ଷିକ ରଜ ମହୋତ୍ସବ ଧୂମ୍ ଧାମରେ ପାଳିତ ହୋଇଛି। ତୁଳସୀ ଆଞ୍ଚଳିକ ମଞ୍ଚ ପକ୍ଷରୁ ମନ୍ଦିର ପରିସରରେ ଦୋଳି ଲାଗିଥିବା ବେଳେ ଝିଅ ବୋହୂ ମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳିର ବେଶ୍ ମଜ୍ଜା ନେଉଛନ୍ତି।


ଏହି ଅବସରରେ ଆୟୋଜିତ



ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ କସ୍ତୁରୀ ବାଳା ସ୍ୱାଇଁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଆଖଣ୍ଡଳେଶ୍ୱର ମହିଳା ଶକ୍ତି ସଂଗଠନର ସଭାପତି ଜେନା ରାଣୀ, ସଂପାଦିକା ଶୈଳବାଳା ପରମାଣିକ, ଏମବିକେ ସୁକାନ୍ତି ଦେଇ, ତୁଳସୀ ଆଞ୍ଚଳିକ ମଞ୍ଚର ସଭାପତି ମମତା ସିଂ, ସଂପାଦିକା ରୀତାରାଣି ଦାସ, ସିଆରପି ସୁଲୋଚନା ସିଂ, ମନୋରମା ସିଂ, ପୂର୍ଣ୍ଣିମା ଦେଇ, ଭାନୁ କାର୍ଣ୍ଣି ଯୋଗଦେଇ ଆଗାମୀ ଦିନରେ ଏହି ଉତ୍କଳୀୟ ପରମ୍ପରାର ନିଆରା ଗଣପର୍ବ ରଜକୁ ଉଜ୍ଜୀବିତ କରି ରଖିବା ସହ ଆହୁରି ସରସ ସୁନ୍ଦର କରିବା ଏବଂ ଉତ୍ସାହ ସହ ପାଳନ ପାଇଁ ମତବ୍ୟକ୍ତ କରିଥିଲେ। ପରେ ଝିଅ ବୋହୂମାନଙ୍କ ମଧ୍ୟରେ ହୁଳହୁଳି ଶଙ୍ଖ ବାଦନ, ପିଠା, ପାନ ଆଦି ପ୍ରତିଯୋଗିତା ହୋଇଥିବା ବେଳେ କୁନି କୁନି ପିଲାମାନଙ୍କ ମଧ୍ୟରେ ହୋଇଥିବା ନାଚ ଗୀତ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ପ୍ରତିଯୋଗୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ତ୍ୱରିତ ନ୍ୟାୟ ପାଇଁ ଗୁହାରିକଲେ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିଅନ୍‌ର ସଦସ୍ୟ

ପାରାଦୀପ (ପିପିଏସ୍): ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନର ସାଧାରଣ ସମ୍ପାଦକ ନିରଞ୍ଜନ ମହାପାତ୍ର ରବିବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ଅଭିଯୋଗ କରିଛନ୍ତି ଯେ ପୂର୍ବତନ ସାଧାରଣ ସମ୍ପାଦକ ସନାତନ ବେହେରା କିଛି ଅସାମାଜିକ ଲୋକମାନଙ୍କୁ ଧରି ୟୁନିଅନକୁ କବ୍ଜା କରି ରଖିଛନ୍ତି। ଯାହାକୁ ନେଇ ଗତ କିଛିଦିନ ତଳେ ୟୁନିଅନର ସଭାପତି ଲିଙ୍ଗରାଜ ମହାନ୍ତି ଓ ସାଧାରଣ ସମ୍ପାଦକ ନିରଞ୍ଜନ ମହାପାତ୍ର ଏବଂ ୟୁନିଅନର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡ଼ିଏମ), ଏଏସପି, ଡ଼ିଏଲସି ଓ ଆଦର୍ଶ ଥାନା ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡ଼ିଏମଙ୍କ ଅଧ୍ୟକ୍ଷତାରେ ୧୫/୦୫/୨୦୨୫ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସମସ୍ତଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିଲା ଯେ ସମସ୍ୟା ର ସମାଧାନ ନହେବା ପର୍ଯ୍ୟନ୍ତ ଉଭୟ ଗୋଷ୍ଠୀ ପକ୍ଷରୁ ୫ ଜଣ ଲେଖାଏଁ ୟୁନିଅନରେ ରହିବେ ଓ କୌଣସି ବିଶୃଙ୍ଖଳା କରିବେ ନାହିଁ କି ବେଶୀ ଲୋକଙ୍କୁ ୟୁନିଅନରେ ଏକାଠି କରିବେ ନାହିଁ। କିନ୍ତୁ ପୂର୍ବତନ ସମ୍ପାଦକ ସନାତନ ବେହେରା ପୂର୍ବତନ ସଭାପତି ତନ୍ମୟ ଜେନାଙ୍କ କଥାରେ ପଡି ୟୁନିଅନରେ ଇଫକୋ, ପିପିଏଲ ଏବଂ ରିଫାଇନାରୀ ଶ୍ରମିକମାନଙ୍କୁ ଆଣି ୟୁନିଅନରେ ପୁରାଇ ବିଶୃଙ୍ଖଳା କରିବା ସହିତ ଆମକୁ ଧମକ ଚମକ ଦେଇ ମାରିଦେବାର ଭୟ ଦେଖାଇ ସେଠାରେ ପୁରାଇ ନ ଦେଇ ପ୍ରଶାସନ ଦେଇଥିବା ନିଷ୍ପତ୍ତିକୁ ମାନୁନଥିବା ଅଭିଯୋଗ କରାଯାଇଛି। ଯାହା ଦ୍ୱାରା ଆମେ ନିରୁପାୟ ହୋଇ ଗତ ୯/୦୬/୨୦୨୫ ତାରିଖ ରେ ପାରାଦୀପ



ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିଲୁ ବୋଲି ସାଧାରଣ ସମ୍ପାଦକ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। କିନ୍ତୁ ତଦନ୍ତକୁ ଭଣ୍ଡୁର କରିବାକୁ ତନ୍ମୟ ଜେନା ଓ ସନାତନ ବେହେରା ପୋଲିସ ପ୍ରଶାସନ ବିରୋଧରେ ମିଛ ମନ ଗଢ଼ା କଥା କହିବା ସହିତ ଆମକୁ ୟୁନିଅନରେ ପୁରାଇ ନ ଦେବାକୁ ଭୟ ଦେଖାଉଥିବା ନେଇ ୟୁନିଅନ ର କର୍ମକର୍ତ୍ତା ମାନେ କ୍ଷୋଭର ସହ କହିଛନ୍ତି। ଏଠାରେ ସୂଚନାଥାଉକି ପାରାଦ୍ୱୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନ କେବଳ ପାରାଦୀପରେ କାର୍ଯ୍ୟରତ ଶ୍ରମିକଙ୍କୁ ନେଇ ଗଠିତ ହୋଇଛି ଏବଂ ପାରାଦୀପ ପୋର୍ଟ ଅଥରିଟି କେବଳ ଏହି ସଂଘ ନକ୍ଷମରେ ଅଫିସ ଗୃହ ପ୍ରଦାନ କରିଛନ୍ତି। ଇଫକୋ, ପିପିଏଲ ଓ ରିଫାଇନାରୀ ପାଇଁ ଅଲଗା ଅଲଗା ନାମରେ ୟୁନିଅନ ଗଠିତ ହେବା ସହିତ ସେଠାରେ ମଧ ବିଭିନ୍ନ କାର୍ଯ୍ୟାଳୟ ରହିଛି। ସ୍ୱର୍ଗତ ଘନଶ୍ୟାମ ଜେନା ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନ ପାଇଁ ସ୍ୱତନ୍ତ୍ର ବାଇଲ ତିଆରି କରିଥିଲେ। ଏହି ବାଇଲ'ର ନିୟମ ଅନୁଯାୟୀ ପାରାଦୀପ ବନ୍ଦରରେ କାର୍ଯ୍ୟରତ ଜଣେ ଶ୍ରମିକ ହିଁ ୟୁନିଅନର ସାଧାରଣ ସମ୍ପାଦକ ହୋଇପାରିବେ। ସ୍ୱର୍ଗତ ଘନଶ୍ୟାମ ଜେନାଙ୍କ ସମୟରେ ଏହି ନିୟମ ଲାଗୁ ହୋଇ ଆସୁଥିଲା। ତେବେ ପୂର୍ବତନ ସାଧାରଣ ସମ୍ପାଦକ ସନାତନ ବେହେରା ପ୍ରାୟ ୪ ବର୍ଷ ହେବ ଚାକିରୀରୁ ଅବସର ନେଇସାରିଲେଣି। କିନ୍ତୁ କୌଣସି ନିୟମକୁ ତନ୍ମୟ ଜେନା ଓ ସନାତନ ବେହେରା ମାନିବାକୁ ପ୍ରସ୍ତୁତ ନାହାନ୍ତି କ୍ଷ ଏହାର କାରଣ ସ୍ୱର୍ଗତ ଘନଶ୍ୟାମ ଜେନା ୟୁନିଅନ ଚାଲିବାକୁ ଶ୍ରମିକଙ୍କ ପଇସାରେ ଏବଂ ଶ୍ରମିକଙ୍କ ପାଇଁ ସ୍ଥାୟୀ ରୋଜଗାରର ବ୍ୟବସ୍ଥା କରାଇ ଦେଇଛନ୍ତି।

ଏହି କ୍ରମରେ ପୁରୀଠାରେ ଏକ ହଲିଡେ ହୋମ ଯାହାର ମାସିକ ରୋଜଗାର ପ୍ରାୟ ୫ରୁ ୬ ଲକ୍ଷ ଟଙ୍କା, ତାରିଣୀଗଡା ଠାରେ ୨୦ ଡ଼ିସିମିଲର ଏକ ପ୍ଲଟ ଯାହାର ଆନୁମାନିକ ମୂଲ୍ୟ ୨ କୋଟି ରୁ ଉର୍ଦ୍ଧ ହେବ, ୟୁନିଅନ ବ୍ୟାଙ୍କ ଖାତାରେ ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ଜମା ଏବଂ ୟୁନିଅନ ନାଁରେ ଦୁଇଟି ମୂଲ୍ୟବାନ କାର ରହିଛି। ଏହିସବୁ ସମ୍ପତ୍ତିକୁ ତନ୍ମୟ ଜେନା ନିଜ ନାମରେ କରାଇବାକୁ କୌଣସି ନିୟମକୁ ନମାନିବା ସହିତ ପଦବୀ ଏବଂ ସଂଘର ଘରକୁ ଛାଡୁ ନାହାନ୍ତି। ତେଣୁ ଏବାବଦରେ ଆମ୍ଭେ ଏ ସମସ୍ତ କଥା କୁ ସମସ୍ତ ପ୍ରଶାସନ ଅଧିକାରୀଙ୍କୁ ଅବଗତ କରାଇଛୁ। ଏଣୁ ଆମ୍ଭେ ଗଣମାଧ୍ୟମ ଜରିଆରେ ଜଣାଉଅଛୁ କିଏ ସମସ୍ତ ଘଟଣାକୁ ସଠିକ ତଦନ୍ତ କରି ୟୁନିଅନର ସମସ୍ତ ସମ୍ପତିକୁ ସୁରକ୍ଷା ଦେବା ସହିତ ତନ୍ମୟ ଜେନା ଓ ସନାତନ ବେହେରାଙ୍କ ବିରୁଦ୍ଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରୁଅଛୁ। ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି କାଳୁ ଚରଣ ବରାଳ, କୋଷାଧକ୍ଷ ନବୀନ ବଳିୟାରସିଂ, ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ଯୁଗ୍ମ ସମ୍ପାଦକ ବିଜୟ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।


## କଟକ ଉନ୍ନୟନ କର୍ତ୍ତୃପକ୍ଷ

ଅରୁଣୋଦୟ ଭବନ, ଲିଙ୍କରୋଡ୍ କଟକ-୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତନଗର) ସେକ୍ଟର-୮ରେ ପ୍ଲଟ୍ ନଂ- ୮-୨ଏଫ୍/୩୬୯ଟିକୁ ଶ୍ରୀ ଅଭୟ କୁମାର ମହାନ୍ତି, ପିତା- ଲୋକନାଥ ମହାନ୍ତି, ସା- ମଠସାହି, ପୋ-ତୁଳସୀପୁର, ଥା- ବିଡ଼ାନାସୀ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀ ଅଭୟ କୁମାର ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରଣରେ ଶ୍ରୀ ଶ୍ରୀକାନ୍ତ ଯୋଶୀ, ପିତା- ସୁରେଶ କୁମାର ଯୋଶୀ, ପ୍ଲଟ୍-ନଂ-୬, ଆର୍ଯ୍ୟ ସମାଜ ନିକଟ, ପୋ-ଥାନା- ମାଣ୍ଡା ୱ୍ୟ, ଜିଲ୍ଲା ଝୁନ୍‌ଝୁନ୍, ରାଜ୍ୟ ରାଜସ୍ଥାନଙ୍କ ନାମରେ ମାଲିକା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛଅନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱାକ୍ଷର- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

CAD-779 OIPR- 13037/11/0292/2526

## ୧୫ବର୍ଷ ପରେ ଅଷ୍ଟ୍ରେଲିଆର ପ୍ରଥମ ଆଇସିସି ଫାଇନାଲ୍ ପରାଜୟ



ଲର୍ଡସ୍: ଅଷ୍ଟ୍ରେଲିଆ ୧୫ ବର୍ଷ ପରେ କୌଣସି ଆଇସିସି ଟ୍ରଫି ଫାଇନାଲ୍‌ରେ ପରାଜିତ ହୋଇଛି। ଗତ ଦେଢ଼ ଦଶନ୍ଧି ହେବ କ୍ରିକେଟ୍‌ର ତିନିଟି ଯାକ ଫର୍ମାଟ୍ ଯଥା ଟ୍ୱେଣ୍ଟି-୨୦, ଦିନିକିଆ ଓ ଟେଷ୍ଟ୍‌ର ଅପ୍ରତିଦ୍ୱନ୍ଦ୍ୱୀ ଦଳ ପାଲଟିଥିବା ଅଷ୍ଟ୍ରେଲିଆ ଶେଷ ଥର ପାଇଁ ୨୦୧୦ରେ ଆଇସିସି ଟ୍ରଫି ଫାଇନାଲ୍ ହାରିଥିଲା। ୧୫ ବର୍ଷ ତଳେ ବାର୍ବାଡସ୍‌ଠାରେ ଅନ୍ତିମ ଥର ପାଇଁ ଇଂଲଣ୍ଡ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଏହା ପରଠାରୁ ଅଷ୍ଟ୍ରେଲିଆ ୨୦୧୫ ଓ ୨୦୨୩ ଏକଦିବସୀୟ ବିଶ୍ୱକପ୍, ୨୦୨୧ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଏବଂ ୨୦୨୩ର ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ଫାଇନାଲ ଭଳି ପ୍ରତିଯୋଗିତାରେ ବିଜୟୀ ହୋଇଥିଲା।

ଏହା ମଧ୍ୟ ୫୦ ବର୍ଷ ମଧ୍ୟରେ କଙ୍ଗାରୁ ଦଳ ଖେଳିଥିବା ଚର୍ତୁଦଶ ଆଇସିସି ଫାଇନାଲ୍‌ରୁ ମାତ୍ର ଚତୁର୍ଥ ପରାଜୟ ହୋଇଥିଲା। ଅଷ୍ଟ୍ରେଲିଆକୁ ଏକଦିବସୀୟ ବିଶ୍ୱକପ୍ ସହ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍‌ରେ ବିଜେତା କରାଇଥିବା ପ୍ୟାଟ୍ କମିନ୍ସଙ୍କର ଅଧିନାୟକ ଭାବେ ମଧ୍ୟ ଏହା ପ୍ରଥମ ଆଇସିସି ଟ୍ରଫି ଫାଇନାଲ୍ ପରାଜୟ ହୋଇଛି। ସେହିଭଳି ଦୁଇଟି ଆଇସିସି ଟ୍ରଫି ଫାଇନାଲ୍ ହାରିବାରେ ଷ୍ଟିଭ ସ୍ମିଥ୍ (୨୦୧୦ ଟ୍ୱେଣ୍ଟି-୨୦ ବିଶ୍ୱକପ୍, ୨୦୨୫ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ଫାଇନାଲ୍) ପ୍ରଥମ ଓ ଏକମାତ୍ର ଅଷ୍ଟ୍ରେଲୀୟ ଖେଳାଳି ହୋଇଛନ୍ତି।

## ଗୋଟିଏ ଦିନରେ ଭାରତର ଦୁଇଟି ପରାଜୟ



ଲଣ୍ଡନ/ଅନ୍ତୱର୍ପ: ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ଉଭୟ ସମାନ ୨-୩ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ହାରି ଲଜ୍ଜିତ ହୋଇଛନ୍ତି। ବେଲଜିୟମ୍‌ର ଅନ୍ତୱର୍ପଠାରେ ଖେଳାଯାଇଥିବା ପୁରୁଷ ବର୍ଗ ମ୍ୟାଚ୍‌ରେ ଭାରତ ତୃତୀୟ କ୍ୱାର୍ଟର ସୁଦ୍ଧା ୨-୦ରେ ଆଗୁଆ ରହିଥିଲା। ତେବେ ଶେଷ କ୍ୱାର୍ଟରରେ ତିନିଟି ଗୋଲ୍ ବରଣ କରି ହାରିଥିଲା।

ଶେଷ ମିନିଟ୍ ବେଳକୁ ସ୍ଥିତି ୨-୨ ଥିଲା ବେଳେ ଖେଳ ଶେଷ ହେବାର ମାତ୍ର କେଇ ସେକେଣ୍ଡ ଭିତରେ ଗୋଲ୍ ଦେଇ ଅଷ୍ଟ୍ରେଲିଆ ରୋମାଞ୍ଚକ ବିଜୟ ହାସଲ କରିଥିଲା। ଭାରତର ଏହା କ୍ରମାଗତ ପଞ୍ଚମ ପରାଜୟ ଥିଲା। ଏହା ପୂର୍ବରୁ ବେଲଜିୟମ ଓ ଆର୍ଜେଣ୍ଟିନା ବିପକ୍ଷ ଦୁଇଟି ଲେଖାଏଁ ମ୍ୟାଚ୍‌କୁ ଭାରତ ହାରିଥିଲା। ସେହିଭଳି ଲଣ୍ଡନରେ ଖେଳାଯାଇଥିବା ମହିଳା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ତିନିଟି ଫିଲ୍ଡ ଗୋଲ୍ ଦେଇ ୩-୦ରେ ଆଗୁଆ ହୋଇଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଦୀପିକା ଓ ନେହା ଦୁଇଟି ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତର କରି ଆଶା ସୃଷ୍ଟି କରିଥିଲେ। ହେଲେ ସଜାଗ ଅଷ୍ଟ୍ରେଲୀୟ ରକ୍ଷଣଭାଗ ଭାରତକୁ ଆଉ ଗୋଲ୍ ଦେବାର ସୁଯୋଗ ନଦେଇ ଗୋଟିଏ ଗୋଲ୍ ବ୍ୟବଧାନରେ ମ୍ୟାଚ୍ ଜିତି ନେଇଥିଲେ।

## ବଡି ବିଲ୍‌ଡର ରଞ୍ଜନଙ୍କୁ ରୋକିପାରିନି ଦାରିଦ୍ର୍ୟ



ଭୁବନେଶ୍ୱର: ଦାରିଦ୍ର୍ୟର ପ୍ରତିବନ୍ଧକ ତାଙ୍କ ସ୍ୱପ୍ନ ପଥରେ ବାଧକ ସାଜି ପାରିନାହିଁ। ବହୁ ବାଧାବିପତ୍ତି ଆସିଥିଲେ ବି ସେ ଲକ୍ଷ୍ୟ ସହ ସାଲିସ କରି ନାହାନ୍ତି। ନିଷ୍ଠା ଓ ସଙ୍କଳ୍ପ ତାଙ୍କୁ ସଫଳତା ଦିଗରେ ଅଗ୍ରସର କରାଇଛି। ମା'ଙ୍କୁ ହରାଇବାର ଦୁଃଖ ଭିତରେ ବାପାଙ୍କ ପାଇଁ ସେ ବୋଝ ହୋଇନାହାନ୍ତି, ବରଂ ତିନି ଭଉଣୀଙ୍କ ବୋଝକୁ ନିଜ କାନ୍ଧରେ ନେଇଛନ୍ତି। ଏସବୁ ସଂଘର୍ଷ ଭିତରେ ପିଲାଟି ଦିନରୁ ବଡି ବିଲ୍‌ଡିଂରେ ସଫଳତା ପାଇବାକୁ ସ୍ୱପ୍ନ ଦେଖିଥିବା ରଞ୍ଜନ ନାୟକ ନିଜ ଖେଳ ଜୀବନକୁ ଠିକଣା ପଥରେ ପରିଚାଳିତ କରି ସଫଳତା ସାଉଁଟୁଛନ୍ତି।

ଓଡ଼ିଶାରେ ବଡି ବିଲ୍‌ଡିଂ ତଥା ସୁନ୍ଦର ସ୍ୱାସ୍ଥ୍ୟ କ୍ରୀଡ଼ାର ବେଶ୍ ଆଦର ରହିଛି। ବହୁ ପୁରଣା ଦିନରୁ ବି ଓଡ଼ିଶା ଖେଳାଳି ମିଷ୍ଟର୍ ଇଣ୍ଡିଆ ମୁକୁଟ ଜିତିବାର ଏକାଧିକ ଉଦାହରଣ ଅଛି। ଏବେ ବି ଓଡ଼ିଶାର ବଡି ବିଲ୍‌ଡର ଏସୀୟ ଓ ବିଶ୍ୱ ପ୍ରତିଯୋଗିତାରେ କୀର୍ତ୍ତି ଅର୍ଜନ କରୁଛନ୍ତି। ଏଭଳି ସଫଳତାକୁ ଦେଖି ଓଡ଼ିଶା ସରକାର ବଡି ବିଲ୍‌ଡିଂକୁ 'ସ୍ୱୀକୃତିପ୍ରାପ୍ତ ଖେଳ'ର ମାନ୍ୟତା ଦେଇଛନ୍ତି। କେବଳ ଏତିକି ନୁହେଁ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନ ଆଧାରରେ ବି ସେମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବା ଏହି ଖେଳକୁ ଅଧିକ ପ୍ରୋତ୍ସାହିତ କରିଛି। ଏହି ପ୍ରୋତ୍ସାହନରେ ଉତ୍ସାହିତ ହୋଇ ବଡି ବିଲ୍‌ଡିଂକୁ କ୍ୟାରିୟର୍ କରିବାକୁ ଆଗେଇ ଆସିଛନ୍ତି ରଞ୍ଜନ ନାୟକ। ଯାଜପୁର ଜିଲ୍ଲା କୁନ୍ଦପାଟଣା ନିକଟସ୍ଥ ଚାନ୍ଦମୋହିନୀ ଗାଁର ସୁବନ ନାୟକ ଓ ସସ୍ମିତା ନାୟକଙ୍କର ସେ ଏକମାତ୍ର ପୁଅ। ଆତ୍ମନିର୍ଭରଶୀଳ ହେବା ପୂର୍ବରୁ ମା'ଙ୍କୁ ହରାଇ ବସିବା ପରେ ରଞ୍ଜନଙ୍କ ଉପରେ ପଡ଼େ ଦୁଃସ୍ଥ ବାପା ଓ ୩ ଭଉଣୀଙ୍କ ବୋଝ। ତଥାପି ଦବି ଯାଆନ୍ତିନି ରଞ୍ଜନ। ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ତାଙ୍କ ମାନସିକ ଦୃଢ଼ତା ଆଗରେ ହାରମାନେ। କ୍ୟାଣ୍ଟିନ୍ ପରିଚାଳନା ଓ କାର ସୋ'ରୁମ୍‌ରେ ସାମୟିକ ଚାକିରି ଜରିଆରେ ହେଉଥିବା ଆୟରେ ଦୁଇ ଭଉଣୀଙ୍କ ବିବାହ କରାଇ ସାରିଛନ୍ତି। ଏସବୁ ଭିତରେ ବି ନିଜର ପ୍ରଥମ ପ୍ରେମ ବଡି ବିଲ୍‌ଡିଂକୁ ଜାବୁଡ଼ି ଧରି ସଫଳତାର ପାହାଚ ଚଢ଼ୁଛନ୍ତି ରଞ୍ଜନ।

ନିଜ ସଂଘର୍ଷ ଓ ସଫଳତାର କାହାଣୀ ବଖାଣି ରଞ୍ଜନ କହନ୍ତି, 'ପିଲାଟି ଦିନରୁ ବଡି ବିଲ୍‌ଡିଂ ପ୍ରତି ମୋର ଅହେତୁକ ଦୁର୍ବଳତା ଥିଲା। ଯୁକ୍ତ ଦୁଇ ପଢ଼ିବା ପରେ ମୁଁ ଆଇଟିଆଇ କରିବାକୁ କଟକ ଚାଲି ଆସିଲି। ଆର୍ଥିକ ସମସ୍ୟା ସତ୍ତ୍ୱେ ମୁଁ ସେଠାରେ ବଡି ବିଲ୍‌ଡିଂ ପ୍ରତି ଆକର୍ଷିତ ହୋଇ ଜିମ୍‌ରେ ଯୋଗ ଦେଇଥିଲି। ଘର ଅବସ୍ଥା ଭଲ ନଥିବାରୁ କଟକରେ ଚଳିବା ଲାଗି କ୍ୟାଟରିଂ ବଏ ଭାବେ କାମ କଲି। ଭୁବନେଶ୍ୱର ଆସିବା ପରେ ମୋର ବଡି ବିଲ୍‌ଡିଂର ଅନ୍ୟତମ ସଫଳ ଖେଳାଳି ତଥା ପ୍ରଶିକ୍ଷକ ରଶ୍ମିରଂଜନ ସାହୁଙ୍କ ସହ ସାକ୍ଷାତ ହେଲା। ତାଙ୍କ ଦିଗ୍‌ଦର୍ଶନ ଓ ସମର୍ଥନ ମିଳିବା ପରେ ମୁଁ ରାଜ୍ୟସ୍ତରରେ ପଦକ ଜିତିବା ସହ ଜାତୀୟସ୍ତରର ପ୍ରତିଯୋଗିତାରେ ବି ଅଂଶଗ୍ରହଣ କରିଛି। ଓଡ଼ିଶା ବଡି ବିଲ୍‌ଡିଂ ସଂଘ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ ମୁହାସୁଆରଙ୍କ ସମର୍ଥନ ବି ମୋତେ ଆଗକୁ ବଢ଼ିବାକୁ ଦେଇଛି। କଳିଙ୍ଗ ଫିଟ୍‌ନେସ୍ ଜିମ୍ନାସିୟମ୍‌ର ସତ୍ତ୍ୱାଧିକାରୀ ଜିତେଶ ସାରଙ୍କ ସମର୍ଥନ ଓ ସରକାରଙ୍କଠାରୁ ପ୍ରୋତ୍ସାହନ ବି ପାଇଛି। ମୁଁ ନିଶ୍ଚୟ ରାଜ୍ୟ ପାଇଁ ଦିନେ ଅନ୍ତର୍ଜାତୀୟ ପଦକ ଜିତିବି।'

ସୂଚନାଯୋଗ୍ୟ, ୨୦୧୮ରୁ ବଡି ବିଲ୍‌ଡିଂ କରୁଥିବା ରଞ୍ଜନ ଦୁଇ ଥର ମିଷ୍ଟର୍ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ, ରାଜ୍ୟସ୍ତରୀୟ ବିଜୁ କଳିଙ୍ଗ ପୁତ୍ରରେ ଦ୍ୱିତୀୟ ସ୍ଥାନ, ଜିଲ୍ଲାସ୍ତରୀୟ 'ଭୁବନେଶ୍ୱର କୁମାର' ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ କଳିଙ୍ଗ କୁମାର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତୃତୀୟ ହୋଇପାରିଛନ୍ତି। ଲକ୍ଷ୍ନୌରେ ଅନୁଷ୍ଠିତ ମିଷ୍ଟର୍ ଇଣ୍ଡିଆ ଫେଡେରେସନ୍ କପ୍ ବଡି ବିଲଡିଂରେ ଅଂଶଗ୍ରହଣ କରି ଶୀର୍ଷ ୧୦ ଭିତରରେ ସ୍ଥାନ ପାଇଛନ୍ତି। ଏଯାବତ୍ ବିଶେଷ ବଡ଼ ସଫଳତା ପାଇ ନଥିଲେ ମଧ୍ୟ ରଞ୍ଜନଙ୍କ ଭବିଷ୍ୟତକୁ ନେଇ ଢେର ଆଶାବାଦୀ ତାଙ୍କ ପ୍ରଶିକ୍ଷକ ରଶ୍ମିରଂଜନ ସାହୁ। ସେ କହନ୍ତି, 'ରଞ୍ଜନକୁ ଆର୍ଥିକ ଅନଟନ ରୋକିପାରିନାହିଁ। ବଡି ବଲ୍‌ଡିଂରେ ତା' ଭବିଷ୍ୟତ ନିଶ୍ଚିତ ଭାବେ ଉଜ୍ଜ୍ୱଳ ବୋଲି ମୁଁ କହିବି। ସେ ଏଇମାତ୍ର ଆରମ୍ଭ କରିଛି। ପ୍ରତିଭାବାନ୍ ଓ ପରିଶ୍ରମୀ ହୋଇଥିବାରୁ କ୍ୟାରିୟରରେ ସେ ଆଗକୁ ଯିବ। କଳିଙ୍ଗ ଜିମ୍ ଓ କଳିଙ୍ଗ ଷ୍ଟାଡିୟମ୍ ଜିମ୍‌ରେ ଅସ୍ଥାୟୀ ଚାକିରି କରି ସେ ବଡି ବିଲ୍‌ଡିଂ କରୁଛି। କେବଳ ପ୍ରାୟୋଜକ ଯୋଗାଡ଼ ହୋଇପାରିଲେ ସେ ଆହୁରି ଆଗକୁ ବଢ଼ିପାରନ୍ତା।'

## ଶେଷ ମୁହୂର୍ତ୍ତରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଉନ୍ମୋଚନ ସ୍ଥଗିତ



ଲଣ୍ଡନ : ଅହମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣା ଯୋଗୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଲାଗି ପ୍ରସ୍ତାବିତ ଉନ୍ମୋଚନ କାର୍ଯ୍ୟକ୍ରମକୁ ସ୍ଥଗିତ କରି ଦିଆଯାଇଛି।

ସୂଚନା ମୁତାବକ, ଇଂଲଣ୍ଡ ଓ ଭାରତ ମଧ୍ୟରେ ଇଂଲଣ୍ଡରେ ଖେଳାଯିବାକୁ ଥିବା ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍ ଲାଗି ଟ୍ରଫି ନାମକରଣ କାର୍ଯ୍ୟକ୍ରମ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଅବସରରେ ଜୁନ ୧୪ ତଥା ଶନିବାର କରାଯିବାର ଥିଲା। ଏଥିଲାଗି ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରଶନଙ୍କୁ ଆମନ୍ତ୍ରଣ କରାଯାଇଥିଲା। ହେଲେ ଲଡରସରେ ହେବାକୁ ଥିବା ଏହି ଇଭେଣ୍ଟକୁ ଉଭୟ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମିଳିତ ଭାବେ ଅନ୍ତିମ ମୁହୂର୍ତ୍ତରେ ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଷ୍ଟେସନ ମର୍ଣିଂ ଫୁଟ୍‌ବଲ ଲିଗ ଉଦ୍‌ଯାପିତ




ବାରିପଦା (ପିପିଏସ୍): ଷ୍ଟେସନ ଆଥେଲେଟିକ୍ ଆସୋସିଏସନ୍ ଆନୁକୁଲ୍ୟରେ ପଞ୍ଚମ ବାର୍ଷିକ ମର୍ଣିଙ୍ଗ ଫୁଟବଲ ଚମ୍ପିୟାନ ସିପ ୨୦୨୫ ର ଉଦଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ବାରିପଦା ପୌରପାଳିକା ର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଷ୍ଟେସନ ଆଥେଲେଟିକ୍ ଆସୋସିଏସନ୍‌ର ଅଧ୍ୟକ୍ଷ ଗିରିଶ୍ ଚନ୍ଦ୍ର ଦାସ, ପୂର୍ବତନ ଉପବାଚସ୍ପତି ତଥା ଷ୍ଟେସନ ଆଥେଲେଟିକ୍ ଆସୋସିଏସନ୍‌ର ସଭାପତି ସାନନ୍ଦ ମାରାଣ୍ଡି, ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସଞ୍ଜୀବ ଦିଓ୍ୱେଦୀ, ଭଞ୍ଜସେନା ର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଉପସ୍ଥିତ ଥିଲେ।

ଫାଇନାଲ ମ୍ୟାଚ୍ ଆଖଣ୍ଡଳମଣି ଦଳ ଓ ଲକ୍ଷ୍ମୀନଗର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଆଖଣ୍ଡଳମଣି ଦଳ ୧-୦ ଗୋଲ୍‌ରେ ଲକ୍ଷ୍ମୀନଗର ଦଳକୁ ପରାସ୍ତ କରିଥିଲେ। ବିଜେତା ଦଳକୁ ୧୦୦୦୦/- ନଗଦ ରାଶି ସହ ଟ୍ରଫି ଓ ଉପ ବିଜେତା ଦଳକୁ ୭୦୦୦/- ନଗଦ ରାଶି ସହ ଟ୍ରଫି, ତୃତୀୟ ସ୍ଥାନରେ ଥିବା ଏବିସି ତାଡକିଶୋଲ ଦଳକୁ ୨୦୦୦/- ନଗଦ ରାଶି ସହ ଟ୍ରଫି, ଚତୁର୍ଥ ସ୍ଥାନରେ ଥିବା ଛଉପଡ଼ିଆ ଦଳକୁ ୨୦୦୦/- ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଲିଗ୍ ଚମ୍ପିୟାନସିପ୍ ଚଳିତ ମାସ ୪ ତାରିଖରୁ ଆରମ୍ଭ ହୋଇ ଆଜି ୧୫ ତାରିଖରେ ସମାପ୍ତ ହୋଇଥିଲା। ମୋଟ ଦଶଟି ଦଳ ଏହି ଲିଗ୍ ରେ ଅଂଶଗ୍ରହଣ କରିଥିଲେ। ଏହି ଲିଗ୍ ଟିକୁ ଷ୍ଟେସନ ଆଥେଲେଟିକ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସଞ୍ଜୀବ ଦିଓ୍ୱେଦି ଏବଂ ଫୁଟବଲ୍ ସମ୍ପାଦକ ରାମ ହେମ୍ବ୍ରମ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ, ଷ୍ଟେସନ ଆଥେଲେଟିକ ଆସୋସିଏସନ୍‌ର ସମସ୍ତ ସଦସ୍ୟଙ୍କ ଉପସ୍ଥିତ ରେ ପରିଚାଳିତ ହୋଇଥିଲା।

## ମାରକ୍ରମଙ୍କ ଫାଇଟବ୍ୟାକ୍, ୨୪ ବର୍ଷ ତଳର ସ୍ମୃତି କଲେ ତାଜା

ଲର୍ଡସ: ଟେଷ୍ଟ ମ୍ୟାଚରେ ପ୍ରଥମ ଇନିଂସରେ ଆଗୁଆ ରହିଥିବା ଦଳ ସର୍ବଦା ଫାଇଦାରେ ରହିଥାଏ। ତେବେ କ୍ରିକେଟରେ ଏମିତ କିଛି ଅସମ୍ଭବ ସମ୍ଭବ ହୋଇ ପାରିଛି। ଏଭଳି କାରନାମା ପାଇଁ ଆବଶ୍ୟକ ପଡିଥାଏ ଏକ ସ୍ପେସାଲ ଇନିଂସ ବା ସ୍ପେଲ। ଏଭଳି ଏକ ଚମତ୍କାରୀ ଇନିଂସ ୨୦୦୧ରେ ଦେଖିବାକୁ ମିଳିଥିବା ବେଳେ ସମାନ କାରନାମା ୨୪ ବର୍ଷ ପରେ ଆଉଥରେ ଦେଖିବାକୁ ମିଳିଛି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଉଭୟ ଥର ଅଷ୍ଟ୍ରେଲଆ ପରାଜିତ ହୋଇଛି।

ଲର୍ଡସରେ ଖେଳାଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା ୫ ୱିକେଟରେ ବିଜୟୀ ହୋଇଥିଲା। ପ୍ରଥମ ଇନିଂସରେ ପଛୁଆ ରହିଥିଲେ ମଧ୍ୟ ପ୍ରଥମେ ବୋଲର ମାନେ ଦଳକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇଥିଲେ। ପ୍ରଥମ ଇନିଂସରେ ୭୪ ରନରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨୦୭ ରନରେ ଅଲଆଉଟ ହୋଇଥିଲା। ୨୮୨ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଦଳ ପକ୍ଷରୁ ସଙ୍କଟ ମୋଚକ ଭୂମିକାରେ ନଜର ଆସିଥିଲେ ଏଡେନ ମାରକ୍ରମ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୫ ଜୁନ୍ -୨୧ଜୁନ୍ ୨୦୨୫ ରଜ ମଉଜ




ବନସ୍ତେ ଡାକିଲା ଗଜ...
ବରଷକେ ଥରେ ଆସିଛି
ରଜ... ଆଜିଛି ରଜଲୋ
ଘେନି
ନୂଆ ସଜବାଜ । ପହିଲି
ରଜର ଆଗମନରେ ସକାଳୁ
ସକାଳୁ ଗାଁ ଗଣ୍ଡାର ଆମ୍ବ
ତୋଟାରୁ ଶୁଣିବାକୁ ମିଳିଲାଣି
ଏହି ରଜ ଗୀତ। ପାଦରେ
ଅଳତା, ମଥାରେ କୁଙ୍କୁମ,
ହାତରେ ମେହେନ୍ଦି ଓ ନୂଆ
ଜାମା ପରିଧାନ କରିବା ସହ
ପାଟିରେ ପାନ ଖିଲ ମାରି
ଦୋଳି ଖେଳିବେ କୁମାରୀ

**ଜାତୀୟ:** ଫସିଲେ ଯଶୋବନ୍ତ
**ଅନ୍ତର୍ଜାତୀୟ:** ମଝି ନଈରେ ଟ୍ରମ୍ପ
**ବିଶେଷ ପ୍ରସଙ୍ଗ:** ଲୁହ ଦେଇଗଲା ଲୌହଦାନବ
**ନାରୀ:** ଶୋଇବା ପୂର୍ବରୁ ଲଗାନ୍ତୁ ଆଲୋଭେରା
**କ୍ଷୁଦ୍ରଗଳ୍ପ:** ପାଗଳ ଖାନା
**ଚଳଚ୍ଚିତ୍ର:** ଆସିଲେନି ଶାହାରୁଖ୍ ଚଳଚ୍ଚିତ୍ର: ହାଇଏଷ୍ଟ ପେଡ୍ ଷ୍ଟାର
**ଖେଳ:** : ଓଲଟିଗଲା ବାଜି, ବାଜିଗର ଗୁକେଶ
**ମୀନାବଜାର:** ଜାଲ ଓ ମାଛ, ଚର୍ଚ୍ଚାରେ: ବିଶ୍ୱରେ ସବୁଠୁ ମହଙ୍ଗା ଆମ୍ବ, ବିଜ୍ଞାନ: ୫ ସେକେଣ୍ଡରେ ୫ଟି ଏଚ୍‌ଡି ଫିଲ୍ମ, ପର୍ଯ୍ୟଟନ: ଶୈଳ ଶକ୍ତିପୀଠ, ବାସ୍ତୁ: କେଉଁ ଦିଗରେ ଲଗାଇବେ ପକ୍ଷୀଙ୍କ ଫୋଟୋ, ସ୍ୱତନ୍ତ୍ର ପ୍ରସଙ୍ଗ: ଟ୍ରମ୍ପଙ୍କ ଗୋଲଡେନ୍ ଡୋମ୍, ଆଞ୍ଚଳିକ: ଥକିନି କାନ୍ଧ, ଛାଡ଼ିନି ନିଶା, ଧର୍ମ: କାହିଁକି ନନ୍ଦୀଙ୍କ କାନରେ କୁହାଯାଏ ?, କବିତା: ଆସିଛି ଏବେ ରଜ, ଜାଣନ୍ତି କି ? : ଷ୍ପେସସୁଟ୍‌ଠାରୁ ରକେଟ୍ କାହିଁକି ଧଳା ? ସ୍ୱାସ୍ଥ୍ୟ: ସୁସ୍ଥ ରହିବା ପାଇଁ ଖାଆନ୍ତୁ ଜାମୁକୋଳି ଏତଦ୍‌ବ୍ୟତୀତ ଆହୁରି ଅନେକ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


## ସେମିଫାଇନାଲରେ ପୁରୀ-ଭୁବନେଶ୍ୱର, ରାଉରକେଲା-ବାଲେଶ୍ୱର ଲଢ଼େଇ



ଭଣ୍ଡାରିପୋଖରୀ (ପିପିଏସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ କେନ୍ଦୁଆପଦା ରେଳ ଷ୍ଟେସନ ନିକଟସ୍ଥ ଗଣ୍ଡଗରା ଗ୍ରାମର ଜୟପ୍ରକାଶ କ୍ଲବ ତରଫରୁ ପବିତ୍ର ରଜପର୍ବ ଉପଲକ୍ଷେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସେମିଫାଇନାଲରେ ପହଁଚିଛି । କ୍ଲବ ପକ୍ଷରୁ ଦୀର୍ଘ ୫ବର୍ଷ ଧରି ଆୟୋଜିତ ହୋଇଆସୁଥିବା ଏହି କବାଡି ପ୍ରତିଯୋଗିତାରେ ଓଡିଶାର ପୁରୀ, ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ଝାରସୁଗୁଡା, କଟକ, ଯାଜପୁର ଓ ଭଦ୍ରକ ଆଦି ବିଭିନ୍ନ ଜିଲ୍ଲାରୁ ଏଥର ବଛାବଛା ଶକ୍ତିଶାଳୀ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ କ୍ୱାଟରଫାଇନାଲର ଶେଷ ହୋଇଥିବା ସମସ୍ତ ମ୍ୟାଚରୁ ପୁରୀ,ଭୁବନେଶ୍ୱର, ବାଲେଶ୍ୱର ଓ ରାଉରକେଲା ପ୍ରଥମ ଦଳ ଭାବେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିବା ନେଇ ସଂପାଦକ ଅଶୋକ କୁମାର ସେଠୀ ଓ ସଭାପତି ସରୋଜ ସାହୁ କ୍ଲବ ତରଫରୁ ଜଣାଇଛନ୍ତି । ଖେଳ ପ୍ରାରମ୍ଭରୁ କ୍ରିଡାବୀତ ମାନଙ୍କୁ ସ୍ୱାଗତ କରିବା ଅବସରରେ ଆୟୋଜିତ ଏକ ସଭାରେ ସମାଜସେବୀ ଅନିରୁଧ ଯେନା , କ୍ଲବର ସଭାପତି ସରୋଜ ସାହୁ , ସଂପାଦକ ଅଶୋକ କୁମାର ସେଠୀ ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍‌ସାହୀତ କରିଥିଲେ । ସ୍ଥାନୀୟ ଅଂଚଳରେ ଏଭଳି ଏକ ଚିତାକର୍ଷକ ଆୟୋଜନକୁ ନେଇ ବହୁ ଖୁସି ମନାଉଥିବା ବେଳେ ଏହି ଖେଳକୁ ଦେଖିବା ପାଇଁ ଗଣ୍ଡଗରା ଗ୍ରାମକୁ ହଜାର ହଜାର ଦର୍ଶକଙ୍କ ଭିଡ ଜମୁଛି । ଆଜିର ପ୍ରଥମ ସେମିଫାଇନାଲରେ ପୁରୀ ଓ ଭୁବନେଶ୍ୱର ଏବଂ ଭୋଗରାଇ ବଲେଶ୍ୱର ସହ ରାଉରକେଲା ମଧ୍ୟରେ ମହାମୁକାବିଲା ହେବ ବୋଲି ଦର୍ଶକ ମହଲରୁ ଜଣାଯାଇଛି । ଏହି ଖେଳକୁ ଜୟପ୍ରକାଶ କ୍ଲବ ପକ୍ଷରୁ ମନୋରଂଜନ ମହାପାତ୍ର, ପଦ୍ମନାଭ ଲେଙ୍କା, ସୁରେଶ ନାୟକ, ଗଣେଶ ପରିଡା ପ୍ରମୁକ ସହଯୋଗ ଓ ପରିଚାଳନା କରିଥିଲେ ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583